ଅସ୍ମତ୍ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକ ମାନ କଟକ ଦର୍ଘାବଜାର ଟ୍ରେଣିଂସ୍କୁଲ୍ମାନଙ୍କ ଓ ଭୁକ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଢେଙ୍କାନାଳ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ଅତ୍ୟନ୍ତ ସୁଲଭ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ଭି ପେଲ୍ୟୁପେବଲର ପାର୍ଶଲରେ ନେବାକୁ ହେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଜୀବନଚରିତ୍ର (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ / ୬ |
| ସଙ୍ଗୀତସାଗର ପ୍ରଥମ ତରଙ୍ଗ | ଟ ୦ ৶ |
| ଏଜନ ଦ୍ୱିତୀୟ ତରଙ୍ଗ | ଟ ୦ ৶ |
| ଏଜନ ତୃତୀୟ ତରଙ୍ଗ | ଟ ୦ ৶ |
| ଏଜନ ଚତୁର୍ଥ ତରଙ୍ଗ | ଟ ୦ ৶ |
| ଏଜନ ପଞ୍ଚମ ତରଙ୍ଗ | ଟ ୦ ৶ |
| ଏଜନ ଷଷ୍ଠ ତରଙ୍ଗ | ଟ ୦ ৶ |
| ସଙ୍ଗୀତ ସଂସାର | ଟ ୦ ৶ |
| ରସଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ৶ |
| ପାରିଜାତମାଳା (ଶ୍ରୀମତୀ ସୁଲକ୍ଷଣା ଦେବୀ କୃତ | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ৶ |
| ବର୍ଷାକାଳ ବର୍ଣ୍ଣନା | ଟ ୦ ୧ ୯ |
| ସମରତରଙ୍ଗ | ଟ ୦ ৶ |
| ବାଲ୍ୟଯାତ୍ରା | ଟ ୦ / |

ଶ୍ରୀ ଦାମୋଦର ପଟ୍ଟନାୟକ

ଗଭର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, ନବାବିଷ୍କୃତ ଓ ଶାସ୍ତ୍ରୀୟ ଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ଦୃଢ଼, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ନରମ ହୁଏ, ମସ୍ତକର ରୁକ୍ଷ ବିନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ । ଅଧିକ, ମସ୍ତିଷ୍କ ଦୌର୍ବଲ୍ୟ ସ୍ୱପ୍ନଦୋଷ ଦୁର୍ବଳତା ଜନିତ ମୁଣ୍ଡ ଘୂରା, ଚକ୍ଷୁଦାହ, ଦୃଷ୍ଟି ଦୌର୍ବଲ୍ୟ ଏ ସମସ୍ତର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ଦୁଇବୋତଲ ଟ ୧ ପାକିଂ ଓ ଡାକମାସୁଲ ଟ ୦ ।/

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ, ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ସନ୍ତାଣଦ୍ରାବ ଫୁଲ ଏବଂ କ୍ଷତ ପ୍ରଭୃତିର ପ୍ରଧାନ ଔଷଧ । ରୋଗୀ ସୁଦ୍ଧ ବସି ଚିକିତ୍ସା କରି ଆରୋଗ୍ୟ ଲାଭ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା କରି ଉପଯୁକ୍ତ ଔଷଧ ପଠାଯିବ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୲ ଡାକମାସୁଲ ଟ ୦ ৶

# ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ରଜଅନିୟମ ପେଟର ବେଦନା, ଗର୍ଭଗ୍ରହଣର ଅକ୍ଷମତା, ପ୍ରସବକାଳରେ ଯାତନା ରୋଗର ଅବସ୍ଥା ଦୂରୀଭୂତ କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୲ ଡାକ ମାସୁଲ ଟ ୦ ।৶

## ଅମୃତ ବଲ୍ଲୀ କଷାୟ ।

ପାରଦୋଷର ନାଶକ ଓ ଉପଦଂଶର ଫଳପ୍ରଦ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧୲ ଡାକମାସୁଲ ଟ ୦ ৶

## ଶୋଣିତ ଶୋଧକ ।

ବାତ ରକ୍ତ ଓ କୁଷ୍ଠ ରୋଗର ଅଶ୍ରୁ ଦୂରକାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅପରିମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ କୁତୂହଳ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତେଲ ଓ ଦୁଇ କୌଟା ବଟିକା ଟ ୪ ଡାକମାସୁଲ ପ୍ରଭୃତି ଟ ୦୲

# ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲ ଟ ୦ ৷৶

### ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ
କଟକର ଏକମାତ୍ର ଏଜେଣ୍ଟ:
ବାଲୁବଜାର, ଚାନ୍ଦନୀଚୌକ, କଟକ
ଅଥବା ନଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋଅରଚିତପୁର ରୋଡ଼
କଲିକତା।

# ବିଜ୍ଞାପନ ।

ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ପୃଥିବୀ ବ୍ୟାପିତ

# ସର୍ବଜ୍ୱର ଗଜସିଂହ ।

୨୪ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୲ ମଧ୍ୟମ ଟ ୧୧ ଛୋଟ ଟ ୦ ৷/ ଡାକମାସୁଲ ୧ଠାରୁ ୬ ଶିଶି ଟ ୦ ৶

# କର୍ଣ୍ଣ ଦାବାନଳ ।

ତାଳୁ ଆଦ ଯାବତୀୟ କର୍ଣ୍ଣ ରୋଗ କ୍ଷଣେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।৶ ଡାକମାସୁଲ ୧ଠାରୁ ୬ ଶିଶି ଟ ୦ ৶

# ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଜାଉଁଆଦ ଚର୍ମରୋଗ ବିନା ଜ୍ୱାଳାରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।৶ ଡାକମାସୁଲ ୧ଠାରୁ ୧୨ ଶିଶି ଟ ୦ ৶

ଏହି ନକଲ ହୋଇଅଛି ସେଥିପାଇଁ ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଗ୍ରହଣ କରିବେ । ଏହା ସକଳ ଡାକ୍ତର ଖାନା, ଦୋକାନରେ ପାଇବେ ନ ପାଇଲେ ପୃଥିବୀର ଯେ କୌଣସି ସ୍ଥାନରୁ ଯେ କେହି ଆମ୍ଭକୁ ସ୍ୱାକ୍ଷରରେ ପତ୍ର ଲେଖିଲେ ଭି, ପି, ପାର୍ଶଲରେ ପଠାଇବୁଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେବୁଁ ।

ଠିକଣା ଶ୍ରୀ ଲଲମୋହନ ସାହା ଶଙ୍ଖନିଧି
ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଶାରଦାପ୍ରସାଦ କବିରତ୍ନଙ୍କ ନିକଟରେ ମିଳେ ।

Lal Mohan Saha Sankhanidhi
Baburbazar, Dacca,

## ଦୀନବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୟ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପରନ୍ତୁ ସ୍ଥଳ ଭିନ୍ନ ଭେଲ୍ୟୁପେବଲ ପାର୍ଶ୍ୱଲରେ କାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ରିପ୍ଲାଇପୋଷ୍ଟ କାର୍ଡ଼ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

ଦୀନବନ୍ଧୁ ଔଷଧାଳୟ } ଶ୍ରୀ ବାଲକୃଷ୍ଣ ଦାସ
ଚଉଧୁରୀବଜାର, କଟକ } କବିରାଜ
୩୦।୧୧।୧୯୦୪ ଶ୍ରୀ ରାମଚନ୍ଦ୍ର ସେନ

## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon. Major Jayakar says: That it is a safe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of Dr. H. L. Batliwalla's, Worli—Dadar Bombay and everywhere.

At Re. 1 per bottle Discount to the Trade.

Digitized by srujanika@gmail.com

Split by PDF Splitter



# ନବରତ୍ନ ।



ଏହା ବହୁଷବଲଦ୍ଧ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ କୌଣସିରୂପ ଅତ୍ୟୁକ୍ତି ଅନୁ-ପ୍ରୋଜନ ।

୧ । ଧନ୍ୱନ୍ତରୀ ବଟିକା—ପ୍ରସୁତରେ ଧନ୍ୱନ୍ତରୀ । ଏହା-ଦ୍ୱାରା ଜ୍ୱର, ଏକ୍ଷ୍ୟ, କଫ, ତେଲ ଓ କାର୍ଶରୋଗ, ଦୁର୍ବଳ ଏବଂ ଉଦ୍ଭୁତ ସ୍ୱପ୍ନଦୋଷ ଜ୍ୱର, ସୂତିକା ଓ ପଦରୋଗ, ଶିଶୁଗଣଙ୍କରେ ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଅରୋଗ୍ୟ ହୁଏ । ମୂଲ୍ୟ—ନ ୧ ସ୍ଥର ଡବା ( ୧୬ ବଟିକା ) ୦।୬ ନ ୨ ସ୍ଥର ଡବା ( ୩୦ ବଟିକା ) ୧।୦ । ନ ୩ ସ୍ଥର ଡବା ( ୫୦ ବଟିକା ) ୧।୧୦ ।

୨ । ବସନ୍ତ ଦାହକେନ୍ଦୁ—ଏହା ଦାଦ, ଦିଶଦୁଷ, କୋଡ଼ ବା କରଜାବୁ ଓ ଅଶ୍ୱାସାଦୁ ପ୍ରଭୃତି ସର୍ବପ୍ରକାର ଚର୍ମରୋଗ ପରୀକ୍ଷିତ ଓ ଅମୋଘ, ଜ୍ୱାଳା ଯନ୍ତ୍ରଣା ଶୂନ୍ୟ, ଅଶ୍ରୁଫଳ ପ୍ରଦ ଓ ସୁଲଭ ଔଷଧ । ଏଥିରେ ଲେପ ଅଳେ ସମ୍ପୂର୍ଣ୍ଣ ଭଲ ହେଲେ ପଚାରିବା ହୁଏ ନାହିଁ । ମୂଲ୍ୟ—୧ ଡବା ୦।୨ । ଡାକଖ ୦।୨

୩ । ଚକ୍ଷୁଦାବାନଳ—ଏଥିରେ ଚାକ୍ଷୁ ସ୍ତମ୍ଭ ଓ ପ୍ରଭୃତି ନାନାପ୍ରକାର ଚକ୍ଷୁରୋଗ ଅତି ସତ୍ୱରରେ ଅରୋଗ୍ୟ ହୁଏ ଓ ଚାକ୍ଷୁରେ ଥିବା ଝାଁଖଣଗଣ ଅଚଳରେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତିଡବା ୦।୧, ଡାକ ଡ଼ାଳ ୦।୨ ।

୪ । ଷଡବୁଲାନ୍ତକ—ଏଥିରେ ସର୍ବପ୍ରକାର ସା ସଥା; ଘର୍ମି, ବିଗାଦଲ ଦା ପ୍ରଭୃତି ଦୁଷ୍ଟପଡ଼ ଅତି ସତ୍ୱରରେ ଓ ବିନା ଜ୍ୱଳାଣରେ ଅରୋଗ୍ୟ ହୁଏ । ଟିକମାନଙ୍କର ଛାଁଦ୍ଦ୍ୱା-ଚୀନ ଘା ବରଷ୍ଣ ବା ବଭା ଘା ଓ ନରବ ଘା ଉପରେ ମନ୍ତ୍ରବତ୍ କର୍ମ କରେ । ମୂଲ୍ୟ—୧ ଡବା ୦।୦ । ଓ ଡ଼ାକ ୦।୨

୫ । ଶୂଲଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅର୍ଦ୍ଧଭେଦ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଅନିବାର୍ଯ୍ୟ ହୁଏ । ମୂଲ୍ୟ—ପ୍ରତିଡବା ୦।୫; ଡାକ ଭଡ଼ା ୦।୨ ଙ୍କା

୬ । ପ୍ରମେହସୁଧା—ଯୌବନର ପ୍ରଥମାବସ୍ଥାରେ ପ୍ରମେ-ହରୋଗ ଏକଚର ପରିଣାମ । ଏହା ଏଥିରେ ଅଲ୍ପମଣ କଲେ ହିତାହିତର ଜ୍ଞାନ ଥାକି ସେହି ସମୟ କରେ ଏପରି ସୁଫଳ ଦେବାର କାହାରି ରୋଗ ଆରୋଗ୍ୟ କରେ । [illegible] ଔଷଧ ପ୍ରମେହସୁଧା । ଏଥିରେ ପ୍ରମେହ ଦୋଷ ସମ୍ପୂର୍ଣ୍ଣ-ରୂପେ ବେଗଳ ନଷ୍ଟ ହୁଏ ଓ ସ ୨୫ ଘା ମଧ୍ୟରେ ଜ୍ୱାଳା ରୋଗ ନିବାରଣ ହୁଏ । ଏହା ସେବନ କରିଲେ ଓ ଧାତୁ ପୌଷ୍ଟିକଶକ୍ତି ଏବଂ ଅଗ୍ନିବର୍ଦ୍ଧନ ଓ ଶରୀର କାନ୍ତି ଦୀପ୍ତି ବର୍ଦ୍ଧିତ ହୁଏ; ଅଶୁଚ ରକ୍ତ ଅଶୋଧ ହୁଏ । ମୂଲ୍ୟ—ପ୍ରତିଡବା ୦।୧୨; ଡାକଭଡ଼ା ୦।୨(ଙ୍କା

୭ । କର୍ଣ୍ଣାମୃତତୈଳ—ଏହା ନୂତନ ଓ ପୁରାତନ ସର୍ବପ୍ରକାର କାନପୂଜ, କାନର ଘଙ୍ଘଳ ଅବ୍ୟର୍ଥ ଔଷଧ ମୂଲ୍ୟ ଛୋଟ ଶିଶି—୦।୫; ବାଇଶିଶି ୦।୮( ଙ୍କା

୮ । ଅମୃତରସ—ଶେଷର ନାମ ବେଦନାରେ ଶୂଳ ବ୍ୟଥା ଓ ଫୁଲା ପ୍ରଭୃତି ଅତ୍ୟନ୍ତ ଅଶ୍ରୁଫଳପ୍ରଦ ଔଷଧ । ଅତ୍ୟନ୍ତ ମଧ୍ୟ ଏଥିରେ ଅମ୍ଳଶୂଳ, କର୍ଣ୍ଣଶୂଳ ପିତ୍ତ ଶୋଥ, ଅଜୀର୍ଣ୍ଣ, ଅତିସାର, କ,ଳ, ପର୍ଚ୍ଚ ପ୍ରଭୃତି ରୋଗ ଅରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ୦।୧ ଓ ଡାକ ୦।୫ ଙ୍କା

୯ । ଡାଗସୁଖଦତୈଳ—ଏହା ଅଶାଧର, ଅର୍ଦ୍ଧଶିରା ଅନିଦ୍ରା ଓ ଅଶାର ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ଛୋଟ ଶିଶି ୦।୫, ବାଇ ଶିଶି ୦।୮( ଙ୍କା

ନବରତ୍ନ ବ୍ୟତୀତ ଜନ୍ମ ରକ୍ଷିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ଦେଶୀ ସ୍ୱର୍ଣ୍ଣ ପୁଣ ଶିଶି | ୦।୫ | ବାଇଶିଶି | ୦।୮( |
| ପାଚନସ୍ଥିତ ଅର୍କ | " | ୦।୫ | " | ୦।୮( |
| ଅମୃତାର୍ଦ୍ଧ ଶାଲସା | " | ୦।୧ | " | ୦।୧୮( |
| ମାଲଗାହୁମ୍ ତୈଳ | " | ୦।୦୬ | " | ୦।୭( |

ଡାକମାଶୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାକାନ୍ତ ଦାସ ବାଲେଶ୍ୱର

# ବିଜ୍ଞାପନ ।

## ସଞ୍ଜୀବନୀ ଟିକା ।

ମାଶୁଲ ୦।୦।୬

ଇନ୍ଫ୍ଲୁଏଞ୍ଜା ପ୍ରଭୃତି ମହୌଷଧ ସେବନରେ ପେଟକାମୁଡ଼ା ପେଟ ଫମ୍ପିବା, ଖାଇବା ଓ ଶୂଳ ଦୋଷାଦ ଦ୍ୱାରା ଇତ୍ୟାଦି ରୋଗ ଶୀଘ୍ର ଅରୋଗ୍ୟ ହୁଏ ।

କୋଷ୍ଠବଦ୍ଧ ବା ସ୍ୱପ୍ନ ମେହ । **ସୁଧାଚନ୍ଦ୍ରୀ** ଅନେକ ଔଷଧ

ଦେଖିବାରେ ଦ୍ରୁତ ଉକ୍ତ ଚାପାଇବେ ଜ୍ୱାଳା ଯନ୍ତ୍ରଣା ଅତି ଦୁର୍ବଳ ଶାନ୍ତ ହୁଏ, ଶ୍ରୀ ସ୍ୱରଭଙ୍ଗ କୋଷ୍ଠବଦ୍ଧ ବ ସ୍ୱପ୍ନ ମେହ ଭଳି ସ୍ଥଳରେ ଅରୋଗ୍ୟ ହୁଏ, ୫ ୩।୬ ର ମଧ୍ୟରେ ଚମତ୍କାର ଫଳ ଦେଖାଯାଏ ।

ମୂଲ୍ୟ ଏକପାତକେଟ ୧।୧ ଙ୍କା ଡ, ପି, ୧ ।୬ ।

## ସର୍ବକ୍ଷତାନ୍ତକମଲମ

( ଘାଉଦାନ ବୁଦ୍ଧିଭଦ୍ରବର୍ଣ୍ଣ ଚୂର୍ଣ୍ଣ )

ମୂଲ୍ୟ ଏକ କୌଟା ୧।୦ ଙ୍କା ଡ, ପି ୧।୬

କଠିନ ଘାଉ କ୍ଷତ ଓ ଗାଁ ଜଳଣ ଓ ସର୍ବବିଧ ଘାଉଘା ସା ଶୀଘ୍ର ଅରୋଗ୍ୟ ହୁଏ ।

## କାମକଳ୍ପତରୁ ରସାୟନ ।

ଏହା ସେବନରେ ବିବିଧ ଦୋଷ ଦୂରେ, ପୁରୁଷ ମେହ ଶାନ୍ତ, ସୁକ୍ର ବାଢ଼େ ଓ ଧାରଣା ଶକ୍ତି ବୃଦ୍ଧି ହୁଏ ରୂପ ଶ୍ରୀର ଉଜ୍ଜ୍ୱଳ ସୁଖ ( ମୋଟା ) ଓ ବଳଶୀ ହୁଏ । ସ୍ୱାସ୍ଥ୍ୟକାଳରେ ସେବନ କଲେ ଅଲୌକିକ ଶକ୍ତି ଓ ଉଲ୍ଲସି-ତାର ବୃଦ୍ଧିପ୍ତ ସୁଖ ଅନୁଭବ କରିବ । । । ମୂଲ୍ୟ ଏକ କୌଟାର ୦।୧୮ ଙ୍କା ଡ଼ାଃ ପିଃ ମାଶୁଲ ୦।୬ ।

ଶ୍ରୀ ଦ୍ୱାରକାପ୍ରସାଦ ଚକ୍ରବର୍ତ୍ତୀ

ବୈଦ୍ୟ, କ୍ଷେତ୍ରକା ୮ କାଶୀଧାମ

# ବିଜ୍ଞାପନ ।

## ପ୍ରଭାକର ।

ଉତ୍କଳର ଗ୍ରାମରେ ସମ୍ବାଦ, ସବଳ ପ୍ରତିବିନ୍ଦୁ ସ୍ୱରାଜ୍ୟ ଆମ୍ଭୁ ଉଚ୍ଚ ସମ୍ବାଦପତ୍ର 'ପ୍ରଭାକର' ଲତାପ୍ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣ କରିଅଛି । ପ୍ରାକୃତିକ ଉତ୍କଳ-ରେ ଏହାର ଆଦର ସମାପେକ୍ଷା ଅଧିକ । ଦେଶର ଖ୍ୟାତ-ଶୀଳ ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକପତ୍ର ନମୁନା ସ୍ୱରୂପ ପଠାଯିବ- ଅଗ୍ରିମ ବାର୍ଷିକମୂଲ୍ୟ ଏକଟଙ୍କା ଅଠଅଣା ମାତ୍ର ଓ ଉତ୍କଳମଧୁପ୍ର ମାସିକ ପ୍ରକାଶ ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକ ଅଣା ମାତ୍ର ।

ମ୍ୟାନେଜର-ପ୍ରଭାକର, ଭଦ୍ରା ପୋଷ୍ଟ, ଗଞ୍ଜାମ ।

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଉତ୍ତମ ଫିତା, ଅନାବୃତମୁଖ, ଚକେଲ, ଗ୍ରନ୍ଥସ୍ଥଳ ୦।୩ ; ଉତ୍ତମ ଫିତା ୦।୩ ; ରେଲଓଏ ରେସ୍ଥଳ-ଟର ଫିତା ୦।୪ । ; ୦।୫ ଓ ୦।୧ ; କୋରସ୍ଥଳର ବୋଂ ଫିତା ଟେବଲ ୨୮ ; ଏକ ରୌପ୍ୟ ଦ୍ୱାଦଶ ୧୦ ଓ ୧୫; ଭର୍ମି ଆଲମ୍ ଟେବ ୨।୧୨; ଟ, ଇ, ୦।୩ ଙ୍କା; "ଏକଟୋରେସ୍ର" ଫିତା ୦।୩ ୨।୫; ଗାତ୍ରା ଆଲମଟିଗ(ରକ ଓ ଅଥବା ବାଟକାର) ୨।୫ ଓ ୨।୭ ଙ୍କା । ପ୍ରତ୍ୟେକ ଉତ୍ତର ସେରେଣ୍ଡ ଚଷ ଘାଏ ଓ ମାସ୍ତୁଲ ସ୍ୱତନ୍ତ୍ର ଲଗେ । ଭି, ପି, ନାହିଁ ।

ଏହି ଔଷଧାଳ ବଳରେ ଉତ୍ତମ (୧) "ସୁରହିଟ୍", ଏ ପ୍ରଟିକାର, ଅଶ୍ମ ଓ ଟେଠିକାର ଇତ୍ୟାଦି ସ୍ତ୍ରୀରୋଗ ଓ ଚର୍ମ ପ୍ରକାର ନୂତନ ଓ ପୁରାତନ ବାତରୋଗରେ ଅତି ଶୀଘ୍ର ଅରୋଗ୍ୟ କରେ । (୨) "କୁଇନ୍" ଏ ସର୍ବପ୍ରକାର ଘା, କ୍ଷତ, ନାଳୀ ଘାର ଏକମାତ୍ର ଔଷଧ । (୩) "ଅଲ୍ଟ" ଏ ସର୍ବପ୍ରକାର ଅର୍ଶ, ଅର୍ଦ୍ଧମାତ୍ରାର ମହୌଷଧ । ପ୍ରତ୍ୟେକର ମୂଲ୍ୟ ୧ ଙ୍କା ମାତ୍ର । ମାଶୁଲ ୦।୦।୬ ଅଣା ଅଧିକ । ପରୀକ୍ଷା ପ୍ରାର୍ଥନୀୟ ।

ମେଲ ଦ୍ରାଗ, କୋ ନ ୧୯, କନ୍ଧମଖୋଲର ଷ୍ଟ୍ରିଟ, ଶାଁଟାଟୋଳା କଲିକତା

## ଉପନିଷତ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତ-ରେୟ, ମୁଣ୍ଡକ, ଛାନ୍ଦୋଗ୍ୟ କାଟେନ, ତୈତ୍ତିରୀୟ, ମାଣ୍ଡୂକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଦଶଟି ସୁନ୍ଦର ସଂସ୍କୃତ ମୂଳଗ୍ରନ୍ଥକୁ ଶ୍ରୀ ପଣ୍ଡିତ-ମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦ ମୂଲ୍ୟ ୦।୦।୩ ଡାକମାଶୁଲ ୦।୦।୧ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

## ହରିବଂଶ

## ମହାଭାରତାନ୍ତର୍ଗତ

## ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତର ଅନୁବାଦ ପଣ୍ଡିତ ମାନ୍ୟ କେଶବ-[illegible] କେଦାରା ଲଟଖରଙ୍କ କାଟେକ ୧୬ରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ୦।୧ ଙ୍କା ଡାକମାଶୁଲ ସମେତ କାର ଟିଙ୍କବଣ୍ଣଙ୍କ ଏ କାଟଣିରେ ଉକ୍ତ ଦେଖାଯାଉ ।

[illegible] ସମ୍ବଲପୁରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

ସାପ୍ତାହିକ ସମ୍ବାଦ ପତ୍ରିକା ।

# THE UTKAL DIPIKA.

ଖଣ୍ଡ ୪୦ ଶ
ସଂ ୩୧ ସଂଖ୍ୟା

CUTTACK, SATURDAY THE 5 th Augus 1905.
ଦ ୨୨ ଶ ଶ୍ରାବଣ ସନ ୧୩୧୨ ସାଲ ଶନିବାର
ସହର କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନି ଲିମିଟେଡ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରୀମ ଟ ୩୲
ପଶ୍ଚାଦେୟ ଟ ୬୲

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ଟ° ।✓ ଓ ଅର୍ଦ୍ଧସ୍ତମ୍ଭକୁ ଟ ୬୲ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ୧୦ ମାତ୍ର । କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ମୂଲ୍ୟ ଟ° ॥ ଆଣାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

# NOTICE.

Wanted two temporary Sub-overseers for 7 months on Rs. 55 + Rs. 15 horse allowance. No one need apply who is not qualified under the rules and has no experience of at least 5 years. The selected candidates will have to join on 1st September positively. The applications will be received upto 15th. August 1905.

Cuttack District Engineer's Office, 29-7 1905.

NAGENDRNATH MITRA
*Distr. Engineer.*
Cuttack.

WANTED a Head Master for the M. E. School at Ganja in the Kanika Raj. Salary Rs. 25 to Rs. 30 per mensem according to qualifications. None need apply who has no experience as a tutor. A graduate knowing Uriya and Bengali will be preferred.

The selected candidate can expect to make a good income by private tuition.

The appointment will be for one year for the present, but there is likelihood of its being made permanent.

Applications will be received by the undersigned up to the 22nd proximo.

Ganja P. O.
Dt. Cuttack
31—7—05

Kshitish Chandra Sirkar,
*Manager*
KANIKA RAJ.

WANTED a Compounder for Dhenkanal Dispensary. Pay Rs. 15 (fifteen) a month.

SARADA PRASAD DAS
*Assistant Surgeon*
DHENKANAL.

Wanted, 3 Foresters on a salary of Rs. 25 with a fixed Travelling allowance of Rs. 7 each and a mohorir on Rs. 20 per month, for the Dhenkanal State Forest Department.

Applications will be received by the undersigned up to the 10th proximo. Candidates must state their age and if they have knowledge of surveying.

Dhenkanal Manager's Office 19-7-1905.

S. C. BOSE.
*Manager.*

Wanted immediately 2 Temporary Draftsmen well up in Oriya and English printing work for the Drawing Section of the Bamonghatti Settlement, Mourbhanj State. Pay Rs. 20 per month. Applications shall be received by the undersigned up to the 1st week of August 1905.

P. M. MUKERJI
*Assistant Settlement Officer In charge*
Sub-Division Bamonghatti
P. O. Bahalda
Orissa.

23-7-1905

Wanted by the District Board of Balasore a peripatetic Gymnastic teacher on a salary of Rs. 15 per month. None need apply who is not trained in the Cuttack Training School and possesses no knowledge of both Gymnasium and Drill under the new method. Applications with copies of testimonials will be received by the undersigned up to the 15th August 1905.

Balasore District Board's Office, 20-7-1905.

B. N. De.
Vice-Chairman.

## ବିଜ୍ଞାପନ ।

ଶ୍ରୀ ସୁଜାସାହେବ ଓ ଶ୍ରୀ ଜମିଦାର ମହାଶୟ ଓ ଶ୍ରୀ ମହାଜନ ଓ ସର୍ବସାଧାରଣ ଭକ୍ତବୃନ୍ଦମାନଙ୍କ ଶ୍ରୀ ଚେବର୍ତ୍ତୀ ଅଜନ ଅର୍ଚ୍ଚନା । କ । ଲକ୍ଷ୍ମଣଠିପଡ଼ା । ମୁ । ଅଦ୍ଭୁତ ଜଦାସିଙ୍କର ଜଣାଉଅଛୁଁ କ ବର୍ତ୍ତମାନ ଅଗ୍ନିର ଜ୍ୱଳନ ଦ ୩୫ ବର୍ଷ ହେଉଅଛି ଅମ୍ଭଙ୍କ ଯେ କଥା ସ୍ୱପ୍ନରେ ଥରେ ମାତ୍ର ଦେଖା ନ ଥିଲି ବର୍ତ୍ତମାନ୍ ସେହିଠା ଏହୁ ଯେ ଅଜନ୍ତୁ ଏକମାତ୍ର ହେଉ ଅର୍ଥାତ୍ ଆଷାଢ଼ ଦ ୭ ନ ସୋମବାର ରାତ୍ରି ଘ ୪ ଣ୍ଟା ସମୟରେ ବୃଷଭି ପୁରୁଷ ଅପ୍ରେହଣ ପୂର୍ବକ ଏକ ମହାତ୍ମା ନିର୍ଣ୍ଣଳଧାରୀ ବୈଷ୍ଣବରୂପେ ଉପସ୍ଥିତ ହୋଇ । ତୁ । କେଇଦିନରୁ ମୋର ସରଗ ଚୁନ ଉଡ଼ିଗଲା ଗୋଟିଏ ମନ୍ଦିର ଭଗ୍ନର ହୋଇଦେଲୁ ମୁଁ ସେ ସ୍ଥାନରେ ରହୁଛି । ମୁଁ ସେ ବଶ ମୋର ନାମ ପରେ ପ୍ରକାଶ କରେ । ମୁଁ କହିଲି ତୁମ୍ଭର ମନ୍ଦିର ଭଗ୍ନର କରିବାରୁ ମୋର କଷ୍ଟ କାହିଁ ? ସେ କହି କଲେ ମୋର ସମସ୍ତର ଭକ୍ତଜନମାନେ ପୂର୍ଣ୍ଣ ଅଛନ୍ତି ସେମାନଙ୍କଠାରୁ ମାଗିକରି ମୋର କାର୍ଯ୍ୟ ସମ୍ପୂର୍ଣ୍ଣ କରାଇବୁ ମୋର ଭକ୍ତବୃନ୍ଦମାନଙ୍କ ମନସ୍କାମନା ସିଦ୍ଧ କରିବି । ଏହିପରି । ତୁ । ଦେବ ମହାତ୍ମା ସ୍ୱପ୍ନରେ ଅନ୍ତର୍ଦ୍ଧାନ ହେଲେ ତହୁଁ ଯଉ ଦିବସ୍ ଏ କଥାକୁ ଆଉ କେତେମାନଙ୍କଠାରେ ପ୍ରକାଶ କରିବାରୁ ସେମାନେ କହିଲେ ଏକ ବୈଷ୍ଣବ ରୂପ ଦିନେ ଜଣେ ଆସିଲେ ଦୁର୍ଲ୍ଲଭ ସେଥିରେ ହେଲା ନ କରି ତାଙ୍କ ଶକ୍ତି ଶାସନ କର ଏହିକର ମୋର ସ୍ୱପ୍ନରେ କହି ପଥର ଓ ଇଟା ଚୂନ ଭାଡ଼ା ପ୍ରଭୃତି ନାମକ ଏକଜଣ ଠିକାଦାର ଜମା ଉକ୍ତ କାର୍ଯ୍ୟ ନିର୍ମାଣ କରିବା ନିମନ୍ତେ ଇଁଟା ପଥର ବେଇ କାର୍ଯ୍ୟ ଆଷାଢ଼ ଦ ୧୩ ନ ସୋମବାରଠାରୁ ଆରମ୍ଭ କରିଅଛି ଏହି ମନ୍ଦିରରେ ଶୁଭ ସମୟରେ ଏକ ଟ ୧୦୦୦୲ ହଜାର ଟଙ୍କା ଖରଚ ହେବ ଉପସ୍ଥିତି ପ୍ରତ୍ୟେକ ଟ ୫୦୦୲ କା ଖରଚ ହେବ ତାଙ୍କ ସଂଖ୍ୟା ଓ ନିର୍ଯ୍ୟାସ ନିମନ୍ତେ ମା ୫୦ ହେଲୁ ଟ ୫୦୦୦୲ ହଜାର ଟଙ୍କା ମୂଲ୍ୟ ଅଟେ ଏହିରୁ ଟ ୨୫୦୦ କା ଏବଂ ଟ ୨୦୦୦ କା ହେଲେ ଉକ୍ତ କାର୍ଯ୍ୟ ଆପଣମାନଙ୍କର ପୂର୍ଣ୍ଣ ହେବ ଏପରି ଆପଣମାନେ ଓ ଆପଣମାନଙ୍କ ପାର୍ଶ୍ୱବର୍ତ୍ତୀ ଭକ୍ତବୃନ୍ଦମାନଙ୍କଠାରୁ ଉଦ୍ୟ ସ୍ୱେଚ୍ଛାମତେ ସାହାଯ୍ୟ କରିବ ଜନ୍ମ ସଫଳ ମନିଅର୍ଡର ଡାକଦ୍ୱାରା ପଠାଇଲେ ଈଶ୍ୱର ଆପଣମାନଙ୍କର ମଙ୍ଗଳ କରିବେ । ତଦ୍ଧାରା ଆପଣମାନଙ୍କୁ ଏହି ଉପସ୍ଥିତି । କ । କେଉଁଝର । ମୁ । ଆନନ୍ଦପୁର ଥାନାଅଧୀନ ଠିକଣା । କ । ଲକ୍ଷ୍ମଣଠିପଡ଼ା । ପୋଃ ଘଟଗାଁ । ଜେ । କଟକ । ଶ୍ରୀ ଦେବର୍ତ୍ତୀ ଅଜନ ଅର୍ଚ୍ଚନା ପାଇବେ ।

Split by PDF Splitter

Digitized by srujanika@gmail.com

Split by PDF Splitter



# NOTICE.

## District Board Cuttack.

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No. | Name of Work. | Amount to be spent during the year before February 1906. |
|---|---|---|
| 1. | Culvert on Cuttack Sonepur Road 20th mile. ... ... | Rs. 480. |
| 2. | Remodelling Tanghi Ghantimunda Road | Rs. 4000. |
| 3. | Do. Barchana Dhanmandai Road. | Rs. 4089. |
| 4. | Jajpur Pachikote Road Bridging and Earthwork up to Korai | Rs. 4000. |
| 5. | Construction of Vyas Sorobar Keonjhar Road 5th to 8½ miles | Rs. 4500. |
| 6. | Collecting materials for Vyas Sorobar Jajpur Road. | Rs. 4285. |

### RULES.

1 All tenders which must be on Form No. 2 obtainable at this office (price 0-8-0 each) must be enclosed in sealed covers and on the outside the name of the work legibly written.

2 All tenders must specify the rates at which the intending contractor will execute the work.

3 Tenders will be received up to 15th August 1905.

4 Tenders not in the proper Form above mentioned will be rejected.

5 The undersigned does not bind himself to accept the lowest or any tender.

Cuttack, 28th July 1905 } NAGENDRA NATH MITRA *District Engineer*, CUTTACK

## ADVERTISEMENT.

Wanted by the District Board of Balasore a Sub-Inspector of Schools, for one year on a salary of Rs. 50 a month, excluding travelling allowance admissible under the Civil Service Regulations. None need apply who is not qualified under the rules and orders of the Bengal Education Department. Applications with copies of testimonials will be received up to the 20th of August 1905. The selected candidate will have to join at once.

Balasore District Board's Office, 24-7-1905. } B. N. DE] *Vice Chairman.*

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

# ଆରବ୍ୟକୁସୁମ

ବା

## ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ।

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ଗ୍ରାହକମାନଙ୍କ ସୁବିଧାର୍ଥେ ଖଣ୍ଡ ଖଣ୍ଡ ହୋଇ ପ୍ରକାଶିତ ହେଉଅଛି ।

୧ ମ ଖଣ୍ଡର ମୂଲ୍ୟ ୫୦ । ଡାକମାସୁଲ ୫୦୬ ଏପରି ପୁସ୍ତକ ଓଡ଼ିଆଭାଷାରେ ଏହି ପ୍ରଥମ । ଗଳ୍ପଗୁଡ଼ିକ ଯେପରି ମନୋହର ସେହିପରି ଶିକ୍ଷାପ୍ରଦ, ଥରେ ଆରମ୍ଭ କଲେ ଶେଷ ନ କରି ରହିପାରିବେ ନାହିଁ । ଏହା ବାଳକ, ବାଳିକା, ସ୍ତ୍ରୀ, ବୃଦ୍ଧ, ଯୁବା ସମସ୍ତଙ୍କର ପାଠ୍ୟ । ୨ୟ ଖଣ୍ଡ ଶୀଘ୍ର ପ୍ରକାଶିତ ହେବ ।

ଶ୍ରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ୟ

ଏତଦ୍ୱାରା ସର୍ବସାଧାରଣଙ୍କ ଜ୍ଞାତ କରାଯାଉଅଛି କି କଟକ ଜଗତ୍‌ସିଂହପୁର ରୋଡ଼ ... [illegible] ... ମହଲାମାନଙ୍କର ... ଅବସ୍ଥା ... ୧୯୦୫ ମସୀହା ... [illegible] ... ହେବ ।

ଉପସ୍ଥିତ

୧ । ମୌ । ... ୪ । ମୌ । ...
୨ ,, ... ୫ ,, ...
୩ ,, ... ୬ ,, ...

Raghabanand Das

ତା ୨୮ । ୭ । ୦୫ ମ୍ୟାନେଜର
ଜଗତସିଂହପୁର ...

## Air Rifle

ଛରା ପାଗର ବନ୍ଧୁକ ।

[illegible]

ଏବଂ ... ମାନ୍ୟ ... [illegible] ... କରୁଅଛୁ ।

ମୂଲ୍ୟ "..." ... ୫ ୧୦ ୧
"..." ୫ ୧୨ ... ୫ ୧୨
... ୫ ୪ ... ୫ ୪

ପ୍ରାପ୍ତିସ୍ଥାନ
... କଲିକତା ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛି ... [illegible] ... ସର୍ବସାଧାରଣଙ୍କୁ ଜଣାଇବା ... ଦେବ ।

୨।୮।୦୫ } ... ... ...

ଶସ୍ତା ମୂଲ୍ୟ, ସୌନ୍ଦର୍ଯ୍ୟ ଓ ସ୍ଥାୟିତ୍ୱ ବିଷୟରେ ଅତୁଳନୀୟ !!



[illegible]

J. G. ANDREW & Co.,
12 College Square ( U ) Calcutta.

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ସନ ୧୮୮୪ ସାଲ ବଙ୍ଗୀୟ ୩ ଆଇନର ୨୧୩ ଧାରା ।

ଏତଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଉ ଅଛି ଯେ ଚଳିତ ଅଗଷ୍ଟ ମାସ ତା ୫ ରଖଠାରୁ ଲଗାଏତ ତା ୩୧ ରଖ ପର୍ଯ୍ୟନ୍ତ ଏହି ନଗରର ଭୁଲ କୁକୁରମାନ ମାରିବାକୁ ଆଦେଶ ହୋଇଅଛି ଯଦ୍ୟପି କେହି କୁକୁର ପୋଷିଥାନ୍ତି ତେବେ ସେମାନେ ଆପଣା କୁକୁରମାନଙ୍କୁ ଅଟକ କରି ରଖିବେ। ନଚେତ୍ ପିତଳ ପଟିବନ୍ଧ ଥାଇ, ଚମ୍ପା ଚର୍ମର ଚକଲସ ଲଗା ପଟି ବେକରେ ଦେଇ ଛାଡ଼ି ଯାଇବେ, ଏହାରୁ ଭିନ୍ନ ନକାଶଡ଼ି ଓ କନାର ପଟି କିମ୍ବା ଅନ୍ୟାନ୍ୟ ଚିହ୍ନମାନ ଦେଇ ଛାଡ଼ିଲେ ଭଲ କୁକୁର ପୋଷା ବୋଲି ଜ୍ଞାନ କରି ନ ଯାଇ ମରାଯିବ ।

ସନ ୧୯୦୫ ମସିହା ତା ୩ ରଖ ମାହେ ଅଗଷ୍ଟ } Ram Sankar Ray
Chairman
3-8-05

---

ଅନୁଗୁଳ ଗୁରୁ ଟ୍ରେନିଂ ସ୍କୁଲ ସକାଶେ ମାସିକ ୮ ୧୦ ଟଙ୍କା ବେତନରେ ଏକଜଣ ଦ୍ୱିତୀୟ ପଣ୍ଡିତ ଆବଶ୍ୟକ । ଯେଉଁମାନେ କଟକ ଟ୍ରେନିଂ ସ୍କୁଲର ପ୍ରଥମବର୍ଷୀୟ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ କିମ୍ବା ଟେଷ୍ଟ୍ରାଲ ପାସ କରି ନୂତନ କିଣ୍ଡରଗାର୍ଟେନ ଧରଣରେ ଶିକ୍ଷା ଦେବାକୁ ସକ୍ଷମ ଓ ଡ୍ରିଲ ଓ ଡ୍ରଇଂ ଜାଣିଥିବେ ସେହିମାନଙ୍କୁ ଏ କାର୍ଯ୍ୟରେ ମୁକରର କରାଯିବ ।

ଅନୁଗୁଳ ଜିଲ୍ଲା ଡେପୁଟୀ କମିଶନରଙ୍କ ନିକଟକୁ ପ୍ରଶଂସାପତ୍ର ସହ ଚଳିତମାସ ତା ୧୫ ରଖ ପର୍ଯ୍ୟନ୍ତ ଆବେଦନ କରିବାକୁ ହେବ ।

Angul, Deputy Commissioner's office 1-8-05. } B. Misra
Sub Divisional officer in charge

---

# ଉତ୍କଳଦୀପିକା ।

ମାନ୍ୟବର ବଙ୍ଗୀୟ ଲେପ୍ଟନେଣ୍ଟ ଗବର୍ଣ୍ଣର ବିଜ୍ଞାପନ ଦେଇଅଛନ୍ତି କି ଜମିଦାରମାନଙ୍କର ଛିନ୍ନ ବଙ୍ଗୀୟ ବ୍ୟବସ୍ଥାପକ ସଭା ସକାଶେ ୨ ଜଣ ସଭ୍ୟ ମନୋନୀତ କରିବାର ଯେଉଁ ଅଧିକାର ଦିଆଯାଇଅଛି ତାହାର ଜମିଦାରମାନଙ୍କର ସ୍ୱତ୍ୱହିତ ତାହା ପ୍ରବର୍ତ୍ତିବ ।

---

ଗତ ତା ୨୭ ରଖରେ ଶେଷ ହେବା ସାମୟିକ ବୃଷ୍ଟିର ସରକାରୀ ବିବରଣରୁ ପ୍ରକାଶ ଯେ ଉତ୍ତର ସବଡିଭିଜନ ଏବଂ ଗୁଜରାଟ ଓ ପଶ୍ଚିମ ସାତପୁରା ଉପକୂଳମାନଙ୍କରେ ଟାଣ ବୃଷ୍ଟି ହେବୁ ସେଠାରେ ଜଳର ଅଭାବ ଭଙ୍ଗା ପଡ଼ିଅଛି ମାତ୍ର ଭାରତର ଅଧିକାଂଶ ସ୍ଥାନରେ ଜଳର ଅଭାବ ବଢ଼ିଅଛି ।

---

କଟକ ମିଉନିସିପାଲିଟିର ବିଶ୍ୱନାଥ ସଡ଼କରୁ କାଣ୍ଟି ବାବୁଙ୍କ ସଡ଼କରୁ ଯିବା ନିମନ୍ତେ ଯାଣଶାହି ଭିତରେ ବାଟ ଫିଟାଇବା କାରଣ । ପ୍ର । ବାଜାର ଥାନା । ମୌ । ବାହାଲହଳରେ ୧୨·୧୭ ପୋଲ ଜମି ମିଉନିସିପାଲିଟିର ଖରଚରେ ସାଧାରଣ କାର୍ଯ୍ୟ ସକାଶେ ଖରିଦ କରିବାର ପ୍ରୟୋଜନ ହେବାରୁ ଗତ କଲିକତା ଗଜେଟରେ ସେ ବିଷୟରେ ମାନ୍ୟବର ବଙ୍ଗୀୟ ଲେପ୍ଟନେଣ୍ଟ ଗବର୍ଣ୍ଣରଙ୍କର ନିଯୁକ୍ତ ବିଜ୍ଞାପନ ବାହାରିଅଛି ।

---

ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଗତ ତା ୨୨ ରଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୭୮୬ ମୃତ୍ୟୁ ହୋଇଥିଲା । ଏହା ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୧୫୬୨ର ଅର୍ଦ୍ଧେ ଅଟେ । ଏହି ୭୮୬ ମଧ୍ୟରୁ ବମ୍ବେରେ ୫୭୧, ମାନ୍ଦ୍ରାଜରେ ୧୫, ବଙ୍ଗଳରେ ୨୪, ପଞ୍ଜାବରେ ୪୯, ବରମାରେ ୧୫୬, ମହୀଶୂରରେ ୪୯ ଏବଂ ରାଜପୁତାନାରେ ୧୬ ମୃତ୍ୟୁ ହୋଇଥିଲା । ଅନ୍ୟାନ୍ୟ ପ୍ରଦେଶ ଏକାବେଳେ ଏ ରୋଗରୁ ମୁକ୍ତ ଥିଲା ।

---

ରୁଷିୟା ରାଜ୍ୟରେ ବିଦ୍ରୋହ ଲାଗିରହିଅଛି । କିଜନ ନଗରଠାରେ ଧୋବଧାଉଳିଆ ଲୋକଙ୍କୁ ବିଦ୍ରୋହୀମାନେ ପଛରେ ତାଙ୍କ ଘର ପର୍ଯ୍ୟନ୍ତ ଗୋଡ଼ାଇ ଯାଇ ମାରୁଅଛନ୍ତି ଏବଂ ଅନେକେ ଏତଦ୍ଦ୍ୱାରା ହତ ଓ ଆହତ ହୋଇଥିବାର ସମ୍ବାଦ ମିଳଇ । ସେଣ୍ଟପିଟର୍ସବର୍ଗଠାରେ ମେଳ ହେବାରୁ ମିଲିଆମାନଙ୍କର ଦୁଃଖ ବଢ଼ୁଅଛି । ଅନେକ ଲୋକଙ୍କୁ ପଇବାର ସହିତ ମେଲିଆମାନେ ଘରୁ ତଡ଼ିଦେଇଅଛନ୍ତି ଏବଂ ସେମାନେ ପଡ଼ିଆରେ ପଡ଼ିରହିଅଛନ୍ତି ।

---

ହିସାବ କରି ଦେଖା ଯାଉଅଛି ଯେ ଆମେରିକାର ଅନ୍ତର୍ଗତ ମିଶୌରୀ ବିଶ୍ୱବିଦ୍ୟାଳୟର ଶତକଡ଼ା ୫୦ ଜଣ ଛାତ୍ର ସମସ୍ତ ବ୍ୟୟ ନିର୍ବାହପାଇଁ ନିଜ ଉପରେ ନିର୍ଭର କରନ୍ତି ଏବଂ ଶତକଡ଼ା ୨୫ ଜଣ ଛାତ୍ର ସେମାନଙ୍କର ବ୍ୟୟ ଖରଚ ଯୋଗାଇବାପାଇଁ ପ୍ରତିଦିନ ମୂଲ ଲାଗନ୍ତି । ମୂଲ ଲାଗି ପେଟ ପାଳି ବିଦ୍ୟାଳୟରେ ପଢ଼ିବାର ସୁବିଧା ଆମେରିକାରେ ଅଛି । ଏ ଦେଶରେ ସେ ସୁବିଧା ଥିବାର କହି ନ ପାରୁଁ ମାତ୍ର ଥିଲେ ଏଠା ଛାତ୍ରମାନେ ସେପରି କରନ୍ତେ କି ? ଯାହା ହେଉ ଏପ୍ରଦେଶରେ ଯେଉଁ ଛାତ୍ରମାନେ ଘରଉ ଶିକ୍ଷକତାଦ୍ୱାରା ପେଟ ପାଳି ସ୍କୁଲ ଓ କଲେଜରେ ଉଚ୍ଚ-ଶିକ୍ଷା ଲାଭ କରୁଅଛନ୍ତି ସେମାନେ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

---

ଶ୍ରୀମନ୍ଦିରରେ ବିଜୁଳୀ ଦୀପ ଜାଳିବା ବର୍ତ୍ତମାନ ଗୋଟିଏ ଗୁରୁ ଆନ୍ଦୋଳନର ବିଷୟ ହୋଇଅଛି ଏବଂ ମନ୍ଦିରର ସେବକ ଓ ସୁହୃତ୍, ମହନ୍ତ ପ୍ରଭୃତି ପ୍ରାୟ ସମସ୍ତେ ତହିଁର ବିରୋଧୀ ହୋଇ ଉଚ୍ଛେଦ କରିବାର ନାନା ଉପାୟ ଖୋଜୁଅଛନ୍ତି । ଉତ୍କଳର ସମ୍ବାଦପତ୍ରମାନେ ଏକମତ ହେବାର ଦେଖା ଯାଉଅଛି । ଅନ୍ତତଃ ଯେଉଁମାନେ ଗତବର୍ଷ ଏହି ଆଲୁଅର ବିଶେଷ ପକ୍ଷପାତୀ ହୋଇଥିଲେ ବର୍ତ୍ତମାନ ସେମାନେ ନୀରବ ହେବାର ଜଣା ଯାଉଅଛି । ଫଳତଃ ମନ୍ଦିରର ପବିତ୍ରତା ଏବଂ ମହିମା ଅଧିକତର ସଭ୍ୟତାର ଆଲୋକଦ୍ୱାରା ପ୍ରକାଶର ବିଷୟ ହୋଇ ନାହିଁ ଏବଂ ଉପସ୍ଥିତ ହେଲେ ପ୍ରକୃତରେ ପ୍ରକାଶ ହେବ କି ଲୋପ ହେବ ସ୍ଥିର କରିବା ସହଜ ନୁହେ ।

---

ସ୍ଥାନାନ୍ତରେ ପ୍ରକାଶିତ 'ଯାଜପୁର ବାର୍ତ୍ତା' ସ୍ଥାନୀୟ ପତ୍ରରୁ ପ୍ରକାଶ ଯେ ସେଠାର ସବଡିଭିଜନ ଅଫିସର ରାତ୍ରି ଘ ୫।୧୦ ଟା ପର୍ଯ୍ୟନ୍ତ କଚେରୀ କରନ୍ତି ଏବଂ କେମନ୍ତ ଅସମୟରେ କାଗଜପତ୍ର ଦେବାକୁ ମଧ୍ୟ କୁଣ୍ଠିତ ହୁଅନ୍ତି ନାହିଁ । ଏଥିରେ ଅମଲା, ଉକିଲ, ମୁକ୍ତାର ଓ ମାମଲତିଙ୍କ କାରଙ୍କର କେତେ ଅସୁବିଧା, କଷ୍ଟ ଓ ଅପମାନ ହୁଅଇ ବୋଲିବା ବାହୁଲ୍ୟ । ଆଶ୍ଚର୍ଯ୍ୟର ବିଷୟ ଏହିତ ଜିଲ୍ଲା ମାଜିଷ୍ଟ୍ରେଟ ବର୍ଷ ମଧ୍ୟରେ କେତେ ଥର ଏବଂ ବିଭାଗୀୟ କମିଶନର ଅନ୍ତତଃ ଥରେ ସବଡିଭିଜନ ମଫସଲମାନ ପରିଦର୍ଶନ କରୁଥିବା ପ୍ରତ୍ୟେକ କାର୍ଯ୍ୟମାନଙ୍କର କାଜରିବହି ଦେଖି ଏହି ଗୁରୁତର ଖୁଆରିର ଉଚିତ ପ୍ରତିବିଧାନ ଏପର୍ଯ୍ୟନ୍ତ କରି ନାହାନ୍ତି । ଆମ୍ଭେମାନେ ସେମାନଙ୍କର ଏଥିପ୍ରତି ମନୋଯୋଗ ପ୍ରାର୍ଥନା କରୁଅଛୁଁ ।

---

ଗଞ୍ଜାମ ଗୁଣଦର୍ପଣ ଦୁଃଖ କରୁଅଛନ୍ତି କି ଗଞ୍ଜାମରେ କେତେଜଣ ଶିକ୍ଷିତ ଓଡ଼ିଆ ଥିଲେହେଁ ସେ ଅଞ୍ଚଳର ରାଜାମାନେ ସେମାନଙ୍କୁ କୌଣସି କାର୍ଯ୍ୟ ଦେଉ ନାହାନ୍ତି । ସେ ରାଜାମାନେ ଶିକ୍ଷିତ ଏବଂ ଭବ୍ୟ ଧରଣର ସଭ୍ୟ ନୀତି ଭଲ ଜାଣିବାର ଦେଖାଯାଏ । ମାତ୍ର ସେମାନଙ୍କ ପାଖରେ ଯେଉଁଠାରେ ଦେଖ ବଙ୍ଗାଳୀ ଅଥବା କମା ଜାତିର ପ୍ରତିଷ୍ଠା, ସ୍ୱଜାତି ପ୍ରତି ଆଦର ନାହିଁ । ସହଯୋଗିଙ୍କର ଏହି ଦୁଃଖରେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି । ରାଜାମାନେ ଯେବେ ନିଜ ସେରସ୍ତାରେ ଓଡ଼ିଆଙ୍କୁ ନ ରଖିବେ ତେବେ ସ୍ୱଜାତିପ୍ରତି ସେମାନଙ୍କର ପ୍ରକୃତ ପ୍ରେମ ଥିବାର କିପରି ବୋଲା ଯିବ ? ବିଶେଷତଃ ଯେଉଁମାନେ ଓଡ଼ିଆ

Digitized by srujanika@gmail.com

ସମ୍ପାଦକ ପ୍ରକାଶ କରୁଅଛନ୍ତି ସେମାନଙ୍କର ସେହି ସମ୍ପାଦକ ଲିଖିତ ବିଷୟରେ ଉଦାହରଣ ଆଗେ ଦେଖାଇବା ଉଚିତ।

---

ବଙ୍ଗୀୟ ପ୍ରାଦେଶିକ କୃଷି ସମିତିର ଗତ ଅଧିବେଶନରେ ବିଭାଗୀୟ କୃଷି ସମିତି ଏବଂ ଜିଲ୍ଲା କୃଷିସମିତିର ସମ୍ବନ୍ଧରେ କଥା ପଡିଥିଲା। ଜଣାଗଲା ଯେ କେତେକ ସ୍ଥଳରେ ବିଭାଗୀୟ ସମିତି ମୂଳ ଏବଂ ସେହି ବିଭାଗର ଜିଲ୍ଲା ସମିତିମାନ ତହିଁର ଶାଖା ସ୍ୱରୂପ ଧରାଯାଇଅଛି। ପୁଣି ଅନ୍ୟାନ୍ୟ ବିଭାଗରେ ଜିଲ୍ଲା ସମିତିମାନଙ୍କ ମୂଳ କରି ସେ ସମସ୍ତର ପ୍ରତିନିଧିଦ୍ୱାରା ବିଭାଗୀୟ କମିଟୀ ଗଠିତହୋଇଅଛି। ପ୍ରାଦେଶିକ ସମିତିରେ ସ୍ଥିର ହେଲା ଯେଉଁ ବିଭାଗରେ ଯେଉଁ ମତ ପ୍ରଚଳିତ ଅଛି ତହିଁରେ ହସ୍ତକ୍ଷେପ କରିବାର କୌଣସି ପ୍ରୟୋଜନ ନାହିଁ। ପ୍ରାଦେଶିକ ସମିତିର ନିର୍ଦ୍ଧାରଣମାନ ସକଳ ବିଭାଗୀୟ ଓ ଜିଲ୍ଲା କୃଷିସମିତିକୁ ପଠାଯିବ ଏବଂ ଯେଉଁଠାରେ ଜିଲ୍ଲାସମିତି ପରିବାହାରେ ପ୍ରାଦେଶିକ ସମିତିକୁ ପତ୍ରାଦି ଲେଖିବେ ସେଠାରେ ସେ ସମସ୍ତର ପ୍ରତିଲିପି ବିଭାଗୀୟ ସମିତିର ଗୋଚରାର୍ଥେ ପଠାଇବେ।

---

ଯେଉଁ ଅପେକ୍ଷର ଏଠା ମିଉନିସିପାଲିଟିର ଘର ଟିକସ ବନ୍ଦୋବସ୍ତ କରୁଥିଲେ ସେ କାର୍ଯ୍ୟ ଶେଷ କରି ଗତକ ମାସ ଆରମ୍ଭରୁ ବିଦାୟ ହୋଇ ଯାଇଅଛନ୍ତି। ଏହି ହେତୁ ଗତ ମଙ୍ଗଳବାରଠାରୁ ଅପିଲ କମିଟିରେ ତାହାଙ୍କ ଦର୍ଶନ ନାହିଁ। ଗତ ସୋମବାର ଜୋବାନବନ୍ଦିରେ ସେ ନିଜ କାର୍ଯ୍ୟକୁଶଳତାର ଯେଉଁ ପରିଚୟ ଦେଇଅଛନ୍ତି ଆଶାକରୁଁ ତଦ୍ୱାରା ତାହାଙ୍କର ବଳ କ୍ଷୀଣ କିଛି ହୋଇଅଛି। ଭରସାକରୁଁ ଏଣିକି ସେ ଆପଣାର ସ୍ଥଳରୁ ଭବିଷ୍ୟତ ଦାୟିତ୍ୱ ଗୁରୁତ୍ୱ ଅନୁଭବ କରି ବିଶେଷ ସାବଧାନତା ସହିତ କାର୍ଯ୍ୟ କରିବେ ଏବଂ ଯେଉଁ ମିଉନିସିପାଲିଟିରେ ସେ କାର୍ଯ୍ୟ କରିବେ ସେଠା କମିଶନରମାନେ ମଧ୍ୟ ବିଶେଷ ସାବଧାନ ହୋଇ ତାହାଙ୍କର ଜମାବନ୍ଦି ସ୍ଥିର କରିବେ। ଯାଜପୁର ମିଉନିସିପାଲ କମିଶନରମାନେ ତାହାଙ୍କର ନିୟୋଗରେ ପୂର୍ବରୁ ସାବଧାନ ହୋଇ ସୁବ୍ୟବସ୍ଥା କରିଅଛନ୍ତି କି ଅପେକ୍ଷକଙ୍କ ଜମାବନ୍ଦି କାର୍ଯ୍ୟରେ ପ୍ରତ୍ୟେକ ୱାର୍ଡର କମିଶନରମାନେ ସାହାଯ୍ୟ କରିବେ। ଏପରି ବନ୍ଦୋବସ୍ତ ଏ ନଗରରେ ହୋଇଥିଲେ କରଦାତାଙ୍କର ଏତେ ବିପଦ ଘଟି ନ ଥାନ୍ତା।

---

ଗତ ଅକ୍ଟୋବର (ବୈଶାଖ) ଲଟବନ୍ଦିରେ ୨୨୧ ମାହାଲର ରାଜସ୍ୱ ବାକି ଥିଲା। ତନ୍ମଧ୍ୟରୁ କଲେକ୍ଟର ସାହେବ ଗତ ଜୁଲାଇମାସ ତା ୩୧ ରିଖରେ ନିଲାମର ତାରିଖ ଧାର୍ଯ୍ୟ କରି ତହିଁ ପୂର୍ବ ତା ୨୭ ରିଖ ପର୍ଯ୍ୟନ୍ତ ବାକି ରାଜସ୍ୱ ଦାଖଲ ହେଲେ ଗ୍ରହଣ କରିବାର ଅନୁଗ୍ରହ ପୂର୍ବକ ଆଦେଶ ଦେଇଥିଲେ। ତଦନୁସାରେ ଅନେକ ମାହାଲର ଟଙ୍କା ଦିଆଯାଇ କେବଳ ଗୋ ୧୨ ଟା ମାହାଲ ନିଲାମର ଯୋଗ୍ୟ ହେବାରୁ ଉକ୍ତ ତାରିଖ ଅର୍ଥାତ୍ ଗତ ସୋମବାର ନିଲାମ ଡାକ ହୋଇଥିଲା। ତହିଁ ମଧ୍ୟରୁ ଗୋଟିଏ କରମୂଳ ଓ ବାକି ସମସ୍ତ ଯାଜପୁର ଅଞ୍ଚଳର ଅଟେ। କାଟେଣ୍ଡ୍ରାବାର ହଦପୁର ତାଲୁକର ପୃଥକ୍ ତଉଜି ଅଂଶର ସଦର ଜମା ଟ ୩୯୮ ୵୬ ରୁ ନିତାନ୍ତ ଅଳ୍ପ ଅର୍ଥାତ୍ ଟ ୫୫ କାରୁ ଅଧିକ ଡାକ ନ ହେବା ଓ ଯାଜପୁର ପ୍ରଗନା ହୁକୁଲପୁର ପୃଥକ୍ ତଉଜି ଅଂଶର ସଦରଜମା ଟ ୧୮।୵ ଅପେକ୍ଷା କେହି ନ ଡାକିବା ହେତୁ ସନ ୧୮୫୯ ସାଲ ଆଇନ ଧାରା ୧୧ ର ମତେ ଏ ଦୁଇ ସମୁଦାୟ ମାହାଲ ପକ୍ଷେ କଲେକ୍ଟର ଦ୍ୱାରା ଖାସ ହେବାର ଆଜ୍ଞା ହେଲା। ଅବଶିଷ୍ଟ ଗୋ ୧୦ ଟା ମାହାଲ ନିଲାମ ହେଲା ଯେ ତହିଁମଧ୍ୟରେ ଗୋ ୨ ଟା ସଦରଜମାର ୩ ଗୁଣ, ଗୋଟିଏ ୪ ଗୁଣ ଗୋ ୩ ଟା ୨୦ ଗୁଣ ଏବଂ ବାକି ୪ ଟା ୧୨ ଗୁଣ ଡାକରେ ଡାକ ସମାପ୍ତ ହେଲା। ପ୍ରତିବର୍ଷ ଯାଜପୁର ସବ୍‌ଡିଭିଜନର ଅନେକ ମାହାଲ ନିଲାମ ହେବାରୁ ବୋଧ ହୁଏ ଯେ ସେ ଅଞ୍ଚଳର ମାହାଲର ଜମା ଗତ ବନ୍ଦୋବସ୍ତରେ ଉଚିତମତେ ଧାର୍ଯ୍ୟ ହୋଇ ନାହିଁ।

---

ଅନାବୃଷ୍ଟି ହେତୁ ମାନ୍ଦ୍ରାଜ ପ୍ରଦେଶର କୃଷିର ଅବସ୍ଥା ବଡ଼ ଶୋଚନୀୟ ହୋଇଅଛି ଏବଂ ଏଥିମଧ୍ୟରେ ଖାଦ୍ୟ ଦ୍ରବ୍ୟାଦିର ଦୁର୍ମୂଲ୍ୟ ହେତୁ ଅନେକ ଲୋକ ଅନ୍ନକଷ୍ଟରେ ଦୁଃଖ ପାଇ ଘର ଛାଡି କଙ୍କାଳରୂପେ ମୋଫସଲର ନାନା ସ୍ଥାନରୁ ମାନ୍ଦ୍ରାଜ ସହରରେ ଆସି ଜୁଟୁ ହେଉଅଛନ୍ତି। ସେମାନଙ୍କର କଷ୍ଟ ନିବାରଣର ଉପାୟ ସ୍ଥିର କରିବା ଅଭିପ୍ରାୟରେ ମାନ୍ଦ୍ରାଜ ରେଭିନ୍ୟୁ ବୋରଡର ସେଟଲମେଣ୍ଟ କମିଶନର ମାନ୍ୟବର ଷ୍ଟୁଆର୍ଟ ସାହେବ, ମାନ୍ଦ୍ରାଜ ମିଉନିସିପାଲ ସଭାର ସଭାପତି, ମିଉନିସିପାଲ ସ୍ୱାସ୍ଥ୍ୟ କର୍ମଚାରୀ, ମାନ୍ଦ୍ରାଜର କଲେକ୍ଟର ଏବଂ ପୁଲିସ କମିଶନର ସାହେବମାନଙ୍କୁ ନେଇ ଏକ ବୈଠକ କରିଥିଲେ, ତହିଁରେ ସିଦ୍ଧାନ୍ତ ହୋଇଅଛି କି ମାନ୍ଦ୍ରାଜ ସହରର ବାହାରେ ଗୋଟିଏ ଅସ୍ଥାୟୀ ସ୍ୱାସ୍ଥ୍ୟାଗାର ସ୍ଥାପନ ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରାଯିବ ଏବଂ ଉପସ୍ଥିତ ହସ୍ପିଟାଲ ସୁବିଧାପର୍ଯ୍ୟନ୍ତ ମୋଫସଲରୁ ଆସୁଥିବା କଙ୍କାଳମାନଙ୍କୁ ସେହିଠାରେ ରଖି ଭୋଜନ ଏବଂ ଚିକିତ୍ସା ଦାନର ବନ୍ଦୋବସ୍ତ କରିବାକୁ ହେବ। ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ଆଶାରେ ସହରର ସନ୍ନିକଟରେ ଗୋଟିଏ ସ୍ଥାନ ନିର୍ବାଚିତ ହୋଇଅଛି ଯେ ସେହିଠାରେ ଗୃହଘରମାନ ପ୍ରସ୍ତୁତ ହେବ ଏବଂ ସେ ସମସ୍ତର ଭାର ଚିଙ୍ଗଲପଟର କଲେକ୍ଟରଙ୍କ ହସ୍ତରେ ନ୍ୟସ୍ତ ହେବ। ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବିଧାନର ଭାର ସେହି ଜିଲ୍ଲାର ଡାକ୍ତର କର୍ଣ୍ଣେଲ ଟମସନଙ୍କ ଅର୍ପିତ ହେବ। ସମ୍ପ୍ରତି ୪୦୦୦ ଲୋକ ରହିବାର ବ୍ୟବସ୍ଥା ହେଉଅଛି ଏବଂ ତହିଁର ବ୍ୟୟ ମାସକୁ ଟ ୨୦,୦୦୦ ୧ ଙ୍କା ପଡିବାର ଏଷ୍ଟିମେଟ ହୋଇଅଛି। ଦ ୧୦ ଦ ମଧ୍ୟରେ ଏହି ସମସ୍ତ ବନ୍ଦୋବସ୍ତ ଠିକ ହୋଇଯିବ ଏବଂ ସେ ପର୍ଯ୍ୟନ୍ତ କଙ୍କାଳମାନେ ସରକାରୀ ବ୍ୟୟରେ ମୋନେଗାର ଚୌଲଟ୍ରୀରେ ଭୋଜନ ପାଉଥିଲେ। ଏତେବେଳେ ମଧ୍ୟ ଈଶ୍ୱରଙ୍କ କୃପାରୁ ସୁବୃଷ୍ଟି ହେବାଦ୍ୱାରା କଷ୍ଟ ନିବାରଣ ହେଉ ଅମ୍ଭେମାନେ ଏହି ପ୍ରାର୍ଥନା କରୁଅଛୁଁ।

---

କଲିକତାର ଶିଳ୍ପ ବାଣିଜ୍ୟ ଶିକ୍ଷୋନ୍ନତି ସମିତି ସାଧାରଣ ଚାନ୍ଦା ସଂଗ୍ରହଦ୍ୱାରା ଗୋଟିଏ ପାଣ୍ଠି କରି ନ ୮।୧୦ ଣ ଛାତ୍ର ଇଉରୋପ, ଆମେରିକା ଓ ଜାପାନକୁ ଶିକ୍ଷା ନିମନ୍ତେ ପଠାଇଅଛନ୍ତି। ସେହି ପାଣ୍ଠିରୁ ଛାତ୍ରମାନଙ୍କର ବ୍ୟୟ ନିର୍ବାହ ହେବାର କଥା ଓ ସମ୍ଭବତଃ ସମିତି ତାହା ନିର୍ବାହ କରି ଯୋଗାଉଅଛନ୍ତି। ସେ ଛାତ୍ରଙ୍କ ମଧ୍ୟରେ ଓଡ଼ିଶାବାସୀ ମହେନ୍ଦ୍ର ଖଣ୍ଡ ନାମକ ଜଣେ କାୟସ୍ଥ ଛାତ୍ର ଜାପାନକୁ ପଠାଯାଇଅଛି। ସମିତିର ପ୍ରଦତ୍ତ ବ୍ୟୟ ତାହାଙ୍କୁ ନିଅଣ୍ଟ ହେବାରୁ ଏକଥର ଚାନ୍ଦା ହୋଇ କେତେକ ଟଙ୍କା ପଠାଯାଇଥିଲା ଏବଂ ଅଧୁନା ଖରଚ ଦରକାର ହେବାରୁ ମୟୂରଭଞ୍ଜର ମହାରାଜା ଓ ଦେଓଗଡ଼ର ମହାଶୟ ଉପଯୁକ୍ତ ସାହାଯ୍ୟ ଦାନ କରିଅଛନ୍ତି। ଓଡ଼ିଆ ଓ ନବସମ୍ପାଦକ ଜଣେ ପତ୍ରପ୍ରେରକ ଦାତାମାନଙ୍କୁ ଧନ୍ୟବାଦ ଦେବା ଏବଂ ଓଡ଼ିଶାର ଅନ୍ୟ ବଦାନ୍ୟ ବଡ଼ଲୋକମାନଙ୍କଠାରୁ ସାହାଯ୍ୟ ଆଶା କରିବା ସଙ୍ଗେ ମହେନ୍ଦ୍ରଚନ୍ଦ୍ରଙ୍କ ଜାତୀୟ ଏ ପ୍ରଦେଶର ସ୍ଥାୟୀ କର୍ଣ୍ଣାନିମାନଙ୍କର ନିନ୍ଦା କରୁଅଛନ୍ତି। ପୁଣି ଲେଖିଅଛନ୍ତି କି ବାବୁ ନମାଇଚରଣ ମିଶ୍ର ଏବଂ ବାବୁ ଗୋକୁଳାନନ୍ଦ ଚୌଧୁରୀ ଉକ୍ତ ସମିତିଙ୍କୁ ଟ ୫୦୧ ଙ୍କା ଲେଖାଏଁ ସେହିପରି କାର୍ଯ୍ୟ ସକାଶେ ଦାନ କରିଅଛନ୍ତି ମାତ୍ର ଓଡ଼ିଶାର ଧନୀ ଓ ପ୍ରଧାନ ଲୋକମାନେ ବିଦେଶରେ ଦୁରବସ୍ଥାରେ ପଡିଥିବା ଜଣେ ସ୍ୱଦେଶୀୟ ଛାତ୍ର ପ୍ରତି ସହାନୁଭୂତି ଦେଖାଉ ନାହାନ୍ତି। ଲେଖିବା ଭଙ୍ଗିରୁ ସ୍ପଷ୍ଟ ବୁଝା ଯାଉଅଛି ଯେମନ୍ତ ଉକ୍ତ

Split by PDF Splitter
Digitized by srujanika@gmail.com

Split by PDF Splitter



ସମ୍ମିଳନୀକୁ ଚନ୍ଦା ଦେବା ଅପେକ୍ଷା ମହେଶଚନ୍ଦ୍ରଙ୍କୁ ସେ ଟଙ୍କା ଦେବା ଉଚିତଥିଲା । କିନ୍ତୁ ଉତ୍କଳସମ୍ମିଳନୀ ଅନ୍ୟାନ୍ୟ ବ୍ୟୟ ମଧ୍ୟରେ କଲିକତାର ବଙ୍କିମ ସଭାକୁ ସମସ୍ତ ଉତ୍କଳ ସର୍ବାଗ୍ରେ ଏ ବର୍ଷ ଟ ୨୦୦୦୯ ଙ୍କା ସାହାଯ୍ୟ ଦେବାପାଇଁ ଚନ୍ଦା ସଂଗ୍ରହ କରୁଅଛନ୍ତି ଏ କଥା କି ସେ ଜାଣନ୍ତି ନାହିଁ ? ନ ଜାଣି କଥା କହିବା ବଡ଼ ଅନ୍ୟାୟ ଅଟେ । ମହେଶଚନ୍ଦ୍ରଙ୍କୁ ବଙ୍କିମ ସମିତି ପଠାଇଥିବା ସ୍ଥଳେ ତାହାର ଅବଶ୍ୟମ୍ଭାବୀ ବ୍ୟୟ ଯୋଗାଇବା ସେହି ସମିତିର କର୍ତ୍ତବ୍ୟ ଅଟେ । ସମିତି ଅବଶ୍ୟ ପାଣ୍ଠି ସଂଗ୍ରହ କରି ବ୍ୟୟ ଭାର ବହନ କରୁଅଛନ୍ତି । ତାହା କରୁ ନ ଥିଲେ ସେମାନଙ୍କର ତ୍ରୁଟି । ଉତ୍କଳସମ୍ମିଳନୀ ସମିତିକୁ ସାହାଯ୍ୟ ଦେବା ସ୍ଥଳେ ଓଡ଼ିଶାରୁ ପ୍ରେରିତ ଛାତ୍ରର ସାହାଯ୍ୟ ନ କରିବାର ବୋଲି ଯାଇ ନ ପାରେ ଏବଂ ତାହାର ଅଭାବ ହୋଇଥିଲେ ସେ ଅଥବା ତାହାର ବନ୍ଧୁମାନେ ଓଡ଼ିଶାରୁ ପୃଥକ୍ ସାହାଯ୍ୟ ନ ନେଇ ସମିତିକୁ ଜଣାଇବା ନ୍ୟାୟସଙ୍ଗତ ହେଉଅଛି । ପତ୍ରପ୍ରେରକ ସେ ପନ୍ଥା ଅବଲମ୍ବନ ନ କରି ଅକାରଣ ଏ ଦେଶୀୟମାନଙ୍କର ଗ୍ଳାନି କରିବାଦ୍ୱାରା କେବଳ କ୍ରୁରତା ଓ ଈର୍ଷାଭାବ ଦେଖାଇଅଛନ୍ତି ।

---

### ଭିକ୍ଟୋରିଆ ଗୋରକ୍ଷିଣୀ ସଭା ।

ଶୀର୍ଷବିନ୍ଦୁ ନାମରେ ଏ ନଗରରେ ଗୋଟିଏ ସଭା ସ୍ଥାପିତ ହୋଇଅଛି ଏବଂ ତହିଁର ଖଣ୍ଡିଏ ବିଜ୍ଞାପନ ଏବଂ ଚନ୍ଦାଦାତାଙ୍କର ତାଲିକା ଆମ୍ଭେମାନେ ପ୍ରାପ୍ତ ହୋଇଅଛୁଁ । ଶ୍ରୀ ବାବୁ ହରଚରଣ ବାନ୍ଦର୍ଯ୍ୟା ଉକ୍ତ ଏହି ସଭାର ସଭାପତି ଏବଂ ବାବୁ ଅଭିରାମଚନ୍ଦ୍ର ଉକ୍ତ ସମ୍ପାଦକ ଅଟନ୍ତି । ସଭାଟି ୨ ବର୍ଷ ହେଲା ସ୍ଥାପିତ ହୋଇଅଛି ଏବଂ ସଭାର ସାହାଯ୍ୟାର୍ଥ ଏକକାଳୀନ ଚନ୍ଦାଦ୍ୱାରା ଟ ୨୦୦୦୯ ଙ୍କା ଜମା ହୋଇ ଅଛି । ଅଧିକାଂଶ ଦାତା ଏ ନଗରର ମାରୱାଡ଼ିମାନେ ଅଟନ୍ତି । ମାରୱାଡ଼ି ଓ ଅନ୍ୟାନ୍ୟ ବ୍ୟବସାୟୀମାନେ ମାଲ ଉପରେ ଚନ୍ଦା ବା କଟ ଦେବାକୁ ସ୍ଥିର କରିଅଛନ୍ତି । ସେଥିରୁ ଯାହା ଆୟ ହେବ ତାହା ମାସିକ ଚନ୍ଦା ବୋଲି ଗଣ୍ୟ ହେବ । ମାତ୍ର ଅନ୍ୟମାନଙ୍କଠାରୁ ସଭା ଏକକାଳୀନ ଦାନ ଓ ମାସିକ ଚନ୍ଦା ପ୍ରାର୍ଥନା କରନ୍ତି ଏବଂ ସଭାର ଅନୁରୋଧମତେ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଏହି ସଦନୁଷ୍ଠାନରେ ଯେଉଁମାନେ ଯାହା ଦାନ କରିବାକୁ ଇଚ୍ଛା କରିବେ ତାହା ସେକ୍ରେଟେରୀଙ୍କୁ ପ୍ରଦାନ କରି ତାହାଙ୍କଠାରୁ ରସିଦ ନେବେ ; ସଭା ପ୍ରଥମେ ଏ ନଗର [illegible] ଗୋଶାଳା ସ୍ଥାପନ କରିଥିଲେ । ସେଠାରେ ସ୍ଥାନ ନ ଅଣ୍ଟିବା ଏବଂ କଲିକତାର ସେଠ କସ୍ତୁରମଲ୍ ହରଦୟାଲଙ୍କ ଟ ୨୦୦୦୯ ଙ୍କାରେ ନିର୍ମିତ ଧର୍ମଶାଳା ( ଯାହା କି ଗୁଡ଼ୁଲସ୍ତାଗଞ୍ଜରେ ଯାତ୍ରୀଙ୍କ ସକାଶେ ନିର୍ମାଣ ହୋଇଥିଲା ମାତ୍ର ରେଲ ଫିଟିବା ଦିନରୁ ସେପରି ବ୍ୟବହାର ହେଉ ନାହିଁ ) ସଭାକୁ ଦାନ କରିବାରୁ ସେହିଠାରେ ଗୋଶାଳା ସ୍ଥାପିତ ହୋଇଅଛି । ସେଠାରେ ଅନେକ ଗୋରୁ ରହିବାର ସ୍ଥାନ ଅଛି ଏବଂ ଗୋରୁ ପଠାଇବା ନିମନ୍ତେ ମଧ୍ୟ ଅନୁରୋଧ ହୋଇଅଛି । ମାତ୍ର କି ପ୍ରକାର ଗୋରୁ କେଉଁମାନେ ପଠାଇଲେ ସଭା ପ୍ରତିପାଳନର ଭାର ନେବେ, ସେ ସମସ୍ତ ପଶୁର ପରିଣାମ କି ହେବ ଏବଂ କେତେ ପଶୁର ଭାର ନେଇ ପାରିବେ ବିଜ୍ଞାପନରେ ପ୍ରକାଶ ନାହିଁ । ଗୋସେବା ହିନ୍ଦୁର ଗୋଟିଏ ପ୍ରଧାନ ବୈଦିକ ବ୍ରତ ଏବଂ ପ୍ରତ୍ୟେକ ଗୃହସ୍ଥ ଘରର ମନୁଷ୍ୟ ପରି ଗୋରୁର ତର୍ଚ୍ଚା କରିବାକୁ ବାଧ୍ୟ । ଅପାଳନ ଦୋଷର ପ୍ରାୟଶ୍ଚିତ୍ତ ସ୍ୱରୂପ ଦଣ୍ଡ ଥିବାରୁ ଅଧିକ ସାବଧାନ । ପୁଣି କାର୍ଯ୍ୟକ୍ଷମ ଗୋରୁ ଆଦୃତର ବୋଲି ତାହାର ପାଳନରେ ତ୍ରୁଟି ହୁଏ ନାହିଁ । କେବଳ ରୁଗ୍ଣ, ବୃଦ୍ଧ ଓ ଅକର୍ମଣ୍ୟ ପଶୁ ପାଳିବାର ଶକ୍ତି ଯେଉଁମାନଙ୍କର ନାହିଁ ସେହିମାନେ ବିଦାୟ ଦେବାର ଚେଷ୍ଟା କରନ୍ତି ସମ୍ଭବତଃ ସେହିପରି ଗୋରୁର ଭାର ନେବା ସଭାର ଅଭିପ୍ରାୟ , ମାତ୍ର ତାହା ସ୍ପଷ୍ଟ କରି ବୁଝାଇଦେବା ଆବଶ୍ୟକ । ବିଶେଷତଃ ସଭା ଯେତେବେଳେ ସାଧାରଣ ସାହାଯ୍ୟ ପ୍ରାର୍ଥନା କରୁଅଛନ୍ତି ସେତେବେଳେ ଦାତାମାନଙ୍କର ପ୍ରବୃତ୍ତି ଜନ୍ମାଇବା ନିମନ୍ତେ ସଭାର ନିୟମାବଳୀ ଏବଂ ବାର୍ଷିକ ବିବରଣୀ ପ୍ରକାଶ କରିବା ଉଚିତ ହେଉଅଛି । ଅନ୍ତତଃ ସଭା ସ୍ଥାପନ ସମୟରୁ ଗତ ବର୍ଷର ଅନ୍ତ ପର୍ଯ୍ୟନ୍ତ କେତେ ପଶୁର ଭାର ସଭା ନେଇଅଛନ୍ତି ସେସବୁ କି ଅବସ୍ଥାରେ ଅଛନ୍ତି ଏବଂ କେତେ ବ୍ୟୟ ହେଉଅଛି ଜନସାଧାରଣରେ ପ୍ରକାଶ କଲେ ସଭାଦ୍ୱାରା କି ପରିମାଣ ଉପକାର ହେଉଅଛି ସମସ୍ତେ ଜାଣି ପାରିବେ ଏବଂ ସାହାଯ୍ୟ ଦାନରେ ଅଗ୍ରସର ହେବେ ।

---

### ମିଉନିସିପାଲ ଟିକସର ଅଧିକ୍ୟର ।

ଏ ନଗରର ଘର ଟିକସ ବନ୍ଦୋବସ୍ତ ପ୍ରସଙ୍ଗରେ ' ଓଡ଼ିଆ ଓ ନବସମ୍ବାଦ ' ରେ ଗୋଟିଏ ଯୁକ୍ତିସଙ୍ଗତ ଇଂରାଜୀ ପ୍ରବନ୍ଧ ବାହାରିଅଛି । ତହିଁରୁ କେତେକ ଧାଡ଼ି ଏଠାରେ ପ୍ରକାଶ କଲୁଁ । ଯଥା;—

We fully agree with the venerable Editor of Dipika in holding the view that the Chairman should rather refrain from attending the Appeal Meeting than uphold the heavy assessment of the late Assessor. The authorities may ask the Municipal Corporation to increase the assessment of the town beyond all reasonable limits, but that does not justify the Municipal Board which is a non-official and independent body, in raising the taxes as often and as much as they like without looking into the indigent circumstances of the people of the town.

ଏଥିର ମର୍ମ ଏହି କି ଦୀପିକା ଯାହା ଲେଖିଅଛନ୍ତି କି ଅସେସରଙ୍କର ଅତ୍ୟଧିକ ଟିକସ ବୃଦ୍ଧି ସ୍ଥିର ରଖିବାଠାରୁ ଚେୟାରମ୍ୟାନଙ୍କର ଅପିଲ କମିଟିରୁ ଅନ୍ତର ରହିବା ଭଲ ତାହା ଆମ୍ଭେମାନେ ( 'ଓଡ଼ିଆ' ) ସମ୍ପୂର୍ଣ୍ଣରୂପେ ଅନୁମୋଦନ କରୁଅଛୁଁ । ହାକିମମାନେ ଯଥେଚ୍ଛା ଟିକସ ବଢ଼ାଇବା ସକାଶେ ମିଉନିସିପାଲିଟିକୁ ଅନୁରୋଧ କରିପାରନ୍ତି; ମାତ୍ର ମିଉନିସିପାଲ କମିଶନରମାନଙ୍କ ସଭା ବେସରକାରୀ ଓ ସ୍ୱାଧୀନ ସଭା ହୋଇଥିବା ସ୍ଥଳେ ନଗରବାସୀଙ୍କର ଦରିଦ୍ର ଅବସ୍ଥା ପ୍ରତି ଦୃଷ୍ଟି ନ କରି ଥରକୁଥର ଯଥେଚ୍ଛା ଟିକସ ବଢ଼ାଇବା ଉଚିତ ନୁହେ ।

ସେହି ପ୍ରବନ୍ଧର ଅନ୍ୟ ସ୍ଥାନରେ ଲେଖାଅଛି କି ଅସେସର ଅନ୍ୟ ସ୍ଥାନର ଲୋକ ଅଟନ୍ତି ଏବଂ ସ୍ଥାନୀୟ ଘରଦ୍ୱାର କଥା ତାହାଙ୍କୁ ଜଣା ନାହିଁ କିମ୍ବା ସହରବାସୀଙ୍କ ସହିତ ତାହାଙ୍କର ପରିଚୟ ନାହିଁ । ଏ ଅବସ୍ଥାରେ ମିଉନିସିପାଲିଟିର ଚେୟାରମ୍ୟାନ ଏବଂ କମିଶନରମାନେ ଅସେସର ଘରଭଡ଼ା ନିର୍ଣ୍ଣୟ କରୁଥିବା ବେଳେ ତାହାଙ୍କ ସଙ୍ଗେ ବୁଲି ବୁଝାଇ ଦେଇଥିଲେ ଏତେ ଅନିଷ୍ଟ ହୋଇ ନ ଥାନ୍ତା । ଏ ଅବସ୍ଥାରେ ଅପିଲ କମିଟିର ଖୁବ୍ ସାବଧାନ ହୋଇ ବିଚାର କରିବା ଉଚିତ ଯେମନ୍ତ କି କାହାରିକୁ ବାଧିବ ନାହିଁ । ମାତ୍ର ସହଯୋଗୀଙ୍କର ଏହି ନ୍ୟାୟସଙ୍ଗତ ଉପଦେଶ ଶୁଣୁଅଛି କିଏ ? ମିଉନିସିପାଲିଟିର ଚେୟାରମ୍ୟାନ ଯେବେ ଅପିଲ କମିଟିର ଜଣେ ସଭ୍ୟ ହୋଇ ନ ଥାନ୍ତେ ତେବେ କିଞ୍ଚିତ୍ ସୁବିଧାର ହୋଇ ପାରନ୍ତା । ସେ ଅଦ୍ୟରୁ ଅସେସରଙ୍କର ପରାମର୍ଶଦାତା ଓ ପୃଷ୍ଠପୋଷକ ହୋଇ ବସିଅଛନ୍ତି ଏବଂ ଚେୟାରମ୍ୟାନ ଆଉ ନ ଗଲେହେଁ କେବଳ ଅପିଲକମିଟିରେ ଆପଣାକୁ ପ୍ରଧାନ ମନେ କରି ଅଗ୍ରଗଣ୍ୟ ହୋଇ ନାମଞ୍ଜୁର ଅଥବା ଉଚିତ ଅପେକ୍ଷା ବୃଦ୍ଧି ସ୍ଥଳେ ଉଚିତ

Digitized by srujanika@gmail.com

ଟିକସରୁ ଦଶ ପାଞ୍ଚଟଙ୍କା ଅଧିକା ପ୍ରସ୍ତାବ କରୁଅଛନ୍ତି । ସଙ୍ଗିମାନଙ୍କୁ ପଗ୍ଭର ହସ୍ତର ଉଚିତ କର ଧାର୍ଯ୍ୟ କରିବାକୁ ଡର ସହିତ ନାହିଁ । କାର୍ଯ୍ୟ ଗତିରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ତାହାଙ୍କର ନିଜ ବୁଦ୍ଧି ଉପରେ ଅତିରିକ୍ତ ବିଶ୍ୱାସ, ଅନ୍ୟର କଷ୍ଟକୁ ବଡ଼ ଖାତିର ନାହିଁ ଓ ଦରିଦ୍ର ପ୍ରତି ଦୟା ନାହିଁ । ଟଙ୍କାର ଉପରେ ହୁଇ ଏକ ବା ଦଶ ପାଞ୍ଚଟଙ୍କା ଟିକସ ବଢ଼ିଲେ ତାହାର କଷ୍ଟ ହୁଏ ଯେବେ ତାହା ବୁଝନ୍ତି ଥାଆନ୍ତେ ତେବେ ଏପରି ବେଦରଦ ଭାବରେ ହସ୍ତର କରନ୍ତେ ନାହିଁ ।

## ସମାଲୋଚନାର ଉପାୟ ।

ସମାଲୋଚନାର ଉପାୟ କଣ ଏହି ପ୍ରସଙ୍ଗରେ ଗତ ଜୁନ ତା ୬ ଋଖର 'ଉତ୍କଳବାସୀ' ରେ ଖଣ୍ଡିଅଳର ଶ୍ରୀ ଯାଉ ବନମଦେବଙ୍କର ଖଣ୍ଡିଏ ପତ୍ର ପ୍ରକାଶିତ ହୋଇଅଛି । ସେ ଲେଖିଅଛନ୍ତି ତ ଅଦ୍ୟାବଧି ଅନେକ ଲୋକ ଗଦ୍ୟପଦ୍ୟ ରଚନା, ସମାଲୋଚନା, ସମ୍ବାଦପତ୍ର, ବକ୍ତୃତା ପ୍ରଭୃତିଦ୍ୱାରା ଜନସାଧାରଣଙ୍କୁ ସମାଜର ଉନ୍ନତି କରିବାକୁ ଉପଦେଶ ଦେଉଅଛନ୍ତି । ମାତ୍ର ତାଏ ଉପରେ ଉନ୍ନତି କରିବ ସେ ଭାବନା ତାହାର ମନରେ ସ୍ଥାନ ପାଉ ନାହିଁ । ଏହା ଦେଖି ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ତ ଉତ୍କଳବାସିମାନେ ଯେପର୍ଯ୍ୟନ୍ତ ଅଗ୍ରୋନ୍ନତ ହେବାକୁ ଜାଣି ନାହାନ୍ତି ସେପର୍ଯ୍ୟନ୍ତ ଶତ ସହସ୍ର ଉପଦେଶ ବକ୍ତୃତା ଇତ୍ୟାଦିରେ କିଛି ଫଳ ହେବ ନାହିଁ । ସଂକ୍ଷେପରେ ସେ କହୁଅଛନ୍ତି ତ ପ୍ରଥମେ ଅଗ୍ରୋନ୍ନତ ହେଲେ ତେବେ ସମାଜର ଉନ୍ନତି ହେବ ଏବଂ ଏ ସମ୍ବନ୍ଧରେ ଦେଶହିତୈଷୀ ପତ୍ରିକାର ସମ୍ପାଦକ ବା ସମାଜ ସଂସ୍କାରକମାନଙ୍କର ମତ ଜାଣିବାକୁ ଇଚ୍ଛା କରୁଅଛନ୍ତି । ଲେଖକ ଜଣେ ଚିନ୍ତାଶୀଳ, ବୁଦ୍ଧିମାନ ବ୍ୟକ୍ତି ବୋଲି ସୁପରିଚିତ । ତାହାଙ୍କର ପ୍ରଶ୍ନର ସଦୁତ୍ତର ଦେବା, ଆଗେ ଗଛ କି ଆଗେ ମଞ୍ଜି ଉତ୍ପନ୍ନ ହେଲା ପରି, ସହଜ ନୁହେ । ମଞ୍ଜିରୁ ବୃକ୍ଷ ଓ ବୃକ୍ଷରୁ ମଞ୍ଜି ଉତ୍ପନ୍ନ ହୁଏ ତନ୍ମଧ୍ୟ ଆଗେ କଏ? ବ୍ୟକ୍ତିମାନଙ୍କର ସମଷ୍ଟି ସମାଜ । ସୁତରାଂ ବ୍ୟକ୍ତିଗତ ଉନ୍ନତି ବା ଅଗ୍ରୋନ୍ନତି ବିନା ସମାଜର ଉନ୍ନତି ହୋଇ ନ ପାରେ । ଏହି ତଥ୍ୟମୂଳରେ ଅଗ୍ରୋନ୍ନତି ମୂଳ ହେଉଅଛି । ଯେଉଁ ସମାଜରେ ତାହାର ଉନ୍ନତିର ଚେଷ୍ଟା ବା ଯତ୍ନ ନାହିଁ ସେ ସମାଜର, ଉନ୍ନତି ଅସମ୍ଭବ । ମାତ୍ର ଅଗ୍ରୋନ୍ନତି ଲାଭ ହେବ କିପରି ଅବଶ୍ୟ ତାହା ଶିକ୍ଷା ସାପେକ୍ଷ । କିନ୍ତୁ ଶିକ୍ଷାରେ କେବେ ଜଣେ ଉନ୍ନତି ଲାଭ କରୁଅଛନ୍ତି? ପୁସ୍ତକ, ଗଦ୍ୟପଦ୍ୟ ମୟ ଉପଦେଶ, ସମ୍ବାଦପତ୍ର, ବକ୍ତୃତା ପ୍ରଭୃତି ଶିକ୍ଷାର ଅଙ୍ଗ ସ୍ୱରୂପ ଏବଂ ସାଧୁସଙ୍ଗ ମଧ୍ୟ ଶିକ୍ଷାର ଗୋଟିଏ ଉତ୍କୃଷ୍ଟ ଉପାୟ ଅଟେ । ଏ ସମସ୍ତ ମଧ୍ୟରେ କିଛି ଅପ୍ରୟୋଜନୀୟ ବୋଲି ଯାଇ ନ ପାରେ । ବାସ୍ତବରେ ଅଗ୍ରୋନ୍ନତି ଶିକ୍ଷା ନିମନ୍ତେ ଏ ସମସ୍ତର ପ୍ରୟୋଜନ ଅଛି । କଥାରେ କହନ୍ତି ନ ଜାଣିଲା ଯୋଗୁ ସଭରେ ଥୋ । ଯେଉଁଠାରେ ପାଞ୍ଚଜଣ ଏକତ୍ରେ ବସି ସାଧାରଣ ହିତକର ବିଷୟର ଚର୍ଚ୍ଚା କରନ୍ତି ସେଠାରେ ସେମାନଙ୍କର ଓ ଅନ୍ୟ ପାଞ୍ଚଜଣ ଶୁଣିବା ଲୋକଙ୍କର ସୁଶିକ୍ଷା ଓ ତଦ୍ୱାରା ସାଧାରଣର ଉନ୍ନତି ହୁଏ ସନ୍ଦେହ ନାହିଁ । ପତ୍ରପ୍ରେରକ ମହାଶୟ ଏ କଥା ନ ଜାଣନ୍ତି ଏମନ୍ତ ବୋଲି ଯାଇ ନ ପାରେ । ବାସ୍ତବରେ ସେ ଯେସ୍ଥଳେ ଲେଖିଅଛନ୍ତି ତ ଉପଦେଶ ଦେବାକୁ ଅନେକ ଲୋକ ବାହାରନ୍ତି ମାତ୍ର କାର୍ଯ୍ୟ କରିବା ଲୋକ ଅତି ବିରଳ ସେସ୍ଥଳେ ସ୍ପଷ୍ଟ ବୁଝା ଯାଉଅଛି ଯେ ଅନେକ ସଂସ୍କାରକ, ସମ୍ପାଦକ ଓ ବକ୍ତାଙ୍କର କଥା ସଙ୍ଗେ କାର୍ଯ୍ୟର ସମତା ନ ଦେଖି ସେ ହତାଶ ହୋଇ ସେମାନଙ୍କୁ ଅଗ୍ରୋନ୍ନତି କରିବାର ପରାମର୍ଶ ଦେଇଅଛନ୍ତି । ଆମ୍ଭେମାନେ ଏ ବିଷୟରେ ତାହାଙ୍କ ସହିତ ଯଥାର୍ଥ ସହାନୁଭୂତି ଓ ଦୁଃଖ ପ୍ରକାଶ କରୁଅଛୁଁ । କହି ଦେଖାଇ ଦେବାଠାରୁ କାର୍ଯ୍ୟରେ ଦେଖାଇବା ଶ୍ରେଷ୍ଠ ଏବଂ ଯେଉଁମାନେ କହନ୍ତି ଏକପ୍ରକାର ଓ କାର୍ଯ୍ୟ କରନ୍ତି ଅନ୍ୟପ୍ରକାର ସେମାନେ ଭଣ୍ଡ ବିନା ଆଉ କିଛି ନୁହନ୍ତି । ସେପ୍ରକାର ଲୋକଙ୍କଦ୍ୱାରା ସମାଜର ଉନ୍ନତି ସାଧନ ହେବା ସମ୍ଭବ ନୁହେ । ସେହିମାନଙ୍କୁ ଲେଖକ ଅନୁରୋଧ କରୁଅଛନ୍ତି ଯେ ପ୍ରଥମେ ଅଗ୍ରୋନ୍ନତି କର । କେତେବା ଯେଉଁମାନେ ଅନ୍ତରର ବିଶ୍ୱାସ ଓ ଯତ୍ନସହିତ ସାଧାରଣ ଉନ୍ନତିକର ବିଷୟର ଉପଦେଶ ଦେଉଅଛନ୍ତି ଏବଂ ନିଜେ ଯଥାସାଧ୍ୟ ତଦ୍ରୂପ ଆଚରଣ କରୁଅଛନ୍ତି ସେମାନଙ୍କର ଅଗ୍ରୋନ୍ନତି ହୋଇଅଛି ଏବଂ ସେମାନଙ୍କଦ୍ୱାରା ସମାଜର କିଛିହେଲେ ଉନ୍ନତି ହେବ ଅଥବା ଉନ୍ନତିର ଚେଷ୍ଟା କରିବା ସାର୍ଥକ ଅଟେ ।

## ପୁରୀରେ ସ୍ୱାସ୍ଥ୍ୟ ଓଲାଉଠା ।

ଗତସପ୍ତାହ ଅପେକ୍ଷା ଏ ସପ୍ତାହରେ ଓଲାଉଠାର ଉତ୍ପାତ ସ୍ୱଳ୍ପରୂପେ ବର୍ଦ୍ଧିତ ହୋଇଅଛି ଏପରି ମଡ଼କ ବହୁକାଳରୁ ପୁରୀରେ ହୋଇ ନ ଥିବାରୁ ଲୋକେ କହନ୍ତି । ଯଦର ଘଣ୍ଟାବେଳେ ହୁଏ ତାହା କେବଳ ଯାତ୍ରୀମାନେ ଫେରିଯିବା ସଙ୍ଗେ ଉପଶମ ହୋଇଥାଏ ଏବଂ କଦାଚିତ୍ ସହରବାସୀ ଦଶ ପନ୍ଦରଜଣ ମଧ୍ୟ କଷ୍ଟ ହୋଇଥାନ୍ତି । କିନ୍ତୁ ଏବର୍ଷ ଯାତ୍ରୀମାନେ ଫେରିଯିବାର ଅନେକଦିନ ପରେ ଏହି ଏକପକ୍ଷ ମଧ୍ୟରେ ପ୍ରାୟ ବୁଇଶତ ଲୋକ କାଳକବଳରେ ପତିତ ହୋଇଅଛନ୍ତି । ଯେଉଁ ବଡ଼ଦାଣ୍ଡରେ ନବାଗତ ଲୋକ ସମାଗମ ହୋଇଥାଏ ଅଛନ୍ତାଇ ସନ୍ଧ୍ୟା ପରେ ସେହି ବଡ଼ଦାଣ୍ଡରେ ମନୁଷ୍ୟ ସଞ୍ଚାର ପ୍ରାୟ ହେଉ ନାହିଁ । ଅତ୍ୟାବଶ୍ୟ ସାହି ଓ ଗଳିମାନ ସନ୍ଧ୍ୟାଠାରୁ ଏପରି ନିର୍ଜନ ହୋଇ ଯାଉଅଛି ଯେ କାର୍ଯ୍ୟବଶତଃ କେହି କୌଣସି ସ୍ଥାନକୁ ଗଲେ ଗୃହ ପାଞ୍ଚଜଣ ଏକାଠି ଆଲୋକ ନେଇ ଯିବା ମଧ୍ୟ ଆବଶ୍ୟକ ହେଉଅଛି । ଦୋକାନ ବଜାର ସବୁ ସନ୍ଧ୍ୟାଠାରୁ ବନ୍ଦ ହେଉଅଛି । ପ୍ରତ୍ୟେକ ସାହି ଓ ଗଳିମାନଙ୍କରେ ଅଳ୍ପ ଅନ୍ତରରେ ସପ୍ତାହ ଭାଗବତପାଠ ଓ ସ୍ଥାନେ ନଗରସଂକୀର୍ତ୍ତନ ଏବଂ ଗ୍ରାମଦେବୀମାନଙ୍କ ନିକଟରେ ହୋମ, ପୂଜାଦି ଦୈବିକାର୍ଯ୍ୟର ଅନୁଷ୍ଠାନ ଲାଗିଅଛି । ତଥାପି ସବୁ ସାହି ଓ ଗଳିମାନଙ୍କରେ ରୋଗର ପ୍ରାଦୁର୍ଭାବ ରହିଅଛି । ସ୍ଥାନୀୟ ଉକିଲମାନେ ଏବଂ ଅନେକ ବିଦେଶୀ ବ୍ୟକ୍ତି ପୁରୀ ଛାଡ଼ି ପଳାଇ ଗଲେଣି । ମେଡିକାଲ ବାବୁ ପିଲାମାନଙ୍କୁ ଘେନି ସ୍ୱଦେଶ ଯାଇଅଛନ୍ତି । ସମସ୍ତ ସ୍କୁଲ ବନ୍ଦ ହୋଇଅଛି । ସରକାରୀ କର୍ମଚାରୀମାନେ ମଧ୍ୟ ଛୁଟୀ ନେଇ ଯିବାର ଚେଷ୍ଟାରେ ଅଛନ୍ତି । କେତେକରେ ମୋକଦ୍ଦମାମାନଙ୍କ ଲୋକସଂଖ୍ୟା ଭରାନ୍ତି କରନ୍ତି । ମଫସଲ ଲୋକମାନେ ପୁରୀରେ ଓଲାଉଠାର ଉପଦ୍ରବ ଶୁଣି ଭୟରେ ଏଠାକୁ ଆସୁ ନାହାନ୍ତି । ଯେଉଁମାନେ ନିତାନ୍ତ ଦରକାର ସ୍ଥଳେ ଅସୁ ଅଛନ୍ତି ସେମାନେ କୌଣସି ପ୍ରକାରେ କାର୍ଯ୍ୟ ଶେଷକରି ପ୍ରାଣଭୟରେ ପଳାଉଅଛନ୍ତି । ପୁଲିସ ଇନ୍‌ସ୍ପେକ୍ଟର ବାବୁ ଗଗନଚନ୍ଦ୍ର, ଘୋଷଙ୍କର ପୁଅ କି, ଏ ପାଞ୍ଚ କରି ଓଲାଉଠା ପଡ଼ିଥିଲେ, ସେହି ବୁଦ୍ଧିମାନ ପିଲାଟି ଚିକିତ୍ସାଙ୍କ ଅଗାଧ ଯୋଗସାଧନରେ ଭଲ ହୋଇ ଯାଇଥିବାରୁ ଏହି ରୋଗରେ ମାରା ପଡ଼ିଅଛନ୍ତି ଏବଂ ପୁରୀ ସ୍କୁଲର ହେଡ଼ମାଷ୍ଟର ଲୁଣପୁର୍ଣ୍ଣା ଉପେନ୍ଦ୍ର ଇନ୍‌ସ୍ପେକ୍ଟର ବାବୁ ଭାଗବତଚରଣ ସେନ ପେନସନ୍ ନେଇ କ୍ଷେତ୍ରବାସ କରୁଥିଲେ ତାହାଙ୍କର ଏକମାତ୍ର ସମ୍ପନ୍ନ ଯୋଗ୍ୟ ପୁତ୍ରଟି ମଧ୍ୟ ଚାଲିଗଲା । ସ୍ଥାନୀୟ ସେବକଶ୍ରେଣୀ ମଧ୍ୟରୁ ଅନେକ ଯୋଗ୍ୟ ଲୋକ ମାରା ପଡ଼ିଅଛନ୍ତି । ଚତୁର୍ଦ୍ଦିଗରେ କ୍ରନ୍ଦନ ଧ୍ୱନିରେ ସହର ହାହାକାର ହୋଇ ଯାଉଅଛି । ସର୍ବଦା ମୃତ୍ୟୁସମ୍ବାଦ ଶୁଣି ଲୋକେ ନିତାନ୍ତ କାତର ହୋଇ ପଡ଼ୁଅଛନ୍ତି । ଶବଦାହ ସ୍ଥାନରେ ଶୂନ୍ୟ ଦଳରେ ସ୍ଥାନ ଟିକିଏ ନାହିଁ । ସବୁ କଥା ଦୂରେ ଥାଉ ଦକ୍ଷରେ ମୃତ୍ୟୁ ଶବ ଦେଖାଯାଇ ଲୋକେ ଶଙ୍କିତ ହେଉଅଛନ୍ତି ।

Split by PDF Splitter
Digitized by srujanika@gmail.com

ସରକାର ବାହାଦୁର ମଧ୍ୟ ଯଥୋଚିତ ଚେଷ୍ଟା କରୁଅଛନ୍ତି । ଟାଉନ୍ ଥାନା, ସିଂହଦ୍ୱାର ଓ ବଡ଼ ଡାକ୍ତରଖାନାରେ ଔଷଧ ସହିତ ଡାକ୍ତରମାନେ ପ୍ରସ୍ତୁତ ଅଛନ୍ତି । ଏତଦ୍ଭିନ୍ନ ଦେଶୀ ଡାକ୍ତରମାନେ ନାନା ଦିଗରେ ଚିକିତ୍ସା କରୁଅଛନ୍ତି । ବିଶୁଦ୍ଧ ଖାଦ୍ୟ ଓ ପାନୀୟ ଜଳ ବ୍ୟବହାର ଏବଂ ରୋଗୀ ସମ୍ବନ୍ଧେ ସୁବ୍ୟବସ୍ଥାର ବିଷୟ ମୁଦ୍ରିତ ବିଜ୍ଞାପନଦ୍ୱାରା ଡାକ୍ତର ସାହେବଙ୍କ ସ୍ୱାକ୍ଷରରେ ସର୍ବତ୍ର ବିତରିତ ହେଉଅଛି । ରୋଗୀ ଯେଉଁ ଘରେ ମୃତ ହେଉଅଛନ୍ତି ସେ ଘର ତତ୍‌କ୍ଷଣାତ୍ ସରକାର ତରଫରୁ ଶୋଧିତ ହେଉଅଛି ।

ବିଦେଶୀ ରୋଗଗ୍ରସ୍ତ ବ୍ୟକ୍ତିମାନେ ଚାଲି ଯାଉଅଛନ୍ତି କିନ୍ତୁ ବାସିନ୍ଦାମାନେ ଘରଦ୍ୱାର ଛାଡ଼ି କେଉଁଆଡ଼େ ଯିବେ ? ସେମାନେ କେବଳ ବିପଦ୍‌ଭଞ୍ଜନ ଶ୍ରୀ ମଧୁସୂଦନଙ୍କୁ ଡାକୁଅଛନ୍ତି ।

ଗତ ବର୍ଷା ନ ଥାଇ ମେଘ ଆଚ୍ଛନ୍ନ ରହିଅଛି । କେବଳ ଗତ ବୁଧବାର ଅପରାହ୍ଣ ଘ ୪ ଘଟିକାଠାରୁ ରାତ୍ର ଘ ୧୨ ଘଟିକା ପର୍ଯ୍ୟନ୍ତ ଉତ୍ତମ ବୃଷ୍ଟି ହୋଇଥିଲା ।

## ପରଦା ପିଟିଗଲା ।

ପ୍ରାୟ ଗତ ଛଅ ସପ୍ତାହ ହେଲା ଏଠା ମିଉନିସିପାଲ କଚେରୀରେ ଅପିଲ କମିଟି ବସି ଟିକସ ସମ୍ବନ୍ଧୀୟ ଆପତ୍ତିମାନ ନିଷ୍ପତ୍ତି କରୁଅଛନ୍ତି । ପ୍ରତିଦିନ ଶତାଧିକ ଲୋକ ଉପସ୍ଥିତ ହୁଅନ୍ତି ଏବଂ ଦୁଇ ଚାରିଜଣ ଉକିଲ ମୋକ୍ତାର ମଧ୍ୟ ଥାନ୍ତି । କିନ୍ତୁ ଗତ ସୋମବାର କଚେରୀ ଯେମନ୍ତ ଗରମ ଥିଲା ତେମନ୍ତ ଆଉ କେବେ ଦେଖା ନ ଥିଲା କି ଦେଖା ଯିବ ନାହିଁ । ସେଦିନ କେତେଜଣ ବଡ଼ ଉକିଲଙ୍କର ଅପିଲର ତାରିଖ ଥିଲା ଏବଂ ଦେଖିବାକୁ ମଧ୍ୟ ଅନେକ ଉକିଲ ଯାଇଥିଲେ । କେତେଟା ଅପିଲ ଫଏସଲ ପରେ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇଙ୍କର ଅପିଲ ପଡ଼ନ୍ତେ ସେ ପ୍ରଥମେ ଅସେସରଙ୍କର ସାକ୍ଷ୍ୟ ନିଆଯିବାର ପ୍ରାର୍ଥନା କଲେ । ଚେଆରମାନ ତହିଁରେ ଆପତ୍ତି କଲେ ମାତ୍ର ଆଇନରେ ସାକ୍ଷ୍ୟ ନେବାର ବିଧାନ ଥିବାରୁ ଭାଇସ ଚେଆରମାନ ଓ ଅନ୍ୟ ମେମ୍ବରମାନେ ସାକ୍ଷ୍ୟଗ୍ରହଣ ସପକ୍ଷରେ ମତ ଦେଲେ ଏବଂ ଅସେସରଙ୍କୁ ଜୋବାନବନ୍ଦି ଦେବାକୁ ପଡ଼ିଲା । ମଧୁବାବୁଙ୍କର ପ୍ରଶ୍ନ ମତେ ଅସେସର କେତେବାର ଉତ୍ତର ଦେଲେ ଏବଂ କେତେ ପ୍ରଶ୍ନ ଚେଆରମାନ ଅଗ୍ରାହ୍ୟ କରିବାରୁ ସେ ସମସ୍ତର ଉତ୍ତରରୁ ଅବ୍ୟାହତି ପାଇଲେ । ଅଗ୍ରାହ୍ୟ ହେବା ପ୍ରଶ୍ନମାନ ପ୍ରଧାନତଃ କମିଶନର ଓ କଲେକ୍ଟରଙ୍କର କୋଠି ସମ୍ବନ୍ଧରେ ଥିଲା । ହାକିମମାନେ କେବଳ ସେମାନଙ୍କର ଘର ସଙ୍ଗେ ମାନବଗଣଙ୍କ ଘରର ତୁଳନା କରିବା ଗୁରୁତ୍ତ ଅପରାଧ ମନେ କରି ଚେଆରମାନ ଅଗ୍ରାହ୍ୟ କଲେ କି ? ଯାହାହେଉ ଅସେସର ଯେ ସମସ୍ତ ଉତ୍ତର ଦେଲେ ତହିଁର ସଂକ୍ଷେପ ( ବିସ୍ତାରିତ ଲେଖିବାକୁ ସ୍ଥାନ ନାହିଁ ) ମର୍ମ ଏହି କି ଅସେସର ମଧୁବାବୁଙ୍କର କୋଠିର ଭିତରକୁ କେବେ ଯାଇ ନ ଥିଲେ କିମ୍ବା ଯାଇ ଦେଖିବାର ଚେଷ୍ଟା କରି ନ ଥିଲେ । କୋଠିରେ କି ପରିମାଣର କେତେ କୋଠରୀ ଅଛି, ହତାରେ କେତେ ଜମି, ସେ ଜମିରେ ତାହାଙ୍କର ସବ୍ଜି କି ପ୍ରକାର, ଗଣନା କେତେ, ସେହି କୋଠିର ସଂଲଗ୍ନ ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀଙ୍କର କୋଠି ହତା ତହିଁରୁ ବଡ଼ କି ସାନ, ଇତ୍ୟାଦି କିଛି କଥା କହି ପାରିଲେ ନାହିଁ । ଲକ୍ଷ୍ମୀନାରାୟଣ ବାବୁଙ୍କର କୋଠି ଦଶବର୍ଷ ପୂର୍ବେ ମାସକୁ ଟ ୧୦୦୯ ଙ୍କାରେ ଭଡ଼ା ଦିଆଯାଇ ଥିବାର କହି ପାରିଲେ ମାତ୍ର ନିକଟରେ ଟ ୫୦।୬୦୯ ଙ୍କାରେ ଭଡ଼ା ଦିଆଯାଇଥିବାର ଜାଣି ପାରି ନାହାନ୍ତି । ମଧୁବାବୁଙ୍କ କୋଠିର ଭଡ଼ା ଅସେସର ମାସକୁ ଟ ୬୫୦୯ ଙ୍କା ଧାର୍ଯ୍ୟ କରିଥିଲେ ମାତ୍ର ଏତେ ଭଡ଼ା ଏହି କଟକ ସହରର କୌଣସି କୋଠି ସକାଶେ କେହି ଦଏ କି ନାହିଁ କିମ୍ବା କେହି ଦେବାକୁ ପ୍ରସ୍ତୁତ ଅଛି ତାହାବୁଝି ନ ଥିବାର କହିଲେ । ଏଥିପର ଅସେସର ଯେଉଁ ଜୋବାନବନ୍ଦି ଦେଲେ ତହିଁରୁ ସ୍ପଷ୍ଟ ଜଣାଗଲା ଯେ ସେ କେବଳ ଦାଣ୍ଡରୁ ଘରକୁ ଚାହିଁଦେଇ ଘରଭଡ଼ା ମନେଇଚ୍ଛା ମତେ ଗୋଟାଏ ଲେଖି ଦେଇଗଲେଛନ୍ତି । ଘର ଭିତରରେ ରହିବାର ସ୍ଥାନ କେତେ ଲୋକର କପଡ଼ ଅଛି, ଘର ଅବସ୍ଥା କେମନ୍ତ କିଛି ଅନୁସନ୍ଧାନ କରି ନାହାନ୍ତି । ଏହାଇ ଟିକସ ବନ୍ଦୋବସ୍ତର ପ୍ରଧାନ ଦୋଷ ଏବଂ ଏହି ହେତୁ ଅନେକ କରଦାତାଙ୍କ ଉପରେ ଭାରି ଅତ୍ୟାଚାର ହେବାରୁ ସାଧାରଣ ଅସନ୍ତୋଷ ଜାତ ହୋଇଅଛି । ଅପିଲ କମିଟିର ମେମ୍ବର ବକ୍ଷେଶର ଶରଜମିନ ତଦାରଖରେ କେତେଥର ଘରଙ୍କ ଭିତରକୁ ଅସେସର ନ ଯାଇ ଦାଣ୍ଡରୁ ଦେଖି ଭଲ ମନେ କରି କରଧାର୍ଯ୍ୟ କରିଥିବାର ପ୍ରକାଶ ପାଇଅଛି ଓ ଅସେସର ସେହି ତ୍ରୁଟି ସ୍ୱୀକାର କରି ଟିକସ କମାଇବାରେ ସମ୍ମତି ଦେଇଅଛନ୍ତି ସୁତରାଂ ଅପିଲ କମିଟୀ ଅନେକ କଥାରୁ ତାହା ଜାଣି ପାରିଥିଲେ । ତଥାପି ଅଧିକାଂଶ ଅପିଲରେ ଚେଆରମାନ ଅସେସରଙ୍କର ପକ୍ଷ ମାତ୍ର ଗ୍ରହଣ ଫଏସଲ କରିବାରୁ ଅନ୍ୟ ସଭ୍ୟମାନେ ସେହି ବାଟରେ ଚାଲିଗଲେ ଏବଂ କଥାଟା ଘୋଡ଼ାଇ ରହିଥିଲା । ମଧୁବାବୁ ଅସେସରଙ୍କ ଜୋବାନବନ୍ଦି ନେଇ ସର୍ବସାଧାରଣ ସମକ୍ଷରେ ତାହାଙ୍କର କାର୍ଯ୍ୟପ୍ରଣାଳୀ ଦେଖାଇଦେଇ ବିଶେଷ ଉପକାର କରିଅଛନ୍ତି ଏବଂ ତଦ୍ୱାରା ଅପିଲ କମିଟୀ ମଧ୍ୟ ଏଥିର କିଛି ସାବଧାନ ହୋଇଅଛନ୍ତି । କାରଣ ପୂର୍ବପର ଅସେସରଙ୍କ ଲେଖା ଉପରେ ଏକାନ୍ତ ନିର୍ଭର ନ କରି ଟିକିଏ ନିଜ ବିବେଚନାରେ କାର୍ଯ୍ୟ କରୁଅଛନ୍ତି । ମାତ୍ର ସହସ୍ର ମନୁଷ୍ୟ ମାରି ବୈଦ୍ୟ ନିପୁଣ ହେବାଦ୍ୱାରା ସେହି ହତଭାଗ୍ୟ ମନୁଷ୍ୟଙ୍କର ଉପକାର ମେଣ୍ଟିଲା ନାହିଁ ! ବର୍ତ୍ତମାନ ସେ କଥା ସ୍ୱୀକାର କରିବାର ସମ୍ଭାବନା ଉଚିତ ହେଉଅଛି । ଆଇନରେ ଅଛି ଅପିଲ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ମାତ୍ର ଯେ ସ୍ଥଳେ ଭ୍ରମ ହୋଇଥିବାର ସ୍ପଷ୍ଟ ଜଣାଯିବ ସେ ସ୍ଥଳ ପୁନର୍ବିଚାର କରିବାର ସ୍ପଷ୍ଟ ବିଧାନ ଆଇନରେ ନ ଥିଲେ ମଧ୍ୟ ସାଧାରଣ ନ୍ୟାୟର ଅନୁରୋଧରେ ତାହା କରିବା ଅନ୍ୟାୟ ବୋଲାଯାଇ ନ ପାରେ । ମଧୁବାବୁ ଅଥବା ଅନ୍ୟାନ୍ୟ ବଡ଼ ବଡ଼ ଜମିଦାର ପ୍ରଭୃତି ସମର୍ଥ ଲୋକମାନେ ଅଦାଲତରେ ଅନ୍ୟାୟରେ ମାମଲା କରି କେଉଁଆଇନର ପ୍ରତିକାର କରିପାରନ୍ତି ଏବଂ ତଦ୍ୱାରା ଭବିଷ୍ୟତରେ ସାଧାରଣ ଉପକାର ହେବ । ସମ୍ପ୍ରତି ଯେଉଁ ଗରିବମାନଙ୍କ ଉପରେ ଅତିରିକ୍ତ ଓ ଅନ୍ୟାୟ ଟିକସ ଧାର୍ଯ୍ୟ ହୋଇଅଛି ତଦ୍ୱାରା ସେମାନଙ୍କର ରକ୍ଷା ହେବନାହିଁ । ମାତ୍ର ମଧୁବାବୁ ଜଣେ ମିଉନିସିପାଲ କମିଶନର, ଏବଂ ସେ ସେସ୍ଥଳେ ନିଜ ଅନୁଭବରେ ଟିକସ ସମ୍ବନ୍ଧୀୟ ଅନେକର ଭ୍ରମ ଦେଖି ପାରିଅଛନ୍ତି ଏବଂ ଅନ୍ୟାନ୍ୟ କମିଶନରମାନେ ଯେ କିଛି ବୁଝି ନାହାନ୍ତି ଏମନ୍ତ ନୁହେ ସେ ସ୍ଥଳେ ସେ ମିଉନିସିପାଲ କମିଶନରମାନଙ୍କର ସଭାରେ ଏ ପ୍ରସଙ୍ଗ ଉପସ୍ଥିତ କରି ଭ୍ରମର ସଂଶୋଧନ କରାଇବା ନିତାନ୍ତ କର୍ତ୍ତବ୍ୟ ହେଉଅଛି । ବୋଲିବା ବାହୁଲ୍ୟ ଯେ ଗୋଟିଏ ଦଳଦ୍ୱାରା ଅନ୍ୟାୟ କାର୍ଯ୍ୟ ହେଲେ ଦଳସ୍ଥ ସମସ୍ତେ ତହିଁର ଭାଗୀ ଅଟନ୍ତି ଏବଂ ଯେତେବେଳେ ସାଧ୍ୟମତେ ଚେଷ୍ଟାକରି ସଙ୍ଗୀମାନଙ୍କ ଅନ୍ୟାୟର ବା ଭ୍ରମର ପ୍ରତିକାର ଅସମ୍ଭବ ହୁଏ ତେବେ ସେ ଦଳରେ ରହିବା ଉଚିତ ନୁହେ ।

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ନାରାୟଣଚନ୍ଦ୍ର ନାୟକ, ବାହାଦୂରଙ୍କ ଯଶହର ବଦଳିର ହୁକୁମ ରହିତ ହେଲା ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମୌଲବୀ ମହମ୍ମଦ ଅନହର ଫରିଦପୁର ଜିଲାର ସଦର ମହକୁମାକୁ ବଦଳି ହେଲେ ।

Split by PDF Splitter
Digitized by srujanika@gmail.com

### ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଲକ୍ଷଣ ମହାନ୍ତି—ବହୁଦିନରୁ ଗଳ୍ପ ବନ୍ଦ ହେଲା ଅଛି ଥିବା ଡାକ୍ତର କାଟିଙ୍ଗବୁମାର ଘୋଷ ପଲ୍ଲୁବାମହା ଶୁଭକ୍ଷଣ ଲୋକଙ୍କୁ ପ୍ରାଣସଂଶୟାବସ୍ଥାରୁ ଚିକିତ୍ସାଦ୍ୱାରା ରକ୍ଷା କରି ଯଶୋଭାଗୀ ହୋଇଥିବାର ଲେଖିଅଛନ୍ତି । ସେ ସେମନ୍ତ ସ୍ୱତନ୍ତ୍ର ତେମନ୍ତ ସୁନାମ ଅଛନ୍ତି ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଅନୁଗ୍ରହପୂର୍ବକ ନିମ୍ନଲିଖିତ ବିଷୟଟି ପ୍ରକାଶ କଲେ ବାଧିତ ହେବ ।

ସାଧାରଣତଃ ଲୋକମାନେ ଯେଉଁ ଭାଷାରେ ନିଜ ପରିବାରରେ କଥାବାର୍ତ୍ତା କହୁଅଛନ୍ତି ତାକୁ "ମାତୃଭାଷା" କହନ୍ତି । ଯାହାର ବାପ ଓଡ଼ିଆ ଓ ମା ବଙ୍ଗାଳି ତାହାର ମାତୃଭାଷା କଣ ହେବ ? ଓ ତାହାର Nationality ଓଡ଼ିଆ ନା ବଙ୍ଗାଳି ହେବ ? ଏ ବିଷୟରେ ମୋର ସନ୍ଦେହ ନାଶ ହେବାକୁ ମୁଁ ସାଧାରଣଙ୍କ ନିକଟରେ ଜିଜ୍ଞାସୁ ହୋଇ ପ୍ରାର୍ଥନା କରୁଅଛି କି ସମ୍ପାଦକ ମହାଶୟ ଓ ପାଠକବର୍ଗ ଉତ୍ତର ପ୍ରଦାନ କରି ବାଧିତ କରିବା ହେବେ ।

ବଶମ୍ବଦ
ଜଣେ " ଅଜ୍ଞାଶ୍ରିତ "
ତା ୨୬।୭।୦୫

ମହାଶୟ !

କଟକେବଲ . ଏହାଙ୍କ । ତ । ମୟୂରଭଞ୍ଜ ବାମନଘାଟୀ ଓ ପାଞ୍ଚପିଡ଼ ଇଲାକା ସ୍କୁଲ ସମୂହ ଶିକ୍ଷକମାନଙ୍କର ବର୍ତ୍ତମାନ ଏହି ଦୁର୍ଦ୍ଦଶା ଯେ ଅମ୍ଭେମାନେ ବହୁତଃ ଦୂରରୁ ଆସି ସ୍କୁଲ କାର୍ଯ୍ୟ କରୁଅଛୁଁ ଅମ୍ଭମାନଙ୍କର ୬ମାସ ମାସିକ ବେତନ ଅଦ୍ୟପର୍ଯ୍ୟନ୍ତ ମିଳିବାକୁ ନାହିଁ ଅମ୍ଭେମାନେ ଏହିପରି ଦଫାକୁଦଫା ରିପୋର୍ଟ କଲେ ବହୁକଷ୍ଟରେ ବେତନ ମିଳେ ଅମ୍ଭମାନଙ୍କ ଚଳାଚଳ ପକ୍ଷେ ବିଶେଷ ବାଧା ହେବାରୁ ଅମ୍ଭେମାନେ ଲେଖି ଜଣାଉଁ ଦୀପିକାଦ୍ୱାରା ମୟୂରଭଞ୍ଜ ମହାରାଜାଙ୍କ ନିକଟକୁ ଚଳାଇ ଦେବେ ଚଳାଇଦେଲେ ଅମ୍ଭମାନଙ୍କ ପ୍ରତି ବିଶେଷ ଭଲ ହେବ । ଅମ୍ଭେମାନେ ବଡ଼ କଷ୍ଟରେ ରହୁଅଛୁଁ । ଇତି ।

ବଶମ୍ବଦ
୨୬।୭।୦୫ } ଶ୍ରୀ ନାରାୟଣ ଦାସ ଝାଡ଼ଗ୍ରାମ
ଅପରପ୍ରାଇମେରୀ ସ୍କୁଲ ଶିକ୍ଷକ

ମହାଶୟ !

ଅଦ୍ୟ ପ୍ରଜାସାଧାରଣଙ୍କର ଗୋଟିଏ ଦୁଃଖ ଜ୍ଞାପନ କରଉଅଛୁଁ କି ପୂର୍ବେ ବ୍ରାହ୍ମଣମାନେ ଗ୍ରାମସର୍ବାରରୁ ନିଷ୍କର ବାହେଲ ଜମି ଭୋଗ ଦଖଲ କରୁଥିଲେ ଗତ ବନ୍ଦୋବସ୍ତରେ ଯେଉଁ ପାରଙ୍ଗ ପାଇଅଛନ୍ତି ତହିଁରେ ରୟତ ଦଖଲୀସ୍ୱତ୍ୱ ଅମୃତ ବୋଲି ଲେଖା ଥିବାରୁ ସେମାନେ ଏକରକମ ଦାବଦାର ହୋଇ ବସିଅଛନ୍ତି ଓ କହନ୍ତି ତୁମ୍ଭେ ଏ ଜମି ଅନ୍ୟକୁ ବନ୍ଦୋବସ୍ତ କରି ପାରିବ ନାହିଁ । ଏହା କି ପ୍ରକୃତ ଆଇନାନୁମୋଦିତ ? ଦ୍ୱିତୀୟ କଥା—ନିଷ୍କର ବାହେଲରେ ଥିବା ରୟତ କହନ୍ତି ଅମୃତ ପ୍ରଜାସ୍ୱତ୍ୱ ଦାବି ମୁତାବକ କେହି ଖଜଣା କେହି ଧୂଳିଭାଗ ଦେଉଁ ତାହା ପୂର୍ବମତେ ଦେଉଥିବୁଁ । ମାଲିକ ବଳି କଲେ ସୁଦ୍ଧା ଖର୍ଚ୍ଚିବାର ଅମୃତ ରୟତ ଦଖଲ ଉଠାଇ ପାରିବ ନାହିଁ କିମ୍ବା ଖଜଣା ବୃଦ୍ଧି ମଧ୍ୟ କରିବାକୁ ମାଲିକର ଅଧିକାର ନାହିଁ । ଏହା ଦେଖି ସ୍ୱତ୍ୱାଧିକାରୀର ବୃତ୍ତି ବନ୍ଦ ବା ବିକ୍ରୟରେ ସମ୍ପୂର୍ଣ୍ଣ ବାଧା ଘଟିଅଛି । ଏଥିର କି ପ୍ରତୀକାର ଗବର୍ଣ୍ଣମେଣ୍ଟଙ୍କର ନାହିଁ ? ।

କଟକ ଶ୍ରୀ କାଶୀନାଥ ପଣ୍ଡା
ଶଙ୍ଖାସ ସ୍କୁଲ

ବନ୍ଦୋବସ୍ତର ଶେଷ ସମୟରେ ଯେଉଁ ପ୍ରକାର ଯେ ସ୍ୱତ୍ୱ ଲେଖାଅଛି ତହିଁରୁ ବଳିତ କରିବାର ଅଧିକାର ଜମିଦାର, ମଧ୍ୟସ୍ୱତ୍ୱାଧିକାରୀ କିମ୍ବା ବାହାର ରାଜସରକାରଙ୍କର ନାହିଁ । ସେମାନେ କେବଳ ସେସମୟ ଧାର୍ଯ୍ୟ ଜମା ପ୍ରଜାଠାରୁ ନେଇ ପାରିବେ ଏବଂ ଆଇନମତେ ଜମା ବୃଦ୍ଧି କରି ପାରିବେ । କେବଳ ସ୍ୱତ୍ୱହୀନ ପ୍ରଜାକୁ ବେଦଖଲ କରି ପାରିବେ । ରାଜସରକାର ବାହାର ଜମି ବିକ୍ରୟ ବା ବନ୍ଧକ ଦେବାର ନିଷେଧ ନାହିଁ ମାତ୍ର ଯାହାଠାରୁ ନେବ ତାହାର ସ୍ୱତ୍ୱରୁ ଅଧିକ କିଛି ପାଇବ ନାହିଁ । ସଂ ।

ମହାଶୟ !

ଆମ୍ଭମାନଙ୍କର ସୁଖ ସ୍ୱଚ୍ଛନ୍ଦତା ପ୍ରତି ଦୃଷ୍ଟି ରଖି ଗବର୍ଣ୍ଣମେଣ୍ଟ ବାହାଦୁର ଅନେକ ପ୍ରଣୟନ କରୁଅଛନ୍ତି ମାତ୍ର ଯେଉଁମାନଙ୍କ ହାତରେ ଆଇନ ରକ୍ଷାର ଭାର ଅଛି ସେମାନଙ୍କ ମଧ୍ୟରୁ କେହି କେହି ନିଜର ବିପୁଳ ଶକ୍ତି ଛଡ଼ା ସାଧାରଣଙ୍କ ବିଷୟ ଏକାବେଳକେ ଭୁଲିଯାଇଥାନ୍ତି । ଆମ୍ଭମାନଙ୍କ କପାଳ ଦୋଷରୁ ସେହିପରି ଜଣେ କର୍ମଚାରୀ ଯାଜପୁରବାସିଙ୍କର ଭାଗ୍ୟନିୟନ୍ତା । ବହୁତ କଥା ଅଛି ଥାଉ । କଥାରେ ଅଛି "The wearer knows when the shoe pricks" ସୁତରାଂ ଶନିବାର ଦିନ ରାତି ୧୦ ଟାରେ ଯାହା ପ୍ରତି ୩ ଦିନର କାରାଦଣ୍ଡ ଆଜ୍ଞା ହୁଏ ସେ ଜାଣେ ଦଣ୍ଡଟାର ମର୍ମ କଣ । ରାତିଠାରୁ ତିନିପା ପର୍ଯ୍ୟନ୍ତ ଗୋଟାପଣେ ଆଇନ । ଦଣ୍ଡଦାତା ଓ ଦଣ୍ଡ ଭୋକ୍ତା ଛଡ଼ା କୌଣସି ତୃତୀୟପକ୍ଷଙ୍କର ଏଥିର ଅଭିପ୍ରାୟ ବୁଝିବାର ଉପାୟ ନାହିଁ । ସବ୍‌ଡିଭିଜନାଲ ଅଫିସର ମହାଶୟ ଅନୁପସ୍ଥିତ ସମୟରେ କଚେରୀ କରିବା ହେତୁ ସାଧାରଣଙ୍କର ଯେ ଅସୁବିଧା ହେଉଅଛି କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର କରାଇବା ବର୍ତ୍ତମାନ ଆମ୍ଭର ଉଦ୍ଦେଶ୍ୟ ।

ସଃ ଅଃ ମହୋଦୟ ଗୋଟିଏ ଏ ପାଖରେ ନେବେ କଚେରୀକୁ ଆସନ୍ତି ନାହିଁ । ସାଢ଼େ ଗୋଟାଏ କିମ୍ବା ଦୁଇଟା ତାହାଙ୍କର ଆସିବା ସମୟ । ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ କଚେରୀ କରି ଜଳଯୋଗ ଓ ବିଶ୍ରାମ ସକାଶେ କୋଠିକୁ ଯାଇ ପୁନର୍ବାର ପ୍ରାୟ ୭ଟା ସମୟରେ କଚେରୀକୁ ଆସି କାର୍ଯ୍ୟର ପରିମାଣ ଅନୁସାରେ ୯ଟା ୧୦ଟା ପର୍ଯ୍ୟନ୍ତ କଚେରୀ କରନ୍ତି । ଏଥିରେ ଯେଉଁ ଅମଲା ଓ ମୁକ୍ତାରମାନଙ୍କୁ ୧୧ଟା ବେଳେ କଚେରୀରେ ହାଜର ହେବାକୁ ପଡ଼େ ସେମାନଙ୍କର କଷ୍ଟ ଅନୁମାନ କରି ନେବାର କଥା । ମାତ୍ର ପାଟି ଫିଟାଇବାର କାହାର ଶକ୍ତି ନାହିଁ । ସାଧାରଣଙ୍କ କଥା କହିବାକୁ ଗଲେ ଯେଉଁମାନଙ୍କର ଘର ଟାଉନଠାରୁ ୮।୧୦ ମାଇଲ ମଧ୍ୟରେ ସେମାନେ ଘରୁ ଖାଇ ଆସିଥାନ୍ତି ଏବଂ ଆଶା କରିଥାନ୍ତି ୫ଟା ବେଳକୁ କାମସାରି ଘରକୁ ଫେରିଯାଇ ଖାଇ ପାରିବେ । ମାତ୍ର କ୍ୱଚିତ୍ ସେମାନଙ୍କ ଭାଗ୍ୟରେ ସେପରି ଘଟିଥାଏ । ରାତି ୯ଟା ୧୦ଟାରେ କଚେରୀରୁ ବାହାରି ଘରକୁ ଫେରିବାର ସୁବିଧା ନ ଥାଏ ପୁଣି ବଜାର ପଡ଼ିଯାଇଥିବା ହେତୁ ବସା ଖୋଜି ରହି ପାରନ୍ତି ନାହିଁ । ସୁତରାଂ ଅନେକ ସମୟରେ ଅନାହାରରେ ମୁକ୍ତାରଖାନାରେ ଶୋଇ ରହନ୍ତି । ଆଜି କାଲି ଭଲ ବର୍ଷା ନାହିଁ ମାତ୍ର କଦୃମିତ ଝିପି ବର୍ଷା ହେଲେ ଓଦାଲୁଗାରେ ମଧ୍ୟ ରାତି କଟାଇବାକୁ ପଡ଼େ । ଯେଉଁମାନେ ବସା କରିଥାନ୍ତି ସେମାନେ ରାତି ସଉଦା ସକାଶୁ ଆଣି ରଖି ନ ଥିଲେ ବଜାର ପଡ଼ିବା ହେତୁ ଉପବାସ ରହନ୍ତି । ଭାଗ୍ୟକୁ ସଃ ଡେଃ ବାବୁ ଆସିଥିବାରୁ ଡେପୋଟି ବାବୁ ପ୍ରଚୁର ଅବସର ପାଉଥିଲେ ଲୋକମାନଙ୍କର କଷ୍ଟ ମଧ୍ୟ ପ୍ରଚୁର ପରିମାଣରେ କମିଅଛି । କେତେକ ଅଜ୍ଞାନି ଗତ ଶନି ୧୦ ଅଟଳ ନାଲିଷରେ ଡେପୋଟି ବାବୁ ଲୋକଙ୍କୁ ଅତିଶୟ କଷ୍ଟରେ ପକାଉଥାନ୍ତି ।

ଆପଣଙ୍କର
ଯାଜପୁରବାସୀ
୩୧।୭।୦୫

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଦଶରଥ ସ୍ୱାଇଁ | ହୁଃ ଅଃ | କଟକ | ଟ ୪ |
| ସତ୍ୟଭାମା ଗୋଲକ ସୁପରିନ | | ଡୋର୍ଣ୍ଣା | ଟ ୧୪ |
| ବାବୁ ରଘୁନାଥ ଜେନା | ହେଃ ପଃ | ବାମଣ୍ଡା | ଟ ୧ |
| ମାନେଜର, କଲିକା | | | ଟ ୩ |
| ଶ୍ରୀ ଉପେନ୍ଦ୍ର କଲବର ଗୋସାଇଁ ଦକ୍ଷପଡ଼ା | | | ଟ ୧ |
| ବାବୁ କାଶୀନାଥ ସେନ ନୂଆପଡ଼ା ହିନ୍ଦୋଳ | | | ଟ ୩ |
| " ଗୋକୁଳ ମହାନ୍ତି | | ଜାଜପୁର | ଟ ୧୪ |
| " ମୋହନ ରଥ | | କଟକ | ଟ ୧୬ |
| " ଗଜପତି ଚୌଧୁରୀ | | କୁମ୍ଭାରପଡ଼ା | ଟ ୧୮୫ |
| " | | କଟକ | ଟ ୧ |
| ମନସା ଓଗାହାରୁ | | | |
| ବାବୁ ରଘୁନାଥ ଶତପଥି | | ବାଲେଶ୍ୱର | ଟ ୩ |
| " ଶ୍ରୀ ରାମନାରାୟଣ | | ତାଳଚେର | ଟ ୭ |
| " ବାଳକୃଷ୍ଣ ଦାସ | | କଟକ | ଟ ୩ |
| " ଚନ୍ଦ୍ରମୋହନ ମହାରଣା ହେଃ ମାଃ ସ୍କୁଲ | | | ଟ ୩ |
| " ସେନାପତି | | ବଲାଙ୍ଗୀର | ଟ ୧ |
| ମୁନସୀ ମହମ୍ମଦ ମଜହର | | | ଟ ୦ ୪ |

Digitized by srujanika@gmail.com

Split by PDF Splitter



ଅସ୍ମ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକ ମାନ କଟକ ଦର୍ଘାବଜାର ଟ୍ରେଣ୍ଟ୍‌ଟକମ୍ପାନୀଙ୍କ ଓ କୁଜ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଢେଙ୍କାନାଳ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ଉଚିତ ସହାୟ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ଭି ପେଲ୍ୟୁପେବଲର ପାର୍ଶଲରେ ବହି ନେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଜୀବନଚରିତ୍ର, (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ ।୵ |
| ସଙ୍ଗୀତସାଗର ପ୍ରଥମ ତରଙ୍ଗ | ଟ ୦ ୶ |
| ଏକାର ଦ୍ୱିତୀୟ ତରଙ୍ଗ | ଟ ୦ ୶ |
| ଏକାର ତୃତୀୟ ତରଙ୍ଗ | ଟ ୦ ୶ |
| ଏକାର ଚତୁର୍ଥ ତରଙ୍ଗ | ଟ ୦ ୶ |
| ଏକାର ପଞ୍ଚମ ତରଙ୍ଗ | ଟ ୦ ୶ |
| ଏକାର ଷଷ୍ଠ ତରଙ୍ଗ | ଟ ୦ ୶ |
| ସଙ୍ଗୀତ ସବଂସାର | ଟ ୶ |
| ରସଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ୶ |
| ପାରିଜାତମାଳା (ଶ୍ରୀମତୀ ସୁଲକ୍ଷଣାଙ୍କ ଦ୍ୱାରା | ଟ ୦ । |
| ନାଟ୍ୟ ସଙ୍ଗୀତ | ଟ ୦ ୵ |
| ବର୍ଷାକାଳ ବର୍ଣ୍ଣନା | ଟ ୦ ୧ ୯ |
| ସମରତରଙ୍ଗ | ଟ ୦ ୵ |
| ବାଲ୍ୟଶିକ୍ଷା | ଟ ୦ / |

ଶ୍ରୀ ଦାମୋଦର ପଟ୍ଟନାୟକ

ଗବର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରଶଂସା ଫଳପ୍ରଦ, ନବାବିଷ୍କୃତ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ଦୃଢ଼, ପରିଷ୍କାର ଏବଂ ସଚିକ୍କଣ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ଝଡ଼ନ ଦୂର ହୁଏ, ମସ୍ତକର ରୁକ୍ଷ ବିନାଶ ହୁଏ, ଓ କେଶ, ପାକିବା ନିବାରିତ ହୁଏ । ଆଉ, ମସ୍ତିଷ୍କ ଦୌର୍ବଲ୍ୟ ସ୍ମୃତିଶକ୍ତି ଦୁର୍ବଳତା ନୟନ ମୁଣ୍ଡ ଘୂର୍ଣ୍ଣ, ଶିରଃଶୂଳ, ବୁଦ୍ଧି ଦୌର୍ବଲ୍ୟ ଏ ସାରଣ ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ଏକବୋତଲ ଟ ୧ ପାଙ୍କ ଓ ଡାକମାସୁଲ ଟ ୦ ।୵

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିୟାର ମହୌଷଧ । ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ପ୍ରସ୍ରାବ ଜ୍ୱାଳା ପୂଜ ଏବଂ କ୍ଷତ ପ୍ରଭୃତର ପ୍ରଧାନ ଔଷଧ । ରୋଗୀ ସ୍ୱଦେହ ଭଲି ତଦନୁସାର କାର୍ଯ୍ୟ ଆରୋଗ୍ୟ ଲାଭ କରନ୍ତି । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା ରୂପ ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୳ ଡାକମାସୁଲ ଟ ୦ ୵

# ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମ ପେଟର ବେଦନା, ଗର୍ଭଧାରଣର ଅକ୍ଷମତା, ପ୍ରସବାନ୍ତରରେ ସ୍ତନ ରୋଗର ଅଶକ୍ତ ଦୂର କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୳ ଡାକ ମାସୁଲ ଟ ୦ ।୶

ଅମୃତ ବଲ୍ଲୀ କଷାୟ ।

ପାରଦଘଟିତ ନାଶକ ଓ ଉପଦଂଶର ପରୀକ୍ଷିତ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧୳ ଡାକମାସୁଲ ଟ ୦ ୵

ଶୋଣିତ ଶୋଧକ ।

ବାତ ରକ୍ତ ଓ କୁଷ୍ଠ ରୋଗର ଅଶ୍ରୁ ଦୁରକାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅସଂଯମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ କୁଅଭ୍ୟାସ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତେଲ ଓ ଦୁଇ କୌଟା ବଟିକା ଟ ୪ ଡାକମାସୁଲ ପ୍ରଭୃତି ଟ ୦୳

# ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲ ଟ ୦ ୳୶

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ କଟକର ଏକମାତ୍ର ଏଜେଣ୍ଟ: ଚାନ୍ଦିନୀଚକ, ଚାଉଳପଟି, କଟକ ଅଥବା ନଗେନ୍ଦ୍ରନାଥ ସେନ କବିରାଜ ୧୮।୧ ଓ ୧୯ ଲୋୟରଚିତପୁର ରୋଡ଼ କଲିକତା

# ବିଜ୍ଞାପନ ।

# ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ପୃଥିବୀ ବ୍ୟାପିତ ସର୍ବଜ୍ୱର ଗଜସିଂହ ।

୩ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୳ ମଧ୍ୟମ ଟ ୧୧ ଛୋଟ ଟ ୦ ୳ ଡାକମାସୁଲ ୧ଠାରୁ ୨ ଶିଶି ଟ ୦ ୵

# କଣ୍ଡୁ ଦାବାନଳ ।

ଦାଦୁ ଆଦି ଚର୍ମରୋଗ ବିନା କ୍ଳେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ୧ଠାରୁ ୭ ଶିଶି ଟ ୦୵

# ସର୍ବଦଦ୍ରୁ ହତାଶନ ।

୨୪ ଘଣ୍ଟାରେ ଦାଦୁଆଦି ଚର୍ମରୋଗ ବିନା କଷ୍ଟରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ୧ଠାରୁ ୧୨ ଶିଶି ଟ ୦୵

ଏହି ନକଲ ହୋଇଅଛି ଖରିଦାର ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଖରିଦ କରିବେ । ଏହା ସକଳ ଡାକ୍ତର ଦୃଢ଼ ଦୋକାନରେ ପାଇବେ ନ ପାଇଲେ ପୃଥିବୀର ଯେ କୌଣସି ସ୍ଥାନରୁ ସେ କେହି କାର୍ଡ ଲେଖି ଠିକଣାରେ ପତ୍ର ଲେଖିଲେ ଭି, ପି, ପାର୍ଶଲରେ ପଠାଉଁ । ଏହି ସମସ୍ତ ଔଷଧରେ ଅରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଶାରଦାପ୍ରସାଦ ନନ୍ଦକିଶୋର ଦାସ ଗୁପ୍ତ କବିରାଜ ।

Lal Mohan Saha Sankhanidhi
Baburbazar, Dacca,

ବିପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟମାନ୍ୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପରନ୍ତୁ ସ୍ଥଳ ଭିନ୍ନ ଭେଲୁପେବଲ ପାର୍ଶଲରେ ତାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଚିଠିପତ୍ରସିଆ ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍‌ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

ବିପଦବନ୍ଧୁ ଔଷଧାଳୟ } ଚଉଧୁରୀବଜାର,କଟକ } ୩୦।୫।୧୯୦୪ | ଶ୍ରୀ ବାଳକୃଷ୍ଣଦାସ କବିରାଜ ଶ୍ରୀ ରାମକୃଷ୍ଣ ମିଶ୍ର

IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is asafe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA's, Worli—Dadar Bombay and everywhere.

At Re. 1 per bottle Discount to the Trade.

Digitized by srujanika@gmail.com

Split by PDF Splitter



# ନବରତ୍ନ ।



ଏହାଁ କବିରାଜ ବାବୁ ଉକ୍ତ ରତ୍ନମାନ ପରୀକ୍ଷିତ, ସୁଲଭ ଏବଂ ଉପକାରିତା ବିଷୟରେ ସମସ୍ତଙ୍କର ଅନୁଗ୍ରହ ପ୍ରାର୍ଥନୀୟ ।

୧ । **ଧନ୍ୱନ୍ତରି ବଟିକା**—ପ୍ରକୃତରେ ଧନ୍ୱନ୍ତରି । ଏହା ଦ୍ୱାରା ଶୀତ, ଏକୁଆ, କମ୍ପ, ଦେଶୀ ଓ ଜୀର୍ଣ୍ଣଜ୍ୱର, ପ୍ଲୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ସୁତିକା ଓ ପାଳିଜ୍ୱର, ଶିଶୁମାନଙ୍କର ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—ନଂ ୧ ସ୍ୱର ଛୋଟ ( ୧୬ ବଟିକା ) ଟ ୦ ।୵ ନଂ ୨ ସ୍ୱର ଛୋଟ ( ୩୦ ବଟିକା ) ଟ ।୵ । ନଂ ୩ ସ୍ୱର ଛୋଟ ( ୬୦ ବଟିକା ) ଟ ୧।୵ ।

୨ । **ଦନ୍ତ୍ରୁ ଡାଲବେକନ୍**—ଏହା ହାପାଇ, ଦିଣ୍ଡଜା, କୋଡ଼ କା ପଣ ଧାତୁ ଓ ଅଣଣ ଧାତୁ ପ୍ରଭୃତି ସର୍ବପ୍ରକାର ଆହର ପରୀକ୍ଷିତ ଓ ଅମୋଘ, ତାଳୀ ଯନ୍ତ୍ରଣା ଶୂନ୍ୟ, ଅଗୁଣ ଦ୍ରବ ଓ ସୁଲଭ ଔଷଧ । ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ଫେରିବାର ଭୟ ନାହିଁ । ମୂଲ୍ୟ—୧ ଡବା ଟ ୦ । ଡଜନ ଟ ୨୮

୩ । **କର୍ଣ୍ଣ ବାଲାଜଲ**—ଏଥିରେ କାନ୍ଥ ବୁଣ ଅ ପ୍ରଭୃତି କାଣ ଦ୍ୱାରା ବଧିରତା ଅତି ସହଜରେ ଆରୋଗ୍ୟ ହୁଏ ଓ କାନ୍ଥରେ ଥିବା କାଁଥାଣଣ ଅବରୋଧ ନଷ୍ଟ ହୁଏ । ମୂଲ୍ୟ ପ୍ରତି ଡବା ଟ ୦ ।, ପ୍ରତି ଡଜନ ଟ ୨୫ ।

୪ । **ଶତକୁଳାନ୍ତକ**—ଏଥିରେ ସର୍ବପ୍ରକାର ଶା ଯଥା; ରଣ, ବିଖାଉଜ ଶା ପ୍ରଭୃତି ଦୁର୍ଦ୍ଦାନ୍ତ ଅତି ସହଜରେ ଓ ଅଳ୍ପ ଯନ୍ତ୍ରଣାରେ ଆରୋଗ୍ୟ ହୁଏ । ଦିଗମାନଙ୍କର କ୍ଷତି ଜାତି ଆ ହର୍ଷ ନ ହୋଇ ସା ଓ ରଙ୍ଗ ସା ଉପରେ ମର୍ଦ୍ଦନ କରେ । ମୂଲ୍ୟ—ପ୍ରତି ଡବା ଟ ୦ । ଓ ଡଜନ ଟ ୨

୫ । **ଶୂଳଗଜାଙ୍କୁଶ**—ଏଥିରେ ବାୟୁଶୂଳ, ଉଷ୍ଣ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡବା ଟ ୧; ପ୍ରତି ଡଜନ ଟ ୧୨ ଙ୍କା ।

୬ । **ପ୍ରମେହବନ୍ଧୁ**—ଯୌବନର ପ୍ରଥମାବସ୍ଥାରେ ପ୍ରମେହରୋଗ ଲୋକଙ୍କ ପରମଶତ୍ରୁ । ଏହା ସମ୍ବଳ ଅନେକ ଲୋକ ଜୀବନ୍ମୃତ ପରି ଅବସ୍ଥାରେ ଜୀବନ ଧରନ୍ତି । ଏପରି ଦାରୁଣ ରୋଗର କବଳରୁ ରକ୍ଷା ପାଇବାପାଇଁ ଏକ ମାତ୍ର ଔଷଧ ପ୍ରମେହବନ୍ଧୁ । ଏଥିରେ ରୋଗର ବଳ ସମ୍ପୂର୍ଣ୍ଣ ରୂପେ ଶରୀରରୁ ନଷ୍ଟ ହୁଏ ଓ ସ ୨୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ନିବାରଣ ହୁଏ । ଏହା ସେବନେ ଧାତୁ ପୁଷ୍ଟି ଓ ଦୃଢ଼ତା ଥାଏ ଦୌର୍ବଲ୍ୟ ନାଶ ଏବଂ ଅଶୁଦ୍ଧି ଓ ଅନ୍ୟ ବାହାର ଦ୍ୱାର ଅବ୍ୟାହତ ଅଛାନ୍ତି; ଅପ୍ରତିହତ ଅମୋଘ ଔଷଧ । ମୂଲ୍ୟ—ପ୍ରତି ଡବା ଟ ୧; ପ୍ରତି ଡଜନ, ଟ ୧୨(ଙ୍କା

୭ । **କର୍ପୂରାଦି ତୈଳ**—ଏହା ନୂତନ ଓ ପୁରାତନ ସର୍ବପ୍ରକାର କାସ ଓ ଶ୍ୱାସର ପରୀକ୍ଷିତ ଅବ୍ୟର୍ଥ ଔଷଧ ମୂଲ୍ୟ ପ୍ରତି ଶିଶି—ଟ ୦ ।୵; ବାରଶିଶି ଟ ୬( ଙ୍କା

୮ । **ଅମୃତରସ**—ଯେପରି ନାମ ସେହିପରି ଗୁଣ ହଇଜା ଓ ଝାଡ଼ାବାନ୍ତି ରୋଗର ଅତ୍ୟନ୍ତ ଅବ୍ୟର୍ଥ ଔଷଧ । ଅଜୀର୍ଣ୍ଣ ମନ୍ଦ ଏଥିରେ ଅମ୍ଳଶୂଳ, ଜୀର୍ଣ୍ଣ ପାତଳ ଝାଡ଼ା, ଗ୍ରହଣୀ, ଅତିସାର, କାଶ, ପଡ଼ି ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ଟ୦୮ ଓ ଡଜନ ଟ୬ ଙ୍କା

୯ । **ଦାଗସୁଗନ୍ଧ ତୈଳ**—ଏହା ଅଧକପାଳି, ଅଶୁରଶି ଅମ୍ଳବାତ ଓ ଅସାର ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ଟ ୦୫, ବାର ଶିଶି ଟ ୬( ଙ୍କା

ଜବରସ୍ତ କାର୍ଯ୍ୟାଳୟ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ପେପର ଅର୍କ ପ୍ରତି | ଶିଶି | ଟ ୦୮ | ବାରଶିଶି | ଟ ୬( |
| ପାକମଣ୍ଡୁର ଅର୍କ | „ | ଟ ୦୫ | „ | ଟ ୬( |
| ଅମୃତାଦ୍ୟ ପାଚନ | „ | ଟ ୧୮ | „ | ଟ ୧୬( |
| ମାଳତୀକୁସୁମ ତୈଳ | „ | ଟ ୦୮।୵ | „ | ଟ ୭( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

**ଡାକ୍ତର ଶ୍ରୀ ଉଷାକରଚନ୍ଦ୍ର ଦାସ କଟକ୍ସ୍ୱର**

---

# ବିଜ୍ଞାପନ ।

# ସଞ୍ଜୀବନୀ ବଟିକା ।

ମାସୁଲ ଟ ୦ ।୵

ଉନ୍ମାଦରୋଗର ମହୌଷଧ ସେବନରେ ପେଟକାମୁଡ଼ା ପେଟ କାମୁଡ଼ା, କରିବା ଓ ଶୂଳ ଇତ୍ୟାଦି ଦ୍ୱାରା ଉତ୍ପନ୍ନ ସମସ୍ତ ଶୀଘ୍ର ଆରୋଗ୍ୟ ହୁଏ ।

ଜଣୋଇସ୍ତ୍ରୀ ବା ସୂତିକା ମେହ । **ସୁଧାରଶ୍ମି** ଅମୋଘ ଔଷଧ

ସେବନରେ ପ୍ରସ ଲକ୍ଷ୍ମ ଦ୍ରବ୍ୟରେ ଜ୍ୱାଳା ଯନ୍ତ୍ରଣା ଅତି ଉପଦ୍ରବ ଶାନ୍ତ ହୁଏ, ସ୍ତ୍ରୀ ପୁରୁଷଙ୍କ ଜଣୋଇସ୍ତ୍ରୀ ବା ସୂତିକା ମେହ ସବୁବେଳେ ଆରୋଗ୍ୟକର ହୁଏ, ଦ ୩।୮ ଦ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାକେଟକୁ ୧୮ ଙ୍କା ଉ, ପି ୧ ୦ ।୵ ।

# ସର୍ବଶତାନ୍ତକମଲମ

( ଶାରଦାଦ ବୁଦ୍ଧିନନ୍ଦନ ଘୃତ )

ମୂଲ୍ୟ ଏକ କୌଟାକୁ ୧୧ ଙ୍କା ଉ, ପି ୦ ।୵

କଠିନ ଉପଦଂଶ କ୍ଷତମାନର ଓ ସର୍ବବିଧ ଦୁଃସାଧ୍ୟ ଘା ଶୀଘ୍ର ଆରୋଗ୍ୟ ହୁଏ ।

# କାମକଳ୍ପତରୁ ରସାୟନ ।

ଏହା ସେବନରେ ଶ୍ରଦ୍ଧେୟ ଇନ୍ଦ୍ରିୟ ସତେଜ, ସ୍ୱପ୍ନଦୋଷ ମେହ ଶାନ୍ତ, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ ଦୁଷ ଦୁର୍ବଳ ଶରୀର ପୁଷ୍ଟ ( ମୋଟା ) ଓ ବଳିଷ୍ଠ ହୁଏ । ଶୀତଋତୁରେ ସେବନ କଲେ ଅଲୌକିକ ଶକ୍ତି ଓ ଉଦ୍ଦୀପନାର ଦୃଷ୍ଟାନ୍ତ ସୁଖ ଅନୁଭବ କରିବ । । । ମୂଲ୍ୟ ଏକ କଉଟାର ଟ ୧୧ ଙ୍କା ଭଃ ପିଃ ମାସୁଲ ଟ ୦ ।୵ ।

ଶ୍ରୀ ଭବାନୀପ୍ରସାଦ ବଦ୍ୟରତ୍ନ

ଚିକିତ୍ସକ ସ୍ୱଦେଶୀ ୭ କାଶୀଧାମ

---

# ବିଜ୍ଞାପନ ।

## ପ୍ରଜାବନ୍ଧୁ ।

ଦୁଇଭଳ ଭାଷାରେ ସମ୍ପାଦିତ, ସବକନ୍ସ ପ୍ରଶଂସିତ ଏକମାତ୍ର ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ତୃତୀୟ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣ କରିଅଛି । ଗ୍ରାହକଙ୍କ ସଂଖ୍ୟାରେ ଏହାର ସ୍ଥାନ ସବାପେକ୍ଷା ଅଧିକ । ଦେଶର ପ୍ରାଚୀନ ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକସଙ୍ଖ୍ୟା ନମୁନା ସ୍ୱରୂପ ପଠାଯିବ । ଅଗ୍ରୀମ ବାର୍ଷିକମୂଲ୍ୟ ଏକଟଙ୍କା ଅଠଅଣା ମାତ୍ର ଓ ଉତ୍କଳମଧୁପ ମାସିକ ପତ୍ରିକାର ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଙ୍ଖ୍ୟାର ମୂଲ୍ୟ ଏକ ଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ , ରମ୍ଭା ପୋଃ, ଗଞ୍ଜାମ ।

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଉତ୍ତର ଗୋଟାକ, ଅନାବୃତ୍ତମକ, ଜଟେଲ, ସ୍ୱୟଂସ୍ଥାନ ଟ ୩ ; ଉତ୍ତମ ଗୋଟା ଟ ୩୮ ; ରେଲୱେ ରେଗୁଲେଟର ଗୋଟା ଟ ୪ । ; ଟ ୬୮ ଓ ଟ ୯ ; କୋରବସର କୋଂ ଗୋଟା ଜଟେଲ ଟ ୮ ; ଏକ ରୌପ୍ୟ ହଣ୍ଟିଂ ଟ ୧୩ ଓ ୧୬; ଡମି ଆରମ୍ ପେସ ଟ ୧୭; ଭି, ଇ, ଟ ୩ ଙ୍କା; "ଏନ୍‌ଗୋଉସ୍ତ୍ରୀ" ଗୋଟା ଟ ୩୮ ଟ ୪୭; ଦାମୀ ଥିଅଳିଟିକ(ସବୁ ଓ ଅଥବା ବାଟବାର) ଟ ୫ ଓ ଟ ୭ ଙ୍କା । ପ୍ରତ୍ୟେକ ସଙ୍ଗରେ ଗେରେଣ୍ଟି ଦଶ ଯାଏ ଓ ମାସୁଲର ସ୍ୱତନ୍ତ୍ର ଲାଗେ । ଭ, ପି, ନାହିଁ

ଅଭି ଉତ୍ତମ ଔଷଧ ସବୁ ଉପ୍ତ (୧) "ସୁଲଫେଟ୍", ଏ ଗ୍ରହଣୀ, ଅର୍ଶ ଓ ପିଠିବାତ ଇତ୍ୟାଦି, ତତ୍ତ୍ଵ ସବୁ ପ୍ରକାର ରୋଗ ଓ ସୁତନ ବାତରୋଗକୁ ଅତି ଶୀଘ୍ର ଆରୋଗ୍ୟ କରେ । (୨) "କୁଇନ୍" ଏ ସର୍ବପ୍ରକାର ଜ୍ୱର, ଶତ, ଜ୍ୱାଳା ପ୍ରଭୃତି ଏକମାତ୍ର ଔଷଧ । (୩) "ଅର୍କ" ଏ ସର୍ବପ୍ରକାର ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟାଦିର ମହୌଷଧ । ପ୍ରତ୍ୟେକର ମୂଲ୍ୟ ୧ ଙ୍କା ମାତ୍ର । ମାସୁଲ ଟ ୦ ।୵ ଅଣା ଅଥବା ଟଙ୍କା ପ୍ରାର୍ଥନୀୟ ।

ମେଲ ହୋମ, କୋଂ ନଂ ୧୯, କଲୁଟୋଲା ଷ୍ଟ୍ରୀଟ,
ଡାକ, ଧର୍ମତଳା କଲିକତା

## ଉପନିଷତ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଳବକାର କାଠକ, ତୈତ୍ତିରୀୟ; ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଦ୍ୱାଦଶ ଖଣ୍ଡ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦୮ ଡାକମାସୁଲ ୮ ୦ / ଉଟ୍‌କଳ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

## ହରିବଂଶ
## ମହାଭାରତାନ୍ତର୍ଗତ
## ଖିଲ ହରିବଂଶ ପର୍ବ ।

ଅଭି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତି ଦେବାଲା ନଅଅକ୍ଷର ଛନ୍ଦରେ ଭାଗବତ ଢଙ୍ଗରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଙ୍କା ଡାକମାସୁଲ ସମେତ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

Digitized by srujanika@gmail.com

ମନ୍ଦ ଓ ପ୍ରସ୍ତୁତ ଦେଖ !

Split by PDF Splitter

REGISTERED No. C 81



ସାପ୍ତାହିକ ସମ୍ବାଦ ପତ୍ରିକା ।

# THE UTKAL DIPIKA.

ଖ୍ରୀ ୪୦ ଭା
ଙ୍ଗ ୩୨ ସଂଖ୍ୟା

CUTTACK, SATURDAY THE 12 th Augus 1905.

ତା ୨୯ ଶ ଶ୍ରାବଣ ସନ ୧୩୧୨ ସାଲ ଶନିବାର

ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନି ଲିମିଟେଡର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରିମ ଟ ୩୧
ପଶ୍ଚାଦେୟ ଟ ୬୯

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ଟ° ୵୦ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୪ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ୩୪ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ସଂଖ୍ୟା ଟ° ୵ ଠାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ସର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

WANTED a Head Clerk for the Nayagarh Government Agency office on a salary of Rs. 30 per mensem. Applications with copies of testimonials will be received up to 22nd instant. None need apply who has not passed the F. A. Examination, and has not experience in office work.

Nayagarh 7-8-1905 } Gour Shyam Mahanty
*Government Agent*
NAYAGARH STATE

## ADVERTISEMENT.

Wanted a Head Master for the Soro M. E. School with Salary Rs. 20 per month, lodging free having prospect of tuitions. None need apply who has not passed the Entrance Examination and has no experience in that line. Apply sharp.

Dated, Balasore, The 6th August 1905 } A. L. Chakrabutty
*Secretary to the M. E. School*
Soro, Dist. Balasore

Wanted by the District Board of Balasore a peripatetic Gymnastic teacher on a salary of Rs. 15 per month. None need apply who is not trained in the Cuttack Training School and possesses no knowledge of both Gymnasium and Drill under the new method. Applications with copies of testimonials will be received by the undersigned up to the 15th August 1905.

Balasore District Board's Office, 20-7-1905. } B. N. De.
Vice-Chairman.

Wanted two temporary Sub-overseers for 7 months on Rs. 35.+Rs. 15 horse allowance. No one need apply who is not qualified under the rules and has no experience of at least 5 years. The selected candidates will have to join on 1st September positively. The applications will be received upto 15th. August 1905.

Cuttack District Engineer's Office, 29-7 1905. } NAGENDRNATH MITRA
*Distr. Engineer.*
Cuttack.

WANTED a Head Master for the M. E. School at Ganja in the Kanika Raj. Salary Rs. 25 to Rs. 30 per mensem according to qualifications. None need apply who has no experience as a tutor. A graduate knowing Uriya and Bengali will be preferred.

The selected candidate can expect to make a good income by private tuition.

The appointment will be for one year for the present, but there is likelihood of its being made permanent. Applications will be received by the undersigned up to the 22nd proximo.

Ganja P. O. Dt. Cuttack 31—7—05 } Kshitish Chandra Sirkar,
*Manager*
KANIKA RAJ.

WANTED a Compounder for Dhenkanal Dispensary. Pay Rs. 15 (fifteen) a month.

SARADA PRASAD DAS
*Assistant Surgeon*
DHENKANAL.

## ନିଲାମ ।

ଲିମ୍ନଲିଖିତ ଜଙ୍ଗଲମାନଙ୍କରେ ପୁରୀ ଡାକବଙ୍ଗଳା ଓ ଗୁମ୍ଫା ଓଗେର ସନ ୧୯୦୫ ମସିହା ଅକ୍ଟୋବର ମାସ ତା ୨୦ ରେ ଖୋର୍ଦ୍ଧା ମୁକାମ ଜଙ୍ଗଲ ଅଫିସଠାରେ ନିଲାମ କରାଯିବ ତହିଁର ସବିଶେଷ ସେହି ଘାଟମାନରେ ଲୁହା ଲଗାଯିବ ।—

| | | |
|---|---|---|
| ଚୂଡ଼ଙ୍ଗ | ୪୨. | ଏକର |
| ଚଣ୍ଡକା | ୨୪୨ | " |
| ଜାଙ୍ଗଡ଼ିଆ | ୨୪୨ | " |
| ତରୁଣାର | ୫୭ | " |
| ଘାଟଦେଉ | ୬୮ | " |
| ବନ୍ଧୁକ | ୬୪ | " |
| ସୁନ୍ଦର | ୨୨୭ | " |
| ରଘୁନାଥପୁର | ୧୫ | " |
| ବ୍ରହ୍ମପୁର | ୫୭ | " |
| ଭଞ୍ଜର | ୨୭ | " |
| ମେଣ୍ଢାଧାର | ୨୪,୭ | " |
| ମାଳଣା | ୧୦ | " |
| ଜଗମରା | ୧୦ | " |
| କଂଗାପଡ଼ା | ୪୭ | " |
| ଡରବାର | ୬୯ | " |

ଯେଉଁମାନେ ନିଲାମଡାକ ଗ୍ରହଣ କରିବାକୁ ଇଚ୍ଛା କରନ୍ତି ସେମାନେ ଅକ୍ଟୋବର ମାସ ତା ୨୦ ରଖ ପୂର୍ବରୁ ଉପରୋକ୍ତ ଖାଲିମାନଙ୍କରେ ଯାଇ ଜଙ୍ଗଲମାନ ଦେଖି ପାରନ୍ତି । ଏତଦ୍ ଭିନ୍ନ ଅଫିସର ସର୍ତ୍ତ ଅବା କୌଣସି ବିଷୟ ଜାଣିବାକୁ ବାଧା ନାହିଁ ।

T. H. MONTEATH.
*Deputy Conservator of Forests*
*Puri Division*
23-3-05

Digitized by srujanika@gmail.com

Split by PDF Splitter

374



# NOTICE.

## District Board Cuttack.

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No. | Name of Work. | Amount to be spent during the year before February 1906. |
|---|---|---|
| 1. | Culvert on Cuttack Sonepur Road 20th mile. ... ... | Rs. 480. |
| 2. | Remodelling Tanghi Ghantimunda Road | Rs. 4000. |
| 3. | Do. Barchana Dhanmandal Road. | Rs. 4089. |
| 4. | Jajpur Pachikote Road Bridging and Earthwork up to Korai | Rs. 4000. |
| 5. | Construction of Vyas Sorobar Keonjhar Road 5th to 8½ miles | Rs. 4500. |
| 6. | Collecting materials for Vyas Sorobar Jajpur Road. | Rs. 4285. |

RULES.

1 All tenders which must be on Form No. 2 obtainable at this office (price 0-8-0 each) must be enclosed in sealed covers and on the outside the name of the work legibly written.

2 All tenders must specify the rates at which the intending contractor will execute the work.

3 Tenders will be received up to 15th August 1905.

4 Tenders not in the proper Form above mentioned will be rejected.

5 The undersigned does not bind himself to accept the lowest or any tender.

Cuttack, 28th July 1905 — NAGENDRA NATH MITRA, *District Engineer*, CUTTACK

## ADVERTISEMENT.

Wanted by the District Board of Balasore a Sub-Inspector of Schools, for one year on a salary of Rs. 50 a month, excluding travelling allowance admissible under the Civil Service Regulations. None need apply who is not qualified under the rules and orders of the Bengal Education Department. Applications with copies of testimonials will be received up to the 20th of August 1905. The selected candidate will have to join at once.

Balasore District Board's Office, 24-7-1905. — B. N. DE, *Vice Chairman.*

ଅନୁଗୁଳ ସ୍କୁଲ ଟ୍ରେନିଂ ସ୍କୁଲ ସହକାରୀ ମାସିକ ଟ ୧୦ ଙ୍କା ବେତନରେ ଏକଜଣ ଦ୍ୱିତୀୟ ପଣ୍ଡିତ ଆବଶ୍ୟକ । ଯେଉଁମାନେ କଟକ ଟ୍ରେନିଂ ସ୍କୁଲର ପ୍ରଥମବର୍ଷ ୨ୟ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ... ପାସ କରି ... ପ୍ରମାଣ ଦେବାକୁ ସକ୍ଷମ ଓ ... ସେହିମାନଙ୍କୁ ଏ କାର୍ଯ୍ୟରେ ନିଯୁକ୍ତ କରାଯିବ ।

ଅନୁଗୁଳ ଡେପୁଟୀ କମିଶନରଙ୍କ ... ଚଳିତମାସ ତା ୨୦ ରଖ ପର୍ଯ୍ୟନ୍ତ ଆବେଦନ କରିବାକୁ ହେବ ।

Angul, Deputy Commissioner's office 1-8-05. — B. MISRA, Sub Divisional officer in charge

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

# ଆରବ୍ୟକୁସୁମ

ବା

### ଆରବ୍ୟଉପନ୍ୟାସର ଓଡ଼ିଆ ଅନୁବାଦ ।

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ... ପ୍ରକାଶିତ ହୋଇଅଛି । ... ମୂଲ୍ୟ ... ଡାକମାସୁଲ ... ଏପରି ପୁସ୍ତକ ଓଡ଼ିଆଭାଷାରେ ଏହି ପ୍ରଥମ । ... ଶୀଘ୍ର ପ୍ରକାଶିତ ହେବ ।

... ପ୍ରେସରେ ପ୍ରାପ୍ୟ ।

## Air Rifle

ଛଡ଼ା ପାସର ବନ୍ଧୁକ ।

... ବ୍ୟବହାର କରନ୍ତୁ ! ଏହା ବ୍ୟବହାର କରିବା ପାଇଁ ... ଲାଇସେନ୍ସ ... ଦରକାର ନାହିଁ ... ୧୦୦ ହାତ ଦୂରରୁ ... ଏହା ଦ୍ୱାରା ... ପକ୍ଷୀ ... ମାରି ପାରିବେ ...

ଏକ ପତ୍ରକାର ବର୍ଣ୍ଣନର ... ଲକ୍ଷ୍ୟ ... ବ୍ୟବହାର କରିବାର ... ଲେଖାଯାଉଅଛି ।

ଦର ... ଟ ୧୦
... ଟ ୧୨
... ଟ ୫

ପ୍ରତ୍ୟେକ ... ।

ପ୍ରାପ୍ତିସ୍ଥାନ
ମେସର୍ସ ... ଏଣ୍ଡ କମ୍ପାନି
୬୭ ... ଷ୍ଟ୍ରିଟ
କଲିକତା

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଅମ୍ଭ ଦୋକାନରେ ନିମ୍ନଲିଖିତ ... ଓ ... ଯାବତୀୟ ... ପ୍ରସ୍ତୁତ ଅଛି । ଯଥା:—

ମଣ୍ଡଳ ... ଲିଖିତ ... ଓ ...

ସ୍ୱାଭାବିକ ... ଟ ୬୦୦
... ଟ ୧୦୦୦
ସାଧାରଣ ସବାରି ... ସବାରି
... ଟ ୬୪୦
... ଟ ୭୦୦
... ଟ ୮୫୦

... ଟ ... ମିଳିବ । ... ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨/୮/୦୫ — ଶ୍ରୀ ... ନାରାୟଣ ... କଟକ ... ଦରବାର ... ହେବ

ଶସ୍ତା ମୂଲ୍ୟ, ସୌନ୍ଦର୍ଯ୍ୟ ଓ ସ୍ଥାୟିତ୍ୱ ବିଷୟରେ ଅତୁଳନୀୟ !!

... ଭାରତବର୍ଷରେ ... ଶସ୍ତା, ଏହା ଅପେକ୍ଷା ... ନାହିଁ ।



J. G. ANDREW & Co.
12 College Square (U) Calcutta.

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଏହି ମିଉନିସିପାଲିଟୀ ଅନ୍ତର୍ଗତ କଟେଶ୍ୱର ରୋଡ଼ ପାର୍ଶ୍ୱବର୍ତ୍ତୀ ଅଦାଲତ କଟେଶ୍ୱ ନିକଟରେ ଥିବା କୂଅ ପୋଖରୀର ପାଣି ଖରାପ ହୋଇ ଅସ୍ୱାସ୍ଥ୍ୟଜନକ ହେବାରୁ ତାହା କେହି କୌଣସି ପ୍ରକାରେ ବ୍ୟବହାର କରି ପାରିବେ ନାହିଁ । ସେଥିପାଇଁ ଉକ୍ତ ପୋଖରୀର ଚତୁଃପାର୍ଶ୍ୱରେ ବାଡ଼ ବନ୍ଦ ହୋଇଅଛି ।

କଟକ ମିଉନିସିପାଲ ଅଫିସ } Ram Sankar Ray
ତା ୯ ଇଣ ଅଗଷ୍ଟ ୧୯୦୫ } *Chairman.*

# ଉତ୍କଳଦୀପିକା ।

ଏଠା ଡିଷ୍ଟ୍ରିକ୍ଟ ଇଞ୍ଜିନିୟରଙ୍କ ଅଫିସରେ ମା ୭ ସ କମନ୍ତେ ଜଣେ ସବଓଭରସିୟର ଦରକାର ଥିବାର ବିଜ୍ଞାପନ ଗତ ସପ୍ତାହରେ ଏ ପତ୍ରିକାରେ ପ୍ରକାଶ ହୋଇଥିଲା । ସେ କାର୍ଯ୍ୟର ବେତନ ଟ ୩୦୮ ଙ୍କା ସ୍ଥଳେ ଭ୍ରମରେ ଟ ୫୫ ଙ୍କା ଛପା ହୋଇଥିବାରୁ ଦୁଃଖ ପ୍ରକାଶ କରୁଅଛୁଁ । ଏଥର ସେ ଭ୍ରମ ସଂଶୋଧିତ ହୋଇ ଅଛି ।

ଗତ ତା ୩ ରିଖରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଏଥର ସାମୟିକ ବୃଷ୍ଟି କେବଳ ବରମାର ଉପକୂଳ, ବଙ୍ଗ, ବିହାର ଏବଂ ଗୁଜରାଟର କେତେକ ଅଂଶ ଛଡ଼ା ଭାରତର ଅନ୍ୟ ସକଳ ସ୍ଥାନରେ ଊଣା ଥିଲା । ମୌସୁମି ବୃଷ୍ଟି ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଦୁର୍ବଳ ରହିବା ଅସାଧାରଣ ଅଟେ । କେବଳ ଏତିକି ରକ୍ଷା ଯେ ଛିଟା ଜଳ ପଡ଼ିବା ହେତୁ ଫସଲକୁ ନିତାନ୍ତ ବାଧା ନାହିଁ ।

ଭାରତର ପ୍ଲେଗ ରୋଗର ଉପଦ୍ରବ କ୍ରମେ ଊଣା ହୋଇଆସୁଥିଲା ଏବଂ ଗତ ମାସ ତା ୨୨ ରିଖରେ ଶେଷ ହେବା ସପ୍ତାହର ମୃତ୍ୟୁ ୭୮୬ ରେ ଖସିଆସିଥିଲା । ମାତ୍ର ଦୁଃଖର ବିଷୟ ଯେ ତହିଁ ପର ସପ୍ତାହ ଅର୍ଥାତ୍ ଗତ ମାସ ତା ୨୯ ରିଖରେ ଶେଷ ହେବା ସପ୍ତାହରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ହୋଇ ୧,୦୨୪ କୁ ଉଠିଅଛି ଏବଂ ସେହି ବୃଦ୍ଧି ପ୍ରଧାନତଃ ବମ୍ବେରେ ୪୭୧ ରୁ ୭୧୫ ଏବଂ ସାମାନ୍ୟରେ ଯୁକ୍ତପ୍ରଦେଶରେ ଘଟିଅଛି ।

ଭାରତୀୟ ଜଙ୍ଗଲ ଆଇନ ( ସନ ୧୮୭୮ ସାଲର ୭ ଆଇନ ) ଅନୁସାରେ ପ୍ରସ୍ତୁତ ନିୟମାବଳୀର ଧାରା ୨ ର ଓଡ଼ିଶା ବିଭାଗ ଅନୁଗୁଳ ଜିଲ୍ଲା ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱର ଏହିପରି ପରିବର୍ତ୍ତନ କରିଅଛନ୍ତି ଯେ ଯେବେ କୌଣସି ଗ୍ରାମର ସୀମାମଧ୍ୟରେ ଦଛ ଜଙ୍ଗଲ ନ ଥିବ ତେବେ ସେ ଗ୍ରାମର ଲୋକମାନଙ୍କୁ ଅନ୍ୟ ଗ୍ରାମରୁ ନିଜର ବ୍ୟବହାର ନିମନ୍ତେ କାଠ ଇତ୍ୟାଦି କଟା ସ୍ଥାନ ବା ଅଧା ରକ୍ଷିତରେ ଅଣିବା କାରଣ ଡେପୁଟି କମିଶନର ସାହେବ ବିଶେଷ ଅନୁମତି ଦେଇପାରିବେ ।

ଉତ୍ତର ବ୍ରହ୍ମରାଜ୍ୟରେ ଯୁ ସବଡିଭିଜନରେ ଜଳସେଚନ କରିବା କାରଣ ୟୁନାଲ ନାମରେ ଗୋଟିଏ କାଲ ଖୋଳିବା କାରଣ ଷ୍ଟେଟସେକ୍ରେଟରୀ ମହୋଦୟ ଟ ୩୫,୨୧,୦୦୦ ଙ୍କା ମଞ୍ଜୁର କରିଅଛନ୍ତି । ଏହା ମେଉନଦୀର ଡାହାଣ ପାର୍ଶ୍ୱରେ ଖୋଳାଯିବ ଏବଂ ଏଥିର ଲମ୍ବ ମା ୩୫ ଇଲ ହେବ । ମା ୩୫ ଇଲ ଉତ୍ତରୁ ଶାଖାକାଲ ମା ୧୧୪ ଇଲ ଖୋଳାଯିବ । ଏତଦ୍ଵାରା ୧,୬୮,୦୦୦ ମାଣ ଭୂମିରେ ଜଳସେଚନ କାର୍ଯ୍ୟ ଚଳିପାରିବ ଏବଂ ଆୟ ମଧ୍ୟ ଟ ୧,୮୯,୦୦୦ ଙ୍କା ହେବାର ଅନୁମିତ ହୋଇଅଛି । ସୁତରାଂ ଶତକଡ଼ା ୫.୩୭ ସୁଧ ପୋଷାଇଯିବ ।

ବିଦ୍ୟାଳୟ ସମୂହର ପାଠ୍ୟ ପୁରସ୍କାର ଏବଂ ପୁସ୍ତକାଳୟର ଉପଯୋଗୀ ଇଂରାଜୀ, ବଙ୍ଗଳା, ସଂସ୍କୃତ ଓ ଓଡ଼ିଆପ୍ରଭୃତି ପୁସ୍ତକମାନ ଯାହା ପୁସ୍ତକ ନିର୍ବାଚନ କମେଟିଦ୍ୱାରା ମନୋନୀତ ହୋଇଅଛି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଆଦେଶମତେ ସେ ସମସ୍ତର ତାଲିକା ଗତ ତା ୨ ରିଖର କଲିକତା ଗେଜେଟରେ ବାହାରିଅଛି । ଓଡ଼ିଆ ପୁସ୍ତକ ମଧ୍ୟରେ ଆର୍ତ୍ତବଲ୍ଲଭ ଘୋଷଙ୍କର ଶିଶୁବୋଧ ଏବଂ ଜ, ସି, ବୋଷଙ୍କର ନିମ୍ନପ୍ରାଥମିକ ବିଜ୍ଞାନପାଠ ଏ ଦୁଇ ପୁସ୍ତକ ପାଠ୍ୟପୁସ୍ତକ ତାଲିକାରେ ଏବଂ ମାଲମଣି ବିଦ୍ୟାରତ୍ନଙ୍କର ସମ୍ରାଟ ଚରିତ ପୁରସ୍କାର ଓ ପୁସ୍ତକାଳୟ ତାଲିକାରେ ସ୍ଥାନ ପାଇଅଛି ।

ଅନୁଗୁଳ ଜିଲ୍ଲାର ସନ ୧୮୯୪ ସାଲର ଆ ୧ ଇନର ଧା ୧୨ ର ଅନୁସାରେ ବଙ୍ଗର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଅନୁଗୁଳ ଜିଲ୍ଲାରେ ଗୋଟିଏ ଅଦାଲତ ସ୍ଥାପନ କରିବାର ଆଦେଶ ଦେଇଅଛନ୍ତି ଏବଂ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିମ୍ନଲିଖିତ କର୍ମଚାରୀମାନେ ଭୂମି ରାଜସ୍ୱର ପୁନର୍ବିଚାର ନିମନ୍ତେ ନିଯୁକ୍ତ ହୋଇଅଛନ୍ତି ଯଥା—

ଶ୍ରୀଯୁକ୍ତ ମହଲ୍ଲଯୁଭସ୍ଥ ଡେପୁଟି କମିଶନର ସହାୟକ, ରାୟ ନାରାୟଣଚନ୍ଦ୍ର ନାୟକ ବାହାଦୁର ଡେପୁଟି କଲେକ୍ଟର ଏବଂ ବାବୁ ଉପେନ୍ଦ୍ରନାଥ ମହାନ୍ତି କାନୁନଗୋ ।

ଶ୍ରୀଯୁକ୍ତ ମହଲ୍ଲଯୁଭସ୍ଥ ସୁପରିଣ୍ଟେଣ୍ଡେଣ୍ଟ ସରଭେ ଏବଂ ଅନ୍ୟ ଦୁଇ କର୍ମଚାରୀ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସରଭେ ଏବଂ ସେଟଲମେଣ୍ଟ ଅଫିସରର କ୍ଷମତା ପାଇଅଛନ୍ତି ।

ଗତ ଶନିବାର ବଙ୍ଗ ଶିକ୍ଷାବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ପେଡଲର ସାହେବ ସକାଳର ମେଲ ଟ୍ରେନରେ ଏ ନଗରରେ ଉପସ୍ଥିତ ହୋଇ ପ୍ରଥମେ କାଠଯୋଡ଼ୀ ନଦୀ କୂଳ ଗଡ଼ଗଡ଼ିଆ ସାହିଠାରୁ ଲୁଣଗୋଲା ଘାଟ ପର୍ଯ୍ୟନ୍ତ ଇଞ୍ଜିନିୟରିଂ ସ୍କୁଲ ସକାଶେ ମନୋନୀତ ହୋଇଥିବା ସ୍ଥାନ ପରିଦର୍ଶନ ଏବଂ ପରେ ରେଭେନ୍ସା କଲେଜ ଓ ସ୍କୁଲ ଓ ସରଭେ ସ୍କୁଲ ପରିଦର୍ଶନ କରି ସେହିଦିନ ସନ୍ଧ୍ୟା ମେଲ ଟ୍ରେନରେ କଲିକତାକୁ ଫେରି ଗଲେ । ବେସରକାରୀ ସ୍କୁଲମାନ ପରିଦର୍ଶନ କରିବାର ଦେଖାଗଲା ନାହିଁ । ବୋଧ ହୁଏ ଇଞ୍ଜିନିୟରିଂ ସ୍କୁଲର ସ୍ଥାନ ଦେଖିବା ତାହାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ସାହେବ ମହୋଦୟ ଯାତ୍ରା ବେଳେ କହିଲେ ଯେ ଆଗାମୀ ମାର୍ଚ୍ଚ ମାସରେ ସେ ପେନସନ ନେଇ ବିଲାତ ଯିବେ ଓ ସମ୍ଭବତଃ କଟକସଙ୍ଗେ ଏହି ଶେଷ ଦେଖା ।

ଡେପୁଟି କଲେକ୍ଟର ଏବଂ ସବଡେପୁଟିଙ୍କର ପରୀକ୍ଷା ସମ୍ବନ୍ଧରେ ସମ୍ପ୍ରତି ନିୟମ ହୋଇଅଛି ଯେ ଏହି ଶ୍ରେଣୀର କେହି ଦେଶୀୟ କର୍ମଚାରୀ ନିଜ ମାତୃଭାଷାରେ ପରୀକ୍ଷା ଦେବାକୁ ବାଧ୍ୟ ହେବ ନାହିଁ । ମାତ୍ର ଯେ ଜିଲ୍ଲାରେ କାର୍ଯ୍ୟ କରୁଥିବ ସେ ଜିଲ୍ଲାର ଭାଷାରେ ନିମ୍ନ ଓ ଉଚ୍ଚ ଉଭୟ ପରୀକ୍ଷା ଏବଂ ଗୋଟିଏ ଦ୍ୱିତୀୟ ଭାଷାରେ କେବଳ ଉଚ୍ଚ ପରୀକ୍ଷା ଦେବ । ଯଥା ବଙ୍ଗ ବିହାର ଓ ଛୋଟନାଗପୁରରେ କାର୍ଯ୍ୟ କରୁଥିବା କର୍ମଚାରୀ ବଙ୍ଗଳା ଓ ହିନ୍ଦୋସ୍ଥାନୀରେ ଏବଂ ଓଡ଼ିଶାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଓଡ଼ିଆ ଓ ହିନ୍ଦୋସ୍ଥାନୀରେ ମାତ୍ର ଏହି ଦୁଇ ଭାଷାରୁ କୌଣସିଟା ତାହାର ମାତୃଭାଷା ହେଲେ ତହିଁ ବଦଳରେ ବଙ୍ଗଳାରେ ପରୀକ୍ଷା ଦେବାକୁ ହେବ । ସନ ୧୯୦୫ ସାଲ ଜୁଲାଇ ମାସ ତା ୧ ରିଖରେ ଯେଉଁ କର୍ମଚାରୀମାନଙ୍କର ବୟସ ବ ୩୫ ବର୍ଷରୁ ଊଣା ଥିବ ସେହିମାନଙ୍କ ପ୍ରତି ଖଟିବ ।

ରୁଷିୟା ରାଜ୍ୟରେ ନିଜନି ନବଗରଡ଼ଠାରେ ଗୋଟିଏ ବାର୍ଷିକ ମେଳା ହୁଏ । ବିଦ୍ରୋହ ଯୋଗେ ସେ ନଗର ଖାଲି ହୋଇ ଯାଇଅଛି ଏବଂ ଦୋକାନମାନ ବନ୍ଦ ଅଛି । ନବସ୍ତ୍ରି ନାମକ ଗୋଟିଏ ସମ୍ବାଦପତ୍ର ଦୁଇମାସ ସକାଶେ ସସପେଣ୍ଡ ହୋଇଅଛି । ସାଧାରଣ ଲୋକମାନଙ୍କର ଡୁଗଟ ସଭା ଆଗାମୀ ନବମ୍ବରମାସ ତା ୧ ରିଖରେ ବସିବାର ସ୍ଥିର ହୋଇଅଛି ଏବଂ ସେଥିସକାଶେ ଆଗାମୀ ଅକ୍ଟୋବରମାସ ତା ୧ ରିଖରୁ ପ୍ରତିନିଧି ନିର୍ବାଚିତ ହେବେ । ଯେଉଁମାନେ ବ ୨୫ ବର୍ଷ ବୟସରୁ ନ୍ୟୂନ ନ ହେବେ ଓ ନିର୍ଦ୍ଦିଷ୍ଟ ପରିମାଣ ସମ୍ପତ୍ତି ଏବଂ ଟିକସ ଦେଉଥିବେ ସେହିମାନେ

Digitized by srujanika@gmail.com

Split by PDF Splitter



ପ୍ରଜ୍ଜଳିତ ହୋଇ ଯାଉଛି । ଇଷ୍ଟନଠାରେ ମେଲ ହେବାକୁ ବ୍ୟବସ୍ଥା ହେଉ ଅଛି । ଉତ୍ତରସ ନଗର ଗୋଷ ନଲେଜଠାରେ ଦୁଇହଜାର କ୍ଷୁଧାର୍ତ୍ତଲୋକେ ମୁଦିଦୋକାନ ଓ ହୋଟେଲମାନ ଲୁଟିନେଇଅଛନ୍ତି । ଉତ୍ତରସଠାରେ ଗୋଟିଏ କନେଷ୍ଟବଲଙ୍କୁ ଜନ୍ତୋହୂମାନେ ଗୁଳି ମାରି ମାରିପକାଇଅଛନ୍ତି ।

---

ଗତ ପୂର୍ବ ଶୁକ୍ରବାର ଶ୍ରୀଯୁକ୍ତ ସାଭେଜ ସାହେବ ଏ ନଗରରେ ଉପସ୍ଥିତ ହୋଇ ଗୃହ ପାଞ୍ଚ ଦିନ ଅବସ୍ଥାନ କରି ଗତ ମଙ୍ଗଳବାର କଲିକତାକୁ ପ୍ରତ୍ୟାଗମନ କଲେ । ବାଲେଶ୍ୱରରେ ବର୍ତ୍ତମାନ ଯେପରି ନୂତନ ପ୍ରଣାଳୀରେ ଚୌକିଦାରୀ ଇଉନିୟନ ବନ୍ଦୋବସ୍ତରେ କାର୍ଯ୍ୟ ଚଳିବାର ଆରମ୍ଭ ହୋଇଅଛି ଏ ଜିଲ୍ଲାରେ ମଧ୍ୟ ସେହିରୂପ ଇଉନିୟନ ପ୍ରଥା ଚଳାଇବା ବିଷୟ ସ୍ଥାନୀୟ କଲେକ୍ଟର ସାହେବଙ୍କ ସହିତ ପରାମର୍ଶ କରିବାକୁ ଆସିଥିବାର ଜଣା ଯାଏ ସାହେବ ମହୋଦୟ ମଧ୍ୟ କଲେକ୍ଟରଙ୍କୁ ଆସି ଅନେକ କାଗଜପତ୍ର ଦେଖି ଯାଇଅଛନ୍ତି । ବର୍ତ୍ତମାନ ଯେଉଁ ପ୍ରଣାଳୀରେ ଇଉନିୟନ ଗଢ଼ା ଯିବାର କଥା ହେଉଅଛି ତହିଁରୁ ବୋଧ ହେଉଅଛି ଯେ ଅନେକ ଗୁଡ଼ିଏ ଗ୍ରାମ ନେଇ ଗୋଟିଏ ଇଉନିୟନ ହେବ ଓ ସେଥିରେ ଗ୍ରାମର ମୁଖ୍ୟ ବ୍ୟକ୍ତି ନେଇ ପଞ୍ଚାଏତ ମଣ୍ଡଳର ହେବେ ଓ ସେମାନେ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ସାମାନ୍ୟ ଫୌଜଦାରୀ ମୋକଦ୍ଦମା ସବୁ ମଧ୍ୟ ବିଚାର କରିବାର କ୍ଷମତା ପାଇବେ । ଏଠାରେ ଡେପୁଟି ମାଜିଷ୍ଟ୍ରେଟ ବାବୁ ଜ୍ୟୋତିଷଚନ୍ଦ୍ର ଆଚାର୍ଯ୍ୟ ଚୌକିଦାରୀ କାର୍ଯ୍ୟର ତତ୍ତ୍ୱାବଧାରକ ଅଟନ୍ତି । ନୂତନ ପ୍ରଣାଳୀରେ ଇଉନିୟନ ବାନ୍ଧିବା ନିମନ୍ତେ ବୋଧ ହୁଏ ଜୈଃ ମାଜିଷ୍ଟ୍ରେଟ ମହୋଦୟ ମୋଫସଲ ଗମନ କରିବେ ।

---

ଏ ନଗର ଗ୍ରାଣ୍ଡଚୌକିରେ ଓଲଉଠା ଲାଗିଥିବାରୁ ସେ ବଜାରର ଜନେକ ଲୋକ ପୂଜା ହୋମାଦି କରିବା କାରଣ ସଭକ ଧାରିରେ ଚାନ୍ଦା ତୋଳୁଥିଲେ । ପୁଲିଶ ସାହେବ ତାହା ଦେଖି ଚାଲାଣ ଦେବାର ହୁକୁମ ଦେବାରେ ଟାଉନ ଇନ୍ସପେକ୍ଟର ସେମାନଙ୍କୁ ଥାନାକୁ ଧରିଆଣି ଟ ୧୦୯ ଦ୍ଧା- ଲେଖାଏଁ ଜାମିନରେ ରକ୍ଷି ବନ୍ଧନରେ ଚାଲାଣ ଦେଇଥିଲେ । ଏଥିମଧ୍ୟରେ ସେ ଲୋକମାନେ କମିଶନର ସାହେବଙ୍କ ନିକଟରେ ଏ ବିଷୟ ଜଣାଇବାରେ ସାହେବ ମହୋଦୟ ବୁଝିଲେ ଯେ ସେ ଲୋକମାନେ ବିପଦରୁ ରକ୍ଷାନିମନ୍ତେ ଆପଣା ଧର୍ମ ବିଶ୍ୱାସମତେ ପୂଜାଦି କରୁଥିଲେ, କୌଣସି ଅପରାଧ କରି ନାହାନ୍ତି । ସେ ପୁଲିସ ସାହେବଙ୍କ ନିକଟକୁ ମୋକଦ୍ଦମା ଉଠାଇନେବା କାରଣ ଚିଠି ଲେଖିଲେ ଏବଂ ମାଜିଷ୍ଟ୍ରେଟ ସାହେବଙ୍କର ଅନୁମତିରେ ପୁଲିଶ ମୋକଦ୍ଦମା ଉଠାଇ ନେଲେ ଏବଂ ସେ ଲୋକମାନେ ଏକ ବିପଦ ଉପରେ ଅନ୍ୟ ଏକ ଅନର୍ଥକ ବିପଦରୁ ରକ୍ଷା ପାଇଲେ । ଅପରପକ୍ଷ ଏବଂ ଦେଶୀୟ ଆଚାର ନ ଜାଣିବା ବିଦେଶୀୟ ଲୋକଙ୍କୁ ପୁଲିସର ସୁପରିଣ୍ଟେଣ୍ଡେଣ୍ଟ କରି ଦେବା ଅନିଷ୍ଟକର ସେଥିର ଗୋଟିଏ ଉଦାହରଣ ଅଟେ । ଏପରି ଉଦାହରଣର ଅଭାବ ନାହିଁ । ଗଭର୍ଣ୍ଣମେଣ୍ଟ ଓ ପ୍ରେସିଡେଣ୍ଟଙ୍କର ଧାରଣା ଯେ ବଙ୍ଗାଳୀ ଅଥବା ଫିରିଙ୍ଗୀମାନେ ଏହା ଏହି ପଦର ଯୋଗ୍ୟ ଅଟନ୍ତି । ଧନ୍ୟ ବିଚାର !

---

ଏଠା ମ୍ୟୁନିସିପାଲିଟିର କରଦାତାମାନଙ୍କର ଆପତ୍ତି ବୁଝିବାପାଇଁ ଯେଉଁ କମିଟୀ ବସିଥିଲା ତହିଁର କାର୍ଯ୍ୟ ଗତ ପୂର୍ବ ଗୁରୁବାର ଶେଷ ହେଲା । କମିଟୀ ଗତମାସ ତା ୧୦ ରଖରେ କାର୍ଯ୍ୟାରମ୍ଭ କରି ଚଳିତ ମାସ ତା ୩ ରଖ ପର୍ଯ୍ୟନ୍ତ ଦ ୨୫ ଦ ମଧ୍ୟରେ ୧୮ ବୈଠକ କରିଥିଲେ ଏବଂ ପ୍ରତି ବୈଠକର କାଳ ହାରାହାରି ଘ ୨୨ ଘଣ୍ଟାରୁ ଅଧିକ ନ ଥିଲା । ଅତଏବ ମୋଟରେ ଘ ୪୫ ଘଣ୍ଟା ବସିଥିଲେ ଏବଂ ଏହି ସମୟ ମଧ୍ୟରେ ଦାଖଲ ହୋଇଥିବା ସମସ୍ତ ଆପିଲ ର ତହିଁର ସଂଖ୍ୟା ୧୭୬୮ ଅଟେ ଫଏସଲ କରିଥିଲେ । ଅର୍ଥାତ୍ ଏକ୍ ଆପିଲ ଫଏସଲରେ ହାରାହାରି ୧୨ ମିନଟରୁ ଅଧିକ ଲାଗି ନାହିଁ । ଏପରି ବାହାଦୁର ଏହି ଆପିଲ କମିଟୀ ଛଡ଼ା ଆଉ କେବେ କେହି ସରକାରୀ ବା ବେସରକାରୀ କାର୍ଯ୍ୟମଣ୍ଡଳ ଦେଖାଇ ପାରିଅଛନ୍ତି କି ? ଆଇନର ଉଦ୍ଦେଶ ଯେ କମିଟୀ ପ୍ରମାଣ ନେଇ ଓ ଅନୁସନ୍ଧାନ କରି ଉଚିତ ବିଚାର କରିବେ । ପ୍ରକୃତରେ କେବଳ ୧୦।୫୦ ଜଣର ଏ ପ୍ରକାର ଅନୁସନ୍ଧାନ ହୋଇଅଛି । ମାତ୍ର ପ୍ରାୟ ସମସ୍ତ ଅପିଲ କେବଳ ଆପତ୍ତିକାରୀଙ୍କଠାରୁ ଦୁଇ ଏକ କଥା ଶୁଣି ଫଏସଲ ହୋଇଅଛି ଯେମନ୍ତ କ କମିଟିକୁ କାହାର କୌଣସି କଥା ଅଜଣା ନାହିଁ । ବାସ୍ତବରେ ଯେପରି ଅପିଲ ବିଚାର ହୋଇଅଛି ତାହାକୁ ଗୋଟିଏ ପ୍ରହସନ କହିବା ଅତ୍ୟୁକ୍ତି ବୋଲି ଯାଇ ନ ପାରେ ଏବଂ ସମସ୍ତ କମିଶନର ସମ୍ମିଳେ ବସି ଆପଣା ମଧ୍ୟରୁ ୫ ଜଣ ଅପିଲ କମିଟୀ ଗଢ଼ିଥିବା ସ୍ଥଳେ ଏ ପ୍ରହସନର ଭାଗୀ ସେମାନେ ସମସ୍ତେ ହୋଇଅଛନ୍ତି । ସେମାନେ କିପରି ହୋଇ ତାହା ଲୋଗ କରନ୍ତୁ ଏବଂ ସଂସାରକୁ ବୁଝାଇ ଦେଉନ୍ତୁ ଯେ ପ୍ରାପ୍ତ ସାତହଜାର ଦରଖାସ୍ତ ମଧ୍ୟରେ ସାତେଷତରିଶହ ବା ଶୁଣ ଦଶ ମାତ୍ର ଆପତ୍ତି କରିବା କଚଇଥା ନୁହେଁ ।

---

ପୁରୀରେ ଓଲଉଠା ରୋଗ ଅତ୍ୟନ୍ତ ପ୍ରବଳ ହେବାରୁ ସାଧାରଣ ଲୋକଙ୍କର କଥା କ ହୋଇ ସିବ ଉକିଲ ମୁକ୍ତାର ଓ ଅନ୍ୟାନ୍ୟ ଶିକ୍ଷିତ ଲୋକମାନେ ଭୟରେ ସହର ଛାଡି ଦୂରକୁ ପଳାଉଅଛନ୍ତି ଏବଂ ମୋଫସଲର ଲୋକମାନେ ସହରକୁ ଆସିବାକୁ ଡରୁଅଛନ୍ତି । ଏ ସମୟରେ ଯେ ମାମଲତକାରମାନେ ସହଜରେ ସାକ୍ଷୀ ଉପସ୍ଥିତ କରି ମାମଲା ଚଳାଇବେ ଏମନ୍ତ ଆଶା କରିବା ଅସମ୍ଭବ । ଏମନ୍ତ ସାଧାରଣ ବିପଦ ସମୟରେ ହାକିମଙ୍କର ଦୟା କରି ମୋକଦ୍ଦମା ମୁଲତବି କରିବା ନ୍ୟାୟସଙ୍ଗତ ଅଟେ । ମାତ୍ର ପୁରୀର ମୁନସଫ ଏହି ଦାରୁଣ ଅବସ୍ଥା ବୁଝିମାତ୍ର ମନେ ନ କରି ମୋକଦ୍ଦମା ମୁଲତବି ରଖିବା କାରଣ ଉଚ୍ଚ ଦରରେ ମୂଲତବି ଖରଚ୍ଚ ମାମଲତକାରଙ୍କ ଉପରେ ଲଦୁଅଛନ୍ତି । ଗତ ସୋମବାର ଜଣେ ଗରିବ ବ୍ରାହ୍ମଣର ଗୋଟାଏ ମୋକଦ୍ଦମାର ତାରିଖ ଥିଲା । ଓଲଉଠା ହେଲୁ ସାକ୍ଷିମାନେ ନ ଆସିବା ହେତୁରେ ସେ ମୂଲତବି ପ୍ରାର୍ଥନାରେ ଦରଖାସ୍ତ ଦାଖଲ କରି ବସିଥିଲା । ସେହିଠାରେ ତାହାକୁ ଓଲଉଠା ହେବା ସଙ୍ଗେ ସେ ନିସ୍ତେଜ ହୋଇ ପଡିଗଲା ଏବଂ ସେହି ଅନିଶ୍ଚିତ ଅବସ୍ଥାରେ ପୁଲିଶ ତାହାକୁ ସ୍ଥାନାନ୍ତରିତ କଲା । ମୋକଦ୍ଦମାର ଡାକର ସମୟରେ ତାହାର ଉକିଲ ମୁନସଫଙ୍କୁ ସେ ବିଷୟ ଜଣାଇଲେ ମାତ୍ର ତହିଁରେ ମୁନସଫଙ୍କର ମନ ବିନ୍ଦୁମାତ୍ର ବିଚଳିତ ହେଲା ନାହିଁ । ସେ ଟ ୧୯ ଦ୍ଧା ଖରଚ୍ଚ ଦେଇ ମୂଲତବି ମଞ୍ଜୁର କଲେ ଏବଂ ତତ୍କ୍ଷଣାତ୍ ଟ ୫ ଦ୍ଧା ଆଦାୟ କରିଗଲା ଏବଂ ବାକି ଟ ୪ ଦ୍ଧା ମୋକଦ୍ଦମା ଡିସମିସ କରି ଆଦାୟ ହେବାର ଆଦେଶ ହେଲା । ଗରିବ ବିପ୍ର ଯାହା ସଙ୍ଗେ ଆଣିଥିଲା ସମସ୍ତ ଦେଇ ଗଲା । ବିଦେଶରେ ଚିକିତ୍ସା ପଥ୍ୟ ବା ସେବା ସହାୟ କିଛି ତାହା ପାଖରେ ରହିଲା ନାହିଁ ଏ ଦୁରବସ୍ଥା ଦେଖି ଅଦାଲତରେ ଉପସ୍ଥିତ ଥିବା ସମସ୍ତ ଲୋକ ଦୁଃଖରେ କାତର ହେଲେ ମାତ୍ର ଏ ହାକିମଙ୍କର ହୃଦୟ କ ଉପାଦାନରେ ଗଢ଼ା ହୋଇଅଛି ଯେ ଟିକିଏ ଟଳିଲା ନାହିଁ ! ଆମ୍ଭେମାନେ ଏଭଳି କହୁଁ ଯେ ଯାହାଙ୍କର ହୃଦୟରେ ଟିକିଏ ଦୟା ନାହିଁ ସେ ବିଚାରାସନରେ ବସିବାର ଯୋଗ୍ୟ ନୁହନ୍ତି । ଦୟାଶୂନ୍ୟ ବିଚାର ମଧ୍ୟ ଅବିଚାର ଅଟେ ।

---

Digitized by srujanika@gmail.com

## ପୁରୀରେ ଓଲାଉଠା ।

ଏ ସପ୍ତାହରେ ଓଲାଉଠାର ପ୍ରାଦୁର୍ଭାବ ଊଣା ଥିଲେହେଁ ଦୈନିକ ୧୦।୧୨ ମୃତ୍ୟୁ ଲାଗିଅଛି । ଜଣେ ପ୍ରଧାନ ସେବକଙ୍କୁ ଶ୍ରୀଜଉଙ୍କର ସ୍ୱପ୍ନାଦେଶ ହୋଇଛି ଯେ "ବିଜୁଳିବତୀ ପ୍ରବେଶ କରିବା ଦିନଠାରୁ ମୁଁ କିଛିମାତ୍ର ଭୋଜନ କରି ନାହିଁ । ଶୀଘ୍ର ଉକ୍ତ ବତୀ କାଢ଼ାଯାଇ ନ ଦେଲେ ଘୋର ଅନିଷ୍ଟ ହେବ ।" ଏ ବିଷୟ ସେବକମାନେ ମେନେଜର ବାବୁଙ୍କ କର୍ଣ୍ଣଗୋଚର କରାଇ ବୈଦ୍ୟୁତିକ ଆଲୋକର ସରଞ୍ଜାମ ଉଠାଇଦେବା ସକାଶେ ଅନୁରୋଧ କରିବାରୁ ବାବୁ ମହୋଦୟଙ୍କ ଆଦେଶମତେ ଉକ୍ତ ସରଞ୍ଜାମ ଗତ ରବିବାର ମନ୍ଦିର ମଧ୍ୟରୁ ଉଠାଇ ଦିଆଯାଇଅଛି । ଆଉ ଏକ କଥା ଉଠିଲା ଯେ ଗତ ରଥଯାତ୍ରାରେ ରଥ ଉପରେ ଯେଉଁ ଅଧରପଣା ଭୋଗ ହୋଇଥିଲା ସେହି ପଣାହାଣ୍ଡି ଏ ବର୍ଷ ରଥ ଉପରେ ଭାଙ୍ଗିଯାଇ ନ ଥିବାରୁ ଅନ୍ୟାନ୍ୟ ଦେବୀମାନେ ପ୍ରସାଦ ଅଧରପଣା ନ ପାଇବା କାରଣରୁ ଏପରି ଅନିଷ୍ଟ ଘଟିଅଛି ସେହି କାରଣରୁ ଗତ ମଙ୍ଗଳବାର ଦିନ ପୁନର୍ବାର ଶ୍ରୀଜଉଙ୍କର ଅଧରପଣା ଭୋଗ ଲାଗିବା ପରେ ଭାଙ୍ଗିଯାଇଥିଲା ଏବଂ ଅନେକ ଲୋକେ ମଧ୍ୟ ନିଜେ ନିଜେ ପଣା ଭୋଗ କରି ସେହି ମନ୍ଦିର ମଧ୍ୟରେ ଭାଙ୍ଗି ଦେଇଥିଲେ । ମହାମାରୀ ନିବାରଣାର୍ଥ ଏହି ଦିନ ବିପ୍ରହର ଧୂପ ପରେ ଶ୍ରୀ ନୃସିଂହ ଦେବ ଶ୍ରୀମନ୍ଦିରରୁ ବିଜେ କରି ଚାରିପାଖି ଭ୍ରମଣ କରିଥିଲେ । ସିଂହଦ୍ୱାର ସମ୍ମୁଖସ୍ଥ ଅରୁଣ ସ୍ତମ୍ଭ ନିକଟରେ ଗୃହ ଘର ତିଆରି ହୋଇ ସେଥିମଧ୍ୟରେ ହୋମ ହେବାର ବ୍ୟବସ୍ଥା ହେଉଅଛି । ସ୍ଥାନୀୟ ହାକିମମାନେ କିଛିଦିନ କଚେରୀ ବନ୍ଦ ରଖିବା ସକାଶେ ରିପୋର୍ଟ କରିଥିଲେ ମାତ୍ର ମଞ୍ଜୁର ହୋଇ ନାହିଁ । ଏଠାର ସିଭିଲ ସର୍ଜନ ଡାକ୍ତର ବାଲଟର ସାହେବ ଏବଂ ମ୍ୟୁନିସିପାଲିଟି ରୋଗ ନିବାରଣ ଏବଂ ଚିକିତ୍ସା ବିଷୟରେ ପ୍ରଶଂସନୀୟରୂପେ ମନୋଯୋଗୀ ହୋଇଅଛନ୍ତି । ଡାକ୍ତର ସାହେବ କେତେ ଜଣ ଅସ୍ଥାୟୀ ଇଂରାଜୀ ଡାକ୍ତର ନିଯୁକ୍ତ କରିଅଛନ୍ତି ଯେ ସେମାନେ ସହରରେ ବୁଲି ବୁଲି ରୋଗୀ ଦେଖୁଅଛନ୍ତି ଏବଂ ଔଷଧ ବାଣ୍ଟୁଅଛନ୍ତି । ମ୍ୟୁନିସିପାଲିଟି ଅଧିକ କୁଲି ନିଯୁକ୍ତ କରି ବାଟ ଘାଟ ହୁଡ଼ରେ ଦିନ ରାତରେ ଲୋକଙ୍କର ଚାଲିବାର ଓ ପଡ଼ିଆ ଜମିମାନ ସଫା କରାଉଅଛନ୍ତି । ଏ ସପ୍ତାହରେ ବର୍ଷା ନାହିଁ । ଧାରଣାବଣରେ ଗ୍ରୀଷ୍ମ ବୋଧ ହେଉଅଛି । କେବଳ ମେଘଘୋଡ଼ାଇ ରହିଅଛି ।

---

## ସେରସ୍ତାକର ।

ସରକାରୀ ସେରସ୍ତାର ସନ୍ଥଲିପି କାଗଜ ଶୁଦ୍ଧ କରି ଲେଖି ରଖିବା ସମ୍ବନ୍ଧରେ ବାଲେଶ୍ୱରଠାରେ ଗତ ମାସରେ ସ୍ଥାନୀୟ ଜମିଦାରଙ୍କ ଯୋଗ ମାନ୍ୟବର ଖାଲେକ ସାହେବ ଯେଉଁ ବୈଠକ କରିଥିଲେ ତହିଁର ବିବରଣ ଗତ ଓଡ଼ିଆ ନବସମ୍ବାଦରେ ବାହାରିଅଛି । ତହିଁର ସଂକ୍ଷେପ ମର୍ମ ଏହି ଯେ ପ୍ରତ୍ୟେକ ଚୌକିଦାରୀ ପଞ୍ଚାଏତ ଥାନାରେ ଜଣେ ମୋହରର ମାସକୁ ଟ ୧୦୲ ଙ୍କା ବେତନରେ ନିଯୁକ୍ତ ହେବ । ମୋହରର ଘର ସେହି ଥାନା ମଧ୍ୟରେ ହେବା ଆବଶ୍ୟକ । ସେ ଚୌକିଦାରୀ ଟିକସ ମଧ୍ୟ ଉଶୁଲ କରିବ ଏବଂ ତହିଁ ନିମନ୍ତେ ମାସକୁ ଟ ୫୲ ରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ପାଇବ ଏବଂ ସରକାରୀ କାର୍ଯ୍ୟରେ ଯୋଗ୍ୟତା ଲାଭ କରିଥିବ । ପ୍ରତି ଜ ୧୦ ଣ ମୋହରର ଉପରେ ମାସକୁ ଟ ୨୫ ରୁ ୫୦୲ ଙ୍କା ପର୍ଯ୍ୟନ୍ତ ବେତନରେ ଜଣେ କାନୁନଗୋ ନିଯୁକ୍ତହୋଇ ସେମାନଙ୍କର କାର୍ଯ୍ୟ ଦେଖା ଶୁଣା କରିବ ଏବଂ ମାସକୁ ଟ ୧୫୲ ଙ୍କା ଲେଖାଏଁ ଭତ୍ତା ଖରଚ ପାଇବ । ଶେଷରେ କାଗଜର ଶୁଦ୍ଧତା ଦେଖିବା କାରଣ ଜଣେ ବନ୍ଦୋବସ୍ତଦର୍ଶୀ ସବ ଡେପୁଟୀ ନିଯୁକ୍ତ ହେବା ଏକାନ୍ତ ଆବଶ୍ୟକ କାରଣ ଉକ୍ତ କାଗଜ ମାତବର ଲିପି ଅଟେ ଏବଂ ବନ୍ଦୋବସ୍ତ କାଗଜର ଅଂଶସ୍ୱରୂପ ଅଦାଲତରେ ପ୍ରମାଣ ସ୍ୱରୂପ ଦାଖଲ ହୋଇପାରେ ଏବଂ ଗତ ବନ୍ଦୋବସ୍ତ କାଗଜ ଲିଖିତ ଶତକଡ଼ା ପ୍ରାୟ ୭୫ ଲିପି ସଂଶୋଧନ କରିବାର ଆବଶ୍ୟକ ହେବ । ଜମିଦାରର ଗୁମାସ୍ତାମାନେ ବିନା ଖରଚରେ କାନୁନଗୋଙ୍କଠାରୁ ଏହି କାଗଜର ନକଲ ନେଇପାରିବେ । ଏହି କାର୍ଯ୍ୟର ଖରଚ ନିର୍ବାହ ନିମନ୍ତେ ଶତକଡ଼ା ଟ ୬୲ ଦରରେ କର ବସାଇବାର ପ୍ରସ୍ତାବ ହୋଇଅଛି । ଏହି କର ପଥକର ମହକୁମା ଦ୍ୱାରା ଆଦାୟ ହେବ ଏବଂ ସରକାର ଜମିଦାର ଏବଂ ରୟତ ବାଣ୍ଟି ଦେବେ । ଏଥିରୁ ପାଠକମାନେ ଦେଖିବେ ଯେ ଜମିଦାର ଏବଂ ପ୍ରଜାଙ୍କଠାରୁ ଆଉ ଗୋଟିଏ କର ନେବାର ସୂତ୍ରପାତ ହୋଇଅଛି । ପଥକର ପ୍ରଦେଶୀୟ କର ଡାକ କର ଏବଂ ଚୌକିଦାରୀ କର ଯେତେବେଳେ ଜମିଦାର ଓ ପ୍ରଜା ଦେଉଅଛନ୍ତି ସେତେବେଳେ ଆଉ ଗୋଟିଏ କର ନ ଦେବେ କାହିଁକି । ସେରସ୍ତାର କାଗଜ ଠିକ ନ ରହିଲେ ସରକାରଙ୍କର ପ୍ରଜା ସଙ୍ଗରେ ସାକ୍ଷାତ ସମ୍ବନ୍ଧ ରହିବ ନାହିଁ ଏବଂ ତାହାର ଅବସ୍ଥା ଜାଣିପାରିବାର ଅନ୍ୟ ସହଜ ଉପାୟ ନାହିଁ । ସୁତରାଂ ଶୁଦ୍ଧରୂପେ ସେରସ୍ତା ରକ୍ଷା କରିବାର ଖରଚ କର ସ୍ୱରୂପ ଜମିଦାର ଓ ପ୍ରଜାଠାରୁ ଆଦାୟ ହେବ । ମାତ୍ର ସରକାର ଅନୁଗ୍ରହ କରି ତହିଁର ଗୋଟିଏ ଭାଗ ଦେବେ ଯେ କାହା କେତେ ଜଣା ଯାଉ ନାହିଁ । ସମ୍ଭବତଃ ଏହି ତୃତୀୟାଂଶ ବା ତହିଁରୁ କିଛି ଊଣା ହେବ । ଭାଗ ଯାହା ପଡ଼ୁ, ଦେବା ନିଶ୍ଚୟ । ଜମିଦାର ମଧ୍ୟସ୍ୱତ୍ୱଦାର ଏବଂ ପ୍ରଜାଙ୍କର ଯେ କିଛି ଲାଭ ଥିଲା ଗତ ବନ୍ଦୋବସ୍ତରେ ସରକାର ସେ ସମସ୍ତ ନେଇଥିଲେ । ବିଶେଷତଃ ଜମିଦାରର ମାଲିକାନା ଛଡ଼ା ଆଉ କିଛି ଲାଭ ନାହିଁ ଏବଂ ତାହା ମଧ୍ୟ ଅଧିକାଂଶ ସ୍ଥଳେ ପୂର୍ବର ଲାଭରୁ ଊଣା ଅଟେ । ବାସ୍ତବରେ ଗତ ବନ୍ଦୋବସ୍ତରେ ସରକାରର ଯଥେଷ୍ଟ ଲାଭ ହୋଇଅଛି । ସେହି ଲାଭର ସାମାନ୍ୟ ଅଂଶ ସେରସ୍ତାର କାଗଜ ସମ୍ଭାଳିବାରେ ବ୍ୟୟ ହେବ ଏବଂ ତାହା ସରକାର ଏହା ସହିବାକୁ ପ୍ରସ୍ତୁତ ନ ହୋଇ ଟିକସ ବସାଇବାର ଚେଷ୍ଟା ନ୍ୟାୟସଙ୍ଗତ ନୁହେ । ବିଶେଷତଃ ଜମିଦାର ବା ପ୍ରଜା କାଗଜ ସଂଶୋଧନ ସକାଶେ ପ୍ରାର୍ଥନା କରୁ ନାହାନ୍ତି । ଗବର୍ଣ୍ଣମେଣ୍ଟ ଯେବେ ପ୍ରଜାର ହିତ ନିମନ୍ତେ ଏଥିରେ ମାଡ଼ିଅଛନ୍ତି ତେବେ ସେମାନଙ୍କଠାରୁ ନେବା ସଙ୍ଗରୁ ତହିଁର ବ୍ୟୟ ନିର୍ବାହ କରିବା ଉଚିତ । ସରକାରୀ ତହବିଲରେ ଟଙ୍କା ଉଦ୍‌ବର୍ତ୍ତ ହେଲାରୁ କର ଭାର କମ ପଡ଼ିବାରୁ ସରକାର କିଛି ଦୟାଦର ଖଡ଼ା ହେବାର ଆଶା ଦେଖାଇବା ସ୍ଥଳେ ଗୋଟିଏ କର ବଢ଼ାଇବାର ପ୍ରସ୍ତାବ ହେଉଅଛି ଏହା ଆମ୍ଭମାନଙ୍କର ଦୁର୍ଭାଗ୍ୟ ବିନା ଆଉ କିଛି ନୁହେ ।

---

## ପୁଲିସ କର୍ମଚାରୀ ନିଯୋଗ ।

ପୁଲିସ ଇନସ୍ପେକ୍ଟର ନିଯୋଗ ବିଷୟରେ ପୁଲିସ ଇନସ୍ପେକ୍ଟର ଜେନେରଲଙ୍କ ବିଜ୍ଞାପନ ଅନୁସାରେ ଜ ୨୯୩ ଣ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ଜ ୧୬ ଣ ଦେଶୀୟ ଲୋକଙ୍କୁ ବାଛି ଡକାଇ ଦେଖିଲା ଉତ୍ତାରୁ କେବଳ ଜ ୪ ଣଙ୍କୁ କାର୍ଯ୍ୟ ଦେଲେ ଏବଂ ସେହି ସମୟରେ ଜ ୨୦ ଣ ବିଲାତି ବା ଫିରଙ୍ଗି ନିଯୁକ୍ତ ହେଲେ । ଏହି କଥା ବଙ୍ଗାଳୀ ନାମକ ସମ୍ବାଦ ପତ୍ରରେ ପାଠ କରି ମାନ୍ୟବର ବାବୁ ଅମ୍ବିକାଚରଣ ମଜୁମଦାର ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ପ୍ରଶ୍ନ କରନ୍ତେ ମାନ୍ୟବର ବଙ୍ଗୀୟ ସେକ୍ରେଟେରୀ କାରଲାଇଲ ସାହେବ ନିମ୍ନ ଲିଖିତ ଉତ୍ତର ଦେଇଅଛନ୍ତି । ଯଥା;—

"ବଙ୍ଗାଳୀରେ ପ୍ରକାଶ ହେବା କଥା ଠିକ ନୁହେ । ପୁଲିସ କମିଶନ ଅନୁରୋଧମତେ ଜ ୨୯ ଣ ଇନସ୍ପେକ୍ଟର ବଢ଼ାଇବାର ଆବଶ୍ୟକ ହେବାରୁ ଜ ୫ ଣ ନୂଆ ଲୋକ ସେହି କାର୍ଯ୍ୟରେ ଭରତି ହେଲେ ଏବଂ ଯୋଗ୍ୟ ସବ[illegible]

Digitized by srujanika@gmail.com

Split by PDF Splitter



କ୍ଟରଙ୍କ ମଧ୍ୟରୁ ନ ୨୫ ଜଣଙ୍କୁ ପଦୋନ୍ନତ ଦିଆ ଗଲା । ଏହିରୂପେ ନ ୨୯ ଜଣ ଇନସ୍ପେକ୍ଟର ନିଯୁକ୍ତ ହୋଇଅଛନ୍ତି ଏବଂ ସେମାନେ ସମସ୍ତେ ଦେଶୀୟ ଲୋକ ଅଟନ୍ତି । ଏହା ଛଡ଼ା ଅସ୍ତ୍ରଧାରୀ ପୁଲିସ ଗ୍ରୁପରେ ନ ୨୨ ଜଣ ଇଉରୋପୀୟ ଇନସ୍ପେକ୍ଟର ନିଯୁକ୍ତ ହୋଇଅଛନ୍ତି । ପ୍ରତ୍ୟେକ ଜିଲ୍ଲାରେ ଏକଦଳ ଅସ୍ତ୍ରଧାରୀ ପୁଲିସ ରହିବେ ଯେ ବୃହତ୍ ଗଣ୍ଡଗୋଳ ବା ହଙ୍ଗାମା ଘଟିବାବେଳେ ସେମାନଙ୍କର କାର୍ଯ୍ୟ ଲୋଡ଼ା ହେବ ଏବଂ ପ୍ରତ୍ୟେକ ଦଳର ହିଦାର ଜଣେ ବିଲାତି ଇନସ୍ପେକ୍ଟର ହେବାର ନିୟମ ହୋଇଅଛି । ଅସ୍ତ୍ରଧାରୀ ପୁଲିସଙ୍କୁ ଡ୍ରିଲ ଏବଂ କାଏଦା ଶିକ୍ଷାଇବା ସେହି ଇନସ୍ପେକ୍ଟରଙ୍କର ପ୍ରଧାନ କାର୍ଯ୍ୟ ଅଟେ ଏବଂ ସିଭିଲ ବା ଛଦ୍ମବେଶୀ ପୁଲିସଠାରୁ ସେମାନେ ସମ୍ପୂର୍ଣ୍ଣରୂପେ ପୃଥକ୍ ଅଟନ୍ତି । ଯେଉଁ ଇଉରୋପୀୟ ବା ବିଲାତି ଲୋକମାନେ ସେ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ସେମାନେ ପଲଟନରେ ଶିକ୍ଷା ପାଇଅଛନ୍ତି ଏବଂ ସେ ପଦରେ ଭରତି ହେବାର ଯୋଗ୍ୟତା କେବଳ ସେହିମାନଙ୍କଠାରେ ଅଛି ।"

ଉପର ଲିଖିତ ବିବୃତିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ବଙ୍ଗାଳୀ ସମ୍ବାଦରେ ଯାହା ପ୍ରକାଶ ହୋଇଥିଲା ତାହା ଅଯଥାର୍ଥ ଥିଲା ଏବଂ ଦେଶୀୟ ଲୋକଙ୍କୁ ପୁଲିସ ଇନସ୍ପେକ୍ଟରୀ ପଦ ଦେବାରେ ଗବର୍ଣ୍ଣମେଣ୍ଟର ତ୍ରୁଟି ହୋଇ ନାହିଁ । ଅଧିକାଂଶ ପଦ ଯୋଗ୍ୟତା ସହିତ କାର୍ଯ୍ୟ କରୁଥିବା ସବ୍ ଇନସ୍ପେକ୍ଟରଙ୍କୁ ଦେବା ମଧ୍ୟ ଅନ୍ୟାୟ ହୋଇ ନାହିଁ । କେବଳ ନ ୪୫ ଜଣ ନୂଆ ଲୋକ ଦରକାର ଥିବା କଥା ବିଜ୍ଞାପନରେ ଲେଖି ହୋଇଥିଲେ ଏତେ ଅଧିକ ଦରଖାସ୍ତ ପଡ଼ି ନ ଥାନ୍ତା । କମ୍ ଏତେ ଲୋକ ନାନା ସ୍ଥାନରୁ କଷ୍ଟ ଓ ଖରଚ କରି ଇନସ୍ପେକ୍ଟର ଜେନେରଲଙ୍କ ଅଫିସରେ ଉପସ୍ଥିତ ହୋଇ ନିରାଶ ଚିତ୍ତରେ ଫେରି ଆସି ନ ଥାନ୍ତେ । ପୁଣି ଅସ୍ତ୍ରଧାରୀ ପୁଲିସର ସର୍ଦ୍ଦାର ବିଲାତି ବିନା କେହି ଦେଶୀ ଲୋକ ହୋଇ ପାରିବ ନାହିଁ ଏହା ଜରପେକ୍ଷଣୀୟର ନୁହେଁ । ଏଥିରେ ଜାତିଗତ ପକ୍ଷପାତ ରହିଅଛି । ପଲଟନରେ ହବଲଦାର ସୁବେଦାର ପ୍ରଭୃତି ସର୍ଦ୍ଦାରୀ କାର୍ଯ୍ୟ କରିବା ବ୍ୟକ୍ତିମାନେ ଡ୍ରିଲ ଓ କାଏଦା ଉତ୍ତମରୂପେ ଜାଣି ଅଛନ୍ତି ଏବଂ ସେମାନେ ଏ ସମସ୍ତ ଯୋଗ୍ୟତାରେ କୌଣସିରୂପେ ବିଲାତି ସୈନିକ ସର୍ଜ୍ଜଣ୍ଟଠାରୁ ଊଣା ନୁହନ୍ତି । ସେମାନଙ୍କୁ ଏକାବେଳେ ଉପେକ୍ଷା କରି କେବଳ ବିଲାତି ବ୍ୟକ୍ତିଙ୍କ ହେବାର ବ୍ୟବସ୍ଥା କେବଳ ବିଲାତି ଲୋକଙ୍କୁ ପୋଷିବା ବିନା ଆଉ କିଛି ବୋଲିଯାଇ ନ ପାରେ ଏବଂ ଏହି ଜାତିଗତ ବିଗ୍ରହ ଗବର୍ଣ୍ଣମେଣ୍ଟ ଏଣିକି କ୍ରମେ ବଢ଼ାଇବା ବଡ଼ ଦୁଃଖର ବିଷୟ ଅଟେ ।

---

### କଲିକତାରେ ବଏକଟସଭା ।

ବଙ୍ଗପ୍ରଦେଶକୁ ଦୁଇଖଣ୍ଡ କରିବା ସମ୍ବନ୍ଧୀୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଆଦେଶ ବିରୁଦ୍ଧରେ ଗତ ସୋମବାରର ଅପରାହ୍ନ ୪ ୫ ଘଟାରେ କଲିକତାର ଟାଉନହଲ ନାମକ ହୋମହଲ ଅଟ୍ଟାଳିକାରେ ଯେଉଁ ବିରାଟ ସଭା ହୋଇଥିଲା ତାହା ପୂର୍ବର ସମସ୍ତ ସାଧାରଣ ସଭାକୁ ବଳିଯାଇଥିଲା । ନିରୂପିତ ସମୟର ୩ ଘଣ୍ଟା ପୂର୍ବରୁ ନଗରର ନାନା ସଡ଼କରେ ସଭାସ୍ଥଳକୁ ଜନସ୍ରୋତ ବହିବାର ଦେଖା ଯାଉଥିଲା, ଟ୍ରାମ ଶକଟ ଶ୍ରେଣୀରେ ସ୍ଥାନ ମିଳିବା ଦୁସ୍ତର ହୋଇଥିଲା । ଦୋକାନିମାନେ ଦୋକାନ ବନ୍ଦ କରି ସଭାକୁ ଯାଇଥିଲେ । ଉଚ୍ଚ କଲେଜ ଓ ସ୍କୁଲର ଛାତ୍ରମାନେ ଉଚ୍ଚପ୍ରକାର ପୋଷାକ ପିନ୍ଧି ହାତରେ ପତାକାମାନ ଧରି ଦଳବଦ୍ଧ ହୋଇ ଯିବାର ଦୃଶ୍ୟ ବଡ଼ ସୁନ୍ଦର ହୋଇଥିଲା । ବଙ୍ଗଳାର ନାନାଜିଲ୍ଲାରୁ ପ୍ରତିନିଧିମାନେ ଆସିଥିଲେ ଏବଂ କଲିକତାର ମୁସଲମାନ ଏବଂ ମାରୁଆଡ଼ିମାନେ ଆଗ୍ରହ ସହିତ ସଭାରେ ଯୋଗ ଦେଇଥିଲେ । ସଭା ବସିବାର ଏକଘଣ୍ଟା ପୂର୍ବରୁ ଟାଉନ ହଲର ଉପର ଓ ତଳ ମହଲା ଏପରି ଭରତି ହୋଇଗଲା ଯେ ପଛରେ ଆସିବା ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କୁ ଭିଡ଼ ମଧ୍ୟରେ ଯଥାସ୍ଥାନକୁ ଯିବା ଅତି କଷ୍ଟକର ହୋଇଥିଲା । ଅତ୍ୟନ୍ତ ଭିଡ଼ ଦେଖି ଉଦ୍ୟୋଗୀମାନେ ଏକ ସଭା ବଦଳରେ ଏକକାଳରେ ତିନି ସଭା କରିବାର ସ୍ଥିର କଲେ ଏବଂ ତଦନୁସାରେ ଉପରମହଲାରେ ଏକ ସଭା ତଳ ମହଲାରେ ଆଉ ଏକ ସଭା ଏବଂ ସମ୍ମୁଖର ପଡ଼ିଆରେ ଆଉ ଏକ ସଭା ହେବାର ସ୍ଥିର ହୋଇ ତଦନୁସାରେ କାର୍ଯ୍ୟ ହୋଇଥିଲା । ତିନିସ୍ଥାନର ସଭାରେ ଏକରୂପ ନିର୍ଦ୍ଧାରଣମାନ ଧାର୍ଯ୍ୟ ହୋଇଥିଲା । ଉପର ମହଲାରେ ତିନି ହଜାରରୁ ଅଧିକ ଲୋକ ଥିଲେ ଏବଂ ଶ୍ରୀ ମହାରାଜା ମଣୀନ୍ଦ୍ରଚନ୍ଦ୍ର ନନ୍ଦୀ ସଭାପତିର ଆସନ ଗ୍ରହଣ କରିଥିଲେ । ତଳ ମହଲାରେ ତହିଁରୁ ଅଧିକ ଅର୍ଥାତ୍ ପ୍ରାୟ ଚାରି ହଜାର ଲୋକ ଥିଲେ ଏବଂ ବଗୁଡ଼ାର ନବାବ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ପଡ଼ିଆରେ ଯେତେ ଲୋକ ଜମା ହୋଇଥିଲେ ସେମାନଙ୍କ ସଂଖ୍ୟା ୫ । ୬ ହଜାରରୁ ଊଣା ନ ଥିଲା । ଏବଂ ମାନ୍ୟବର ବାବୁ ଭୂପେନ୍ଦ୍ରନାଥ ବୋଷ ସଭାପତିର କାର୍ଯ୍ୟ ସମ୍ପାଦନ କରିଥିଲେ । ଏତେ ଜନତାରେ ଲୋକମାନେ ଏମନ୍ତ ଧୀର ଭାବ ରକ୍ଷା କରିଥିଲେ ଯେ କୌଣସିପ୍ରକାର ଗୋଳମାଳ ହୋଇ ନ ଥିଲା । ଲୋକଙ୍କର ଭାବ ଭଙ୍ଗିରୁ ସ୍ପଷ୍ଟ ଜଣା ଯାଉଥିଲା ଯେ ସେମାନେ ଏକ ଭୟାନକ ବିପଦରେ ସମସ୍ତେ ଦୁଃଖିତ ଓ ଚିନ୍ତିତ ଥିଲେ ଏବଂ ବିଷାଦ ବିନା ହର୍ଷୋଲ୍ଲାସ ଚିହ୍ନ ନ ଥିଲା । ସୁତରାଂ ସମସ୍ତେ ନୀରବ ଥିବା ହେତୁ ଗଣ୍ଡଗୋଳର ଅବକାଶ ନ ଥିଲା । ଏହା ଦେଖି ଏପରି କହିବ ଯେ ବଙ୍ଗର ବିଭାଗ ଆଦେଶ ବଙ୍ଗବାସିଙ୍କୁ ଅନ୍ତରତ ବାଧ ନାହିଁ ତଥାପି ବହୁଜନତା ହେତୁ ଏତେ ଜନସ୍ରୋତ ମଧ୍ୟରେ ଅଧିକାଂଶ ଲୋକ ବକ୍ତାମାନଙ୍କ ଶୁଣି ନ ପାରି କେବଳ ବକ୍ତାମାନଙ୍କର ମୁଖଭଙ୍ଗି ଦେଖି ତୃପ୍ତ ହୋଇଥିଲେ । ଯେ ସମସ୍ତ ନିର୍ଦ୍ଧାରଣ ସଭାରେ ଅବଧାରିତ ହୋଇଥିଲା ସେ ସମସ୍ତ ନିମ୍ନେ ପ୍ରକାଶ କରୁଅଛୁଁ । ଯଥା—

୧ । ବଙ୍ଗର ବିଭାଗ ବିଷୟକ ଗବର୍ଣ୍ଣମେଣ୍ଟଙ୍କ ଆଦେଶର ତୀବ୍ର ପ୍ରତିବାଦ ଏ ସଭା କରୁଅଛନ୍ତି । ସେହି ଆଦେଶ ନିତାନ୍ତ ଅନ୍ୟାୟ ଓ ସ୍ୱେଚ୍ଛାଚାର ମୂଳକ ଏବଂ ତଦ୍ୱାରା ବର୍ତ୍ତମାନ ଶାସନପ୍ରଣାଳୀ ପ୍ରତି ଲୋକଙ୍କର ଅବିଶ୍ୱାସ ଜନ୍ମିଅଛି । ଏହି ଆଦେଶ କାର୍ଯ୍ୟତଃ ପ୍ରତିପାଳିତ ହେଲେ ଲୋକଙ୍କର ମାନସିକ, ସାମାଜିକ, ନୈତିକ ଏବଂ ବୈଷୟିକ ଉନ୍ନତିର ବ୍ୟାଘାତ ହେବ ଏବଂ ସରକାରୀ ବ୍ୟୟ ବୃଦ୍ଧିହେବାର ପରିଶେଷରେ କରଭାର ବଢ଼ିବ । ଅତଏବ ଏ ସଭା ପ୍ରାର୍ଥନା କରନ୍ତି କି ଭାରତର ସ୍ୱରାଷ୍ଟ୍ର ଷ୍ଟେଟ ସେକ୍ରେଟେରୀ ବଙ୍ଗର ବିଭାଗ ବିଷୟକ ଆଦେଶ ରହିତ କରିବେ ଏବଂ ଯେବେ ତାହା ନ କରିବେ ତେବେ ନୂତନ ରାଜ୍ୟ ସଙ୍ଗେ ବର୍ଦ୍ଧମାନ ଏବଂ ପ୍ରେସିଡେନ୍ସି ବିଭାଗମାନ ମିଶାଇବେ ।

୨ । ଏହି ଆଦେଶ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଯେଉଁ କାର୍ଯ୍ୟପ୍ରଣାଳୀ ଅବଲମ୍ବନ କରିଅଛନ୍ତି ତାହା ନିତାନ୍ତ ଅନ୍ୟାୟ । ପ୍ରଥମେ ଯେତେ ରାଜ୍ୟ ବଙ୍ଗଳାରୁ ବାହାର କରି ଦେବାର ପ୍ରକାଶ କରିଥିଲେ ତଦପେକ୍ଷା ଅଧିକ ରାଜ୍ୟ ବର୍ତ୍ତମାନ କାଢ଼ି ନେଇଅଛନ୍ତି ଅଥଚ ସେ କଥା ଜନସାଧାରଣଙ୍କୁ ଆଦୌ ଜଣାଇ ନାହାନ୍ତି କି ସେମାନଙ୍କର ଆପତ୍ତି ଶୁଣି ନାହାନ୍ତି । ଏହା ରାଜନୀତିର ବିରୁଦ୍ଧ ଏବଂ ବଡ଼ ଭୟ ଓ ଚିନ୍ତାର କାରଣ ଅଟେ ।

୩ । ଯେପର୍ଯ୍ୟନ୍ତ ବଙ୍ଗର ବିଭାଗ ଆଦେଶ ରହିତ ହୋଇ ନାହିଁ ସେ ପର୍ଯ୍ୟନ୍ତ କୌଣସି ବିଲାତି ଜିନିଷ କିଣିବେ ନାହିଁ ବୋଲି ମୋଫସଲର ସଭାସମିତିମାନେ ଯାହା ସ୍ଥିର କରିଅଛନ୍ତି ଏ ସଭାର ତହିଁରେ ସମ୍ପୂର୍ଣ୍ଣ ସହାନୁଭୂତି

Digitized by srujanika@gmail.com

ଅଛି । ଏଥିରେ କଲିକତାର ଲୋକମାନେ ବୁଝି ପାରିବେ ଯେ ସହରର ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ସେମାନଙ୍କର କର୍ତ୍ତବ୍ୟ ନୁହେ ।

୪ । ବଙ୍ଗର ବିଭାଗ ଆଦେଶ ରହିତ କରିବା କାରଣ ଯେ ସମସ୍ତ ଆଇନସଙ୍ଗତ ଉପାୟ ଅବଲମ୍ବନ କରିବାର ପ୍ରୟୋଜନ ହେବ ସେ ସମସ୍ତ କରିବା କାରଣ ଏ ସଭା ଦୃଢ଼ ପ୍ରତିଜ୍ଞା କରୁଅଛନ୍ତି ଏବଂ ତହିଁ ନିମନ୍ତେ ଗୋଟିଏ କାର୍ଯ୍ୟକାରୀ କମିଟୀ ନିଯୁକ୍ତ କରୁଅଛନ୍ତି । ( ଏହି କମିଟିରେ କଲିକତାର ଏବଂ ମୋଫସଲର ଅନେକ ଭଦ୍ର ଲୋକ ନିଯୁକ୍ତ ହୋଇଅଛନ୍ତି )

୫ । ଉପର ଲିଖିତ ପ୍ରଥମ ଏବଂ ଦ୍ୱିତୀୟ ନିର୍ଦ୍ଧାରଣର ପ୍ରତିଲିପିମାନ ସରକାରୀ ଦସ୍ତୁର ମତେ ବିଲାତସ୍ଥ ଭାରତୀୟ ଷ୍ଟେଟ ସେକ୍ରେଟରୀଙ୍କ ନିକଟକୁ ପଠା ଯାଉ ।

ପରିଶେଷରେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସ ୬॥ ଘଣ୍ଟା ବେଳେ ସଭା ଭଙ୍ଗ ହୋଇଥିଲା ।

---

## ସ୍ଥାନୀୟ ଆତ୍ମଶାସନ ନୀତି ।

'ଷ୍ଟାର ଅଫ ଉତ୍କଳ' ଲେଖିଅଛନ୍ତି କି କଟକ ମିଉନିସିପାଲିଟିର ସ୍ୱେଚ୍ଛାଚାର କାର୍ଯ୍ୟ-ପ୍ରଣାଳୀ ଦେଖି ଏ ଦେଶୀୟ ଲୋକଙ୍କର ଆତ୍ମ-ଶାସନ ଭାର ନିର୍ବାହର ଯୋଗ୍ୟତା ସମ୍ବନ୍ଧରେ ତାହାଙ୍କର ବିଶ୍ୱାସ ଟଳିଯାଇଅଛି । ଯେଉଁ-ମାନଙ୍କୁ ଯୋଗ୍ୟ ବୋଲି ମନେ କରୁଅଛୁ ଯେବେ ସେମାନେ ଅଧିକାର ପାଇଲେ ସମ୍ମାନ ହୋଇ ଧୈର୍ଯ୍ୟ ଓ ନ୍ୟାୟପଥରେ ଚାଲି ନ ପାରିବାର ଦେଖୁଅଛୁଁ ତେବେ ଆଉ କାହା-ଠାରୁ ଉପଯୁକ୍ତ ଯୋଗ୍ୟତାର ଆଶା କରିବୁଁ ? ସହଯୋଗୀ ପରିଶେଷରେ ଲେଖିଅଛନ୍ତି କି ଉପସ୍ଥିତ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ ପାଇବାର ଆଶା ନାହିଁ, ଆଇନରେ ମଧ୍ୟ ଉପାୟ ନାହିଁ । କେବଳ ଏତିକି କର୍ତ୍ତବ୍ୟ ହେଉଅଛି ଯେ ପ୍ରତ୍ୟେକ ୱାର୍ଡ଼ର କରଦାତା-ମାନେ ସଭା କରି ଏହି ନିର୍ଦ୍ଧାରଣ ସ୍ଥିର କରନ୍ତୁ କି ନିଜ ୨ ୱାର୍ଡ଼ର କମିଶନରମାନେ ମିଉନିସି-ପାଲ କମିଶନରମାନଙ୍କର ଗୋଟିଏ ବିଶେଷ ଅଧିବେଶନ କରାଇ ଦୁଇ-ତୃତୀୟାଂଶ ମତଦ୍ୱାରା ଚେଅରମାନ ଓ ଭାଇସ ଚେଅରମାନଙ୍କୁ ବିଦାୟ ଦେଉନ୍ତୁ । ଏ ଉପାୟ ମଧ୍ୟ ଆମ୍ଭେମାନେ ବଡ଼ ଆଶାଜନକ ମନେ କରୁ ନାହୁଁ । କାରଣ ଅପିଲକମିଟିର ନ ୫ ଜଣ ମଧ୍ୟରେ ନ ୪ ଜଣ ୱାର୍ଡ଼ କମିଶନର ଥିଲେ ଏବଂ ଅବଶିଷ୍ଟ ଚେୟାରମାନ ଓ ସରକାରୀ କମିଶନରମାନେ ଯେ କେହି ସେମାନଙ୍କର ପୃଷ୍ଠପୋଷକ ନ ହେବେ ଏହା କିଏ କହିପାରେ । ବିଶେଷତଃ ଆମ୍ଭମାନଙ୍କ ମଧ୍ୟରେ ଉନ୍ନତଲକ୍ଷ୍ୟ ଗତ ନିରପେକ୍ଷ ନ୍ୟାୟ ବିଚାର କରିବା ଲୋକ ଅତି ଅଳ୍ପ ଅଛନ୍ତି । ମୂଳକଥା ଆତ୍ମଶାସନ ଅଧିକାର ପରି-ଚାଳନର ଯୋଗ୍ୟତା ଆମ୍ଭମାନଙ୍କର ହୋଇ ନାହିଁ ଏବଂ ସେ ଯୋଗ୍ୟତା ଲାଭ କରିବାକୁ ଆମ୍ଭମାନଙ୍କର ଚେଷ୍ଟା ନାହିଁ । ମୂର୍ଖ ଗରିବ ଲୋକଙ୍କର କଥା ଛାଡ଼ିଦିଅ ସେମାନେ ନିଜର ଯଥାର୍ଥ ଅଧିକାର ଓ ସ୍ୱାର୍ଥ ବୁଝିଲେ ମଧ୍ୟ ବଡ଼ ଲୋକଙ୍କ ସଙ୍ଗେ କଳି କରି ଦରବାରରେ ପଡ଼ିବାଠାରୁ ଦଣ୍ଡ ଦେବା ଶ୍ରେୟସ୍କର ମନେ କରନ୍ତି । ମାତ୍ର ଯେଉଁମାନେ ଶିକ୍ଷିତ ଓ ସଙ୍ଗତିପନ୍ନ ଏବଂ [illegible] ଓ ସ୍ୱଦେଶାନୁରାଗୀ ବୋଲି ନାମ ପାଇବାକୁ ବ୍ୟସ୍ତ ସେମାନେ ମଧ୍ୟ ସାଧାରଣ ସ୍ୱାର୍ଥଠାରୁ ନିଜ ବନ୍ଧୁ ବାନ୍ଧବ ବା ଆତ୍ମୀୟ ଲୋକର ଅନ୍ୟାୟ ମନ ରଖିବାକୁ ତତ୍ପର ହୁଅନ୍ତି । ସେମାନେ ଟିକିଏ ଭାବି ଦେଖନ୍ତି ନାହିଁ ଯେ ସାଧାରଣ ସ୍ୱାର୍ଥଠାରେ ବ୍ୟକ୍ତିବିଶେଷ ଯେତେ ଆପଣାର ହେଉ ପଛକେ ତାହାର ଅଯଥା ମନରକ୍ଷା କେତେ ଅନିଷ୍ଟକର ଏବଂ ପାପ । ଏହି ବିଶ୍ୱାସ ଯାହାଙ୍କ ମନରେ ଦୃଢ଼ ହୋଇ ନାହିଁ ସେମାନେ ପ୍ରକୃତ ସଭ୍ୟତା ଓ ମନୁଷ୍ୟତା ଲାଭ କରି ନାହାନ୍ତି ଏବଂ ଯେ ସମାଜରେ ସେପରି ଲୋକର ସଂଖ୍ୟା ଅଧିକ ସେ ସମାଜର ମଙ୍ଗଳ ସୁଦୂରପରାହତ । ଏ ନଗରର ଜାଣିବା ଶୁଣିବା ଲୋକଙ୍କ ମଧ୍ୟରେ ନ୍ୟାୟ ନିଷ୍ଠାର ଯଥାର୍ଥ ଆଦର ଏବଂ ଆତ୍ମ-ସମ୍ମାନର ଜ୍ଞାନ ଥିଲେ କି ଗତ ଟିକସ ବନ୍ଦୋବସ୍ତର ଅତ୍ୟାଚାର ନିମନ୍ତେ ଯାହାଙ୍କ କାର୍ଯ୍ୟକୁ ସମସ୍ତେ ନିନ୍ଦା କରି କମିଟ ସଭା କରି-ଥିଲେ ଏବଂ ସେ କମିଶନର ହେବାର ଯୋଗ୍ୟ ନୁହନ୍ତି ବୋଲି ଏକାନ୍ତ ବିଶ୍ୱାସ କରିଥିଲେ ତାହାଙ୍କୁ ନିର୍ବାଚନ ସମୟରେ ବସି ନେଇ ଛାଡ଼ିବା ମାତ୍ରେ ନିର୍ବାଚନ ସ୍ଥାନକୁ ଆସି ତାହାଙ୍କ ନିମନ୍ତେ ମତ ଦେଇଥାନ୍ତେ ? ଭଦ୍ର ଲୋକମାନେ ଉପରୋଧ ଅନୁରୋଧରେ କର୍ତ୍ତବ୍ୟ ବାଟ ଭୁଲିଯିବା ସ୍ଥଳେ ସାମାନ୍ୟ ଲୋକମାନେ ବଳେଇଚ୍ଛା ଓ ମିଷ୍ଟାନ୍ନ ଭୋଜନରେ ଭୁଲି ପଡ଼ିବା ବିଚିତ୍ର ନୁହେ । ତେବେ ଏ କଥା ବୋଲାଯାଇ ପାରେ ଯେ ଗତଥରର ଟିକସ ବୃଦ୍ଧିଟା ଅପିଲ କମିଟିର ସୁବିଚାରରେ କମା ହେବା ହେତୁ କାହାରିକୁ ଅଧିକା ଟଙ୍କା ଦେବାକୁ ପଡ଼ି ନ ଥିଲା ବୋଲି ସହଜରେ ସେ ବିପଦ ପାସୋରି ପକାଇଥିଲେ । ମାତ୍ର ଏଥର ପାଞ୍ଚବର୍ଷ ଯାଏ [illegible] ଅନ୍ୟାୟ ଟିକସ ଗଣିବାକୁ ହେଲେ କଷ୍ଟ ପାଇବେ । ସୁତରାଂ ଏ ବିପଦ ଭୁଲିପାରିବେ ନାହିଁ । ଏଥିରେ ଯେବେ ସାବଧାନ ହୋଇ ଯାହାଙ୍କ ଉପରେ ନିର୍ଭର କରି ଏ ଦୁଃଖ ପାଉଅଛନ୍ତି ସେମାନଙ୍କୁ ଛାଡ଼ି ଏଣିକି ପରାମର୍ଶରେ ଯୋଗ୍ୟବ୍ୟକ୍ତିମାନଙ୍କୁ ଲୋକ କମିଶନର ନିର୍ବାଚନ କରିବେ ତେବେ ସେମାନଙ୍କର ଚୈତନ୍ୟ ଉଦୟ ହୋଇଅଛି ବୋଲି ଜଣାଯିବ । ନ ହେଲେ ଆପଣା ଗଳାରେ ଆପେ ଛୁରୀ ମାରି କାନ୍ଦିଲେ କିଛି ଫଳ ହେବ ନାହିଁ । ସ୍ଥାନୀୟ ଆତ୍ମଶାସନର ମୂଳ ଅଭିପ୍ରାୟ ଏହି କି ସ୍ଥାନ ବିଶେଷର ଲୋକମାନେ ଏକ ଯୋଗରେ ଆପଣା ପକ୍ଷରୁ ଯେଉଁମାନଙ୍କୁ ପ୍ରତିନିଧି ମନୋନୀତ କରିବେ ସେମାନେ ପ୍ରତ୍ୟେକ ବ୍ୟକ୍ତିଠାରୁ ଉଚିତ ଟିକସ ଆଦାୟ କରିବେ ଓ ସେସ୍ଥାନର ଲୋକମାନଙ୍କର ସୁଖ ସ୍ୱାସ୍ଥ୍ୟ ବିଷୟରେ ତାହା ଖରଚ କରିବେ । କିପରି କରଧାର୍ଯ୍ୟ ଓ ଆଦାୟ ଏବଂ କିପରି ତାହା ବ୍ୟୟ ହେବ ଆଇନଦ୍ୱାରା ନିର୍ଦ୍ଦିଷ୍ଟ ହୋଇଅଛି । ଆଇନ ଅନୁସାରେ ଉଚିତ କର ଧାର୍ଯ୍ୟ କରିବା ଏବଂ ତାହା ଆଦାୟ କରି ବ୍ୟୟ କରିବା ଏହି ଦୁଇଟି କମିଶନରମାନଙ୍କର କାର୍ଯ୍ୟ ଏବଂ ତହିଁ ମଧ୍ୟରେ ପ୍ରଥମଟି ବଡ଼ କଠିନ ଅଟେ । ବ୍ୟୟ କରିବାଠାରୁ ଆୟ କରିବାରେ ଅଧିକ ବୁଦ୍ଧି ଓ କୌଶଳର ପ୍ରୟୋଜନ ଏହା ବୁଦ୍ଧିମାନ ବ୍ୟକ୍ତିମାତ୍ରେ ସ୍ୱୀକାର କରିବେ । ଦେବା ମରିବାକୁ କେହି ସୁଖ ପାନ୍ତି ନାହିଁ ବୋଲି ପ୍ରବାଦ ଅଛି ସତ୍ୟ ମାତ୍ର ନ ଦେଇ ନ ମରି କେହି ଅଛି କି ? ନ୍ୟାୟସଙ୍ଗତରୂପେ ନେଲେ ତାହାକୁ ହସାଇ ନେବା ଓ ଅନ୍ୟାୟରୂପେ ନେଲେ ତାହାକୁ କନ୍ଦାଇ ନେବା ବୁଝାଯାଏ । କମିଶନରମାନେ ଯେପରି ଟିକସ ଧାର୍ଯ୍ୟ ହୋଇଅଛି ତହିଁରେ ଅତ୍ୟାଚାର ହୋଇଥିବାକୁ ଲୋକେ କାନ୍ଦୁଅଛନ୍ତି ଏବଂ ସେହି ହେତୁ କମିଶନରମାନଙ୍କର ନିନ୍ଦା ହୋଇଅଛି । ଚେଅରମାନ ସେହି ଅତ୍ୟାଚାରର ବିଶେଷ ସହାୟତା କରିଥିବାରୁ ତାହାଙ୍କର ନିନ୍ଦା ଏତେ ଅଧିକ ହୋଇଅଛି ଯେ ଅନ୍ୟାନ୍ୟ କାର୍ଯ୍ୟରେ ସେ ଯେତେ ସୁଖ୍ୟାତି ଅର୍ଜନ କରିଥିଲେ ସମସ୍ତ ବିଫଳ ହୋଇଅଛି । ବ ୧୦ ବର୍ଷ ଚାଲି ଆସିଲା ଉତ୍ତାରୁ ଆତ୍ମଶାସନ ପ୍ରଣାଳୀର ଏ ନଗରରେ ଏପରି ଶୋଚନୀୟ ଅବସ୍ଥା ଦେଖି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇ ଏତେ କଥା ଲେଖିବାକୁ ବାଧ୍ୟ ହୋଇଅଛୁଁ । କମି-ଶନରମାନଙ୍କ ମନରେ କି ଏ ଦୁଃଖ ହେଉ ନାହିଁ ? ଲୋକଙ୍କଦ୍ୱାରା ନିର୍ବାଚିତ ଓ ସରକାରଙ୍କଦ୍ୱାରା ମନୋନୀତ ସମସ୍ତ କମିଶନର ଯେ ଏହି ଶୋଚନୀୟ ଫଳ ନିମନ୍ତେ ସମାନରୂପେ ଦାୟୀ ଏବଂ ସମସ୍ତଙ୍କର ଏଥିର ପ୍ରତୀକାର ଲୋଡ଼ିବା ଉଚିତ ।

---

# ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

କଟକ ରେଭେନ୍ସା କଲେଜିଏଟ ସ୍କୁଲର ହେଡମାଷ୍ଟର ବାବୁ ମୋହନମୋହନ ଚୌଧୁରୀ ଏମ୍ ଏ ଢାକା କଲେଜର ଗଣିତ ପ୍ରୋଫେସର ପଦରେ ନିଯୁକ୍ତ ହେଲେ ।

କଟକ ରେ ଃ କଲେଜିଏଟ ସ୍କୁଲର ସହକାରୀ ହେଡ ମାଷ୍ଟର ବାବୁ ସୁରେନ୍ଦ୍ରନାଥ ଗୁପ୍ତ ବି, ଏ ଉକ୍ତ ସ୍କୁଲର ହେଡ ମାଷ୍ଟର ପଦରେ କିଛିକାଳ ନିମନ୍ତେ ନିଯୁକ୍ତ ହେଲେ ।

କଟକ ମୁନସଫ ବାବୁ ଅଶୁତୋଷ ମିତ୍ର କଟକର ଉପ ଜଜଙ୍କ ସ୍ମଲକଜକୋର୍ଟରେ ୨ଠ ହଜାର ଟଙ୍କା ମୂଲ୍ୟର [illegible] ମୋକଦ୍ଦମା ବିଚାର କରିବାର କ୍ଷମତା ପାଇଲେ ।

Split by PDF Splitter
Digitized by srujanika@gmail.com

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ...ପଟେଲ ଅହମ୍ମଦ | ସଜଣପୁର | ଟ ୧ |
| ...ମି : ଭିଅଇ, ଏଫ, ଲାଗିନ୍ ହାଇଗଡ଼ ବାଲେଶ୍ୱର | | ଟ ୩ |
| ...ବାବୁ ହରେକୃଷ୍ଣଦାସ : ଇ : ପୋଲିଶ ଗାଙ୍ଗପୁର | | ଟ ୧ |
| ,, ,, ଦାମୋଦର ପଟ୍ଟନାୟକ ଦେଉଳା ବଜାର | | ଟ ୧ |
| ,, ,, ମାଧବ ଚନ୍ଦ୍ର ମଣ୍ଡ : ସ୍ କ : ଡିଃ କଲେକ୍ଟର | ଅନୁଗୁଳ | ଟ ୪ |
| ,, ,, ସର୍ବେଶ୍ୱର ଚନ୍ଦ୍ର, ଚନ୍ଦ୍ର, | କଟକ | ଟ ୩ |
| ,, ,, ଭାଗରଥି ମହାପାତ୍ର : ଇ : ସବ୍ରେଭ | ,, | ଟ ୧ |
| ...ଳା ଖଲିକୋଟ | ରମ୍ଭା ଗଞ୍ଜାମ | ଟ ୩ |
| ...ର୍ଜା କରିମ ବେଗ୍ : ସ୍ : ଇ : ପୋଃ | ବାଲିପାଟଣା | ଟ ୫ |
| ...ବାବୁ ସୁଦର୍ଶନ କାନୁନଗୋ, କାନନଗୋ ସର୍ଭିସ୍ | | ଟ ୩ |
| ,, ,, ଜଗବନ୍ଧୁ ମହାପାତ୍ର ଖାଞ୍ଜିରି ମଙ୍ଗଳା | | ଟ ୧ |
| ...ଯାଜା । ଡ । ଉଡ଼ିଷ୍ୟା | ଓଡ଼ିଶା | ଟ ୩ |
| ...ବାବୁ ଗୋଲୋକ ବିହାରୀ ପଟ୍ଟନାୟକ ଲଣ୍ଡା- ବେଉଲ | କଟକ | ଟ ୧ |
| ,, ,, ହରିସ୍ୱାମି ରାଉତ | ,, | ଟ ୨ |
| ,, ,, ମଣି ମହାନ୍ତି : ସ୍ : ଇ : ଝୁମଝୁମା | | ଟ ୩ |
| ,, ,, ଅକ୍ଷୟଚନ୍ଦ୍ର ରାଉତ । ନୋ । ଗୋବିନ୍ଦପୁର ଗଞ୍ଜାମ | | ଟ ୩ |
| ,, ,, ଅର୍ଜୁନ ବେହେରା | ଜଗତସିଂହପୁର କଟକ | ଟ ୨ |

## ବଜାରଦର ।

ଅମ୍ଭ ଦୋକାନରେ ନିମ୍ନଲିଖିତ ଜିନିସ ବିକ୍ରିହେଉଅଛି ।

| | | |
|---|---|---|
| ମଇଁଷିଘିଅ | ମ ୧ ଟ ୪୫ ଟ ୧ ଙ୍କାରୁ ସେ ୦ ୩/ | |
| ଗୁଆ ଘିଅ | ମ ୧ ଟ ୫୦ ଟ ୧ ଙ୍କାରୁ ସେ ୦ ୩/ | |
| କୁତକଲାଘିଅ | ମ ୧ ଟ ୪୦ ଟ ୧ ଙ୍କାରୁ ସେ ୧ | |
| ନ ୧ ସ୍ୱର ମଇଦା | ଟ ୧ ଙ୍କାରୁ ସେ ୫ ୩ | |
| ଏକନ | ଟ ୭୩/ | ମ ୧ |
| ନ ୨ ସ୍ୱର ମଇଦା | ଟ ୧ ଙ୍କାରୁ ସେ ୭/ | |
| ଏକନ | ଟ ୭୩ | ମ ୧ |
| ନ ୧ ସ୍ୱର ଅଟା | ଟ ୧ ଙ୍କାରୁ ସେ ୫୩ | |
| ଏକନ | ଟ ୭୩ | ମ ୧ |
| ନ ୨ ସ୍ୱର ଅଟା | ଟ ୧ ଙ୍କାରୁ ସେ ୭୩ | |
| ଏକନ | ଟ ୫୩ | ମ ୧ |
| ଦାଟଚନ | ଟ ୧ ଙ୍କାରୁ ସେ ୩। | |
| ଏକନ | ଟ ୧୨ ରୁ | ମ ୧ |
| କଲଟେରି କେରୋସିନ ତେଲ | ଟ ୧। ରୁ ସେ ୨୩ | |
| ବାଜିଗୁଣ୍ଡ କେରୋସିନ ତେଲ | ଟ ୧।/ ରୁ ସେ ୨୩ | |
| ମିଶ୍ରି କଲଟେରି | ଟ ୦ ।/ | ସେ ୧ |
| ଏକନ ଚେଣି | ଟ ୦ ୩/ ରୁ | ସେ ୧ |
| ମିଶ୍ରି ଚକିଣି | ଟ ୦ ୩/ | ସେ ୧ |
| ଟୁଥ ଖସାତେଲ | ଟ ୦ ୩/ | ସେ ୧ |
| ଏକନ | ଟ ୨୨( | ମ ୧ |
| କଞ୍ଚଅତେଲ ନ ୧ ସ୍ୱର | ଟ ୦ ୩/ | ସେ ୧ |
| | ଟ ୨୧୩( | ମ ୧ |
| କଞ୍ଚଅତେଲ ନ ୨ ସ୍ୱର | ଟ ୦ ୩ | ସେ ୧ |
| ଏକନ | ଟ ୧୮୩ | ମ ୧ |
| କବ୍ରଖନ ହାଁସମାର୍କା | ଟ ୧।୷ | ଡି ୧ ଣ |
| ,, ଦ୍ୱୀପମାର୍କା | ଟ ୧।/ | ଡି ୧ ଣ |
| ,, ସୁଣୀମାର୍କା | ଟ ୧। | ଡି ୧ ଣ |
| ,, ସାପମାର୍କା | ଟ ୧। | ଡି ୧ ଣ |
| ରେଢ଼ିତେଲ | ଟ ୧ | ସେ ୨।/ |
| ଏକନ | ଟ ୧୭ | ମ ୧ |
| ସୁଜି | ଟ ୦ ୷୭ | ସେ ୧ |
| ଏକନ | ଟ ୮୩ | ମ ୧ |
| ଗୁଡ଼ ମଗସ | ଟ ୧ | ସେ ୫ |
| ବୋହର କମାଣି ଗୁଡ଼କନ | ଟ ୦ ।/ | ସେ ୧ |
| ଏକନ | ଟ ୧୪ | ମ ୧ |
| ଚନାକଭ | ଟ ୦ ।/୩ | ସେ ୧ |
| ଏକନ | ଟ ୧୪୩ | ମ ୧ |
| ହରଡ଼ ଡାଲି | ଟ ୦ ୷ | ସେ ୧ |
| ଏକନ | ଟ ୫ | ମ ୧ |
| ମୁଗ ଡାଲି | ଟ ୦ ୷ | ସେ ୧ |
| ଏକନ | ଟ ୫ | ମ ୧ |
| ଖାଡ଼ମସୁର | ଟ ୦ ୷୭ | ସେ ୧ |
| ଏକନ | ଟ ୫୩ | ମ ୧ |
| ଗୁହା | ଟ ୦ ।/ | ପାଃ ଭରି |

ଟଙ୍କଟାଣିବଜାର ଛକ କଟକ } ଶ୍ରୀ ସଦେଇ ପଟେଲ

# ନୋଟିସ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ଇଙ୍ଗାଇପୁର ଇଷ୍ଟେଟ ଅନ୍ତର୍ଗତ ତଳତପସିଲ ସମ୍ପତ୍ତି ଗତତ ଅଗଷ୍ଟ ମାସ ତା ୨୬ ଋଣ ଦିବା ଘ ୪ ଶା ସମୟରେ ସହର କଟକ ଗୃହନନଗରେ ଥିବା କମନ ମେନେଜର ଅଫିସଠାରେ ପ୍ରକାଶ୍ୟ ଡାକରେ ନିଲାମ ହୋଇଯିବ ଯେଉଁ ବ୍ୟକ୍ତିମାନଙ୍କର କିଣିବାର ଇଚ୍ଛା ଥିବ ସେମାନେ ଉକ୍ତ ନିରୂପିତ ଦିବସେ ନିର୍ଦ୍ଦିଷ୍ଟ ସମୟରେ ଉକ୍ତ କମନମେନେଜର ଅଫିସରେ ଉପସ୍ଥିତ ହୋଇ ନିଲାମ ଡାକ ଡକାଇ ପାରିବେ । ଯେଉଁ ବ୍ୟକ୍ତିଙ୍କର ନିଲାମରେ ଡାକ ସର୍ବୋଚ୍ଚ ହେବ ତାହା ଉଚିତ ବିବେଚନା ହେଲେ ତାଙ୍କଠାରୁ ଡକ୍ତି ଜରସମନ ଟଙ୍କାର ଚତୁର୍ଥାଂଶ ନଗଦ ଉପାର୍ଜିତ ସୂତ୍ରେ ନିଆଯିବ । ତତ୍ପର ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ଜଜ ସାହେବ ବାହାଦୁର ସେହି ମୂଲ୍ୟ ଉଚିତ ବିବେଚନା କରି ନିଲାମ ମଞ୍ଜୁର କଲେ ସେହି ବିକ୍ରୀତ ସମ୍ପତ୍ତି ମାଲିକମାନଙ୍କଦ୍ୱାରା ରେଜେଷ୍ଟ୍ରୀ କରାଇ ଦିଆଯାଇ ଅବଶିଷ୍ଟ ଜରସମନ ବାବତ ବାକି ଥିବା ବାରପଣି ଟଙ୍କା ନଗଦ ନିଆଯିବ । ନଚେତ୍ ସେହିପରି ଉପାର୍ଜିତ ହୋଇଥିବା ଏକଚତୁର୍ଥାଂଶ ଟଙ୍କା ବିନା ସୁଦରେ ଉପାର୍ଜିତକାରୀଙ୍କୁ ପ୍ରତ୍ୟାପଣ ଦିଆଯିବ ।

ତା ୭ । ୮ । ୧୯୦୫ ମସୀହା ।

ତପସିଲ ବିକ୍ରୟ ସମ୍ପତ୍ତି ।

| ମହାଲ ପ୍ରଗଣା ତହୁଜି ବା ନଂ: ନମ୍ବର | ମୌଜା ବା ଗ୍ରାମର ନାମ | [illegible] | [illegible] | ଯେଉଁ ବ୍ୟକ୍ତିଙ୍କ ନାମରେ ବନ୍ଦୋବସ୍ତ ହୋଇଅଛି | ଖସଡ଼ା ନମ୍ବର | ରକବା | ଚୌହଦୀ | ଜମା | ମନ୍ତବ୍ୟ । |
|---|---|---|---|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | ୧୬୩୭<br>୧୬୩୮<br>୧୬୩୯<br>୪୦ | ୦-୦୦୩୦<br>୧-୦୧୫୦<br>୦-୦୦୪୦<br>୦-୦୨୨୦ | [illegible] | [illegible] | ଉକ୍ତ ଜମିର ପଟ୍ଟାଲ ସହି ଓ ଏଥିରେ ଥିବା ଇତ୍ୟାଦି ଏକମହଲା ପକାକୋଠା ଏକ ବଗିଚା ଓ ଗୋଟିଏ ଅଦକାଠ ମଧ ଚୌକାଠ ଗୋ ୨ ଟା ଓ କୂଅ କୂପ ଗୋ୧ଟା ଓ ବାଉ ବିକ୍ରୟ ହେବ । |

Ch. J. R. Das.　　H. N. Ray.
ଅଂଶୀଦାର ଜମିଦାର　　C. Manager.

Split by PDF Splitter
Digitized by srujanika@gmail.com

ଅସ୍ମ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକ ମାନ କଟକ ଦର୍ଘାବଜାର ଫ୍ରେଣ୍ଡଂକମ୍ପାନୀଙ୍କ ଓ ଭୁକ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଢେଙ୍କାନାଲ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ଉକ୍ତସବୁ ସହାଣ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ଭି ଭେଲ୍ୟୁପେବଲର ପାର୍ଶଲରେ ବହି ନେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଜୀବନଚମ୍ପୂ (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ । ୬ |
| ସଙ୍ଗୀତସାଗର ପ୍ରଥମ ତରଙ୍ଗ | ଟ ୦ ⁄ |
| ଏଜନ ଦ୍ୱିତୀୟ ତରଙ୍ଗ | ଟ ୦ ⁄ |
| ଏଜନ ତୃତୀୟ ତରଙ୍ଗ | ଟ ୦ ⁄ |
| ଏଜନ ଚତୁର୍ଥ ତରଙ୍ଗ | ଟ ୦ ⁄ |
| ଏଜନ ପଞ୍ଚମ ତରଙ୍ଗ | ଟ ୦ ⁄ |
| ଏଜନ ଷଷ୍ଠ ତରଙ୍ଗ | ଟ ୦ ⁄ |
| ସଙ୍ଗୀତ ସର୍ବସାର | ଟ ⁄ |
| ରସଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ⁄ |
| ପାରିଜାତମାଲା (ଶ୍ରୀମତୀ ସୁଲକ୍ଷଣା ଦେବୀଙ୍କ କୃତ) | ଟ ୦ । |
| ନାଗାସ୍ତ୍ର ସଙ୍ଗୀତ | ଟ ୦ ⁄ |
| ବର୍ଷାକାଳ ବର୍ଣ୍ଣନା | ଟ ୦ ୧୯ |
| ସମରତରଙ୍ଗ | ଟ ୦ ⁄ |
| ବାଲ୍ୟଶିକ୍ଷା | ଟ ୦ । |

ଶ୍ରୀ ଦାମୋଦର ପଟ୍ଟନାୟକ

ଗବର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କବିରାଜ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତୈଳ ବ୍ୟବହାର କଲେ କେଶ ଦୃଢ଼, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ନରମ ହୁଏ, ମସ୍ତକର ରୁକ୍ଷ ବିନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ । ଅଧିକ, ମସ୍ତିଷ୍କ ଦୌର୍ବଲ୍ୟ ସ୍ନାୟବୀୟ ଦୁର୍ବଳତା ଜନିତ ମୁଣ୍ଡ ଘୁରା, ଚକ୍ଷୁଦାହ, ଦୃଷ୍ଟି ଦୌର୍ବଲ୍ୟ ଏ ସାଉଁର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ଫିତବୋତଲ ଟ ୧ ପାକଂ ଓ ଡାକମାସୁଲ ଟ ୦ ।⁄

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିୟାର ମହୌଷଧ । ଜନନେନ୍ଦ୍ରିୟ, ମୂତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ସନ୍ଧାଶ୍ରାବ ପୂଜ ଏବଂ କ୍ଷତ ପ୍ରଭୃତିର ପ୍ରଧାନ ଔଷଧ । ରୋଗୀ ସ୍ନେହ ଭିତି ନିଜକୁ ଆରୋଗ୍ୟ ଲାଭ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା ତଦ୍ରୂପ ଉପଯୁକ୍ତ ଔଷଧ ପଠାଯିବ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୨ ଡାକମାସୁଲ ଟ ୦ ⁄

# ଅଶୋକାରିଷ୍ଟ ।

ସବୁ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁଅନିୟମ ପେଟର ବେଦନା, ଗର୍ଭଗ୍ରହଣର ଅକ୍ଷମତା, ପ୍ରସବକାଳରେ ସନ୍ତାନ ରୋଗର ଆଶଙ୍କା ଦୂରୀଭୂତ କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୨ ଡାକ ମାସୁଲ ଟ ୦ ।⁄

ଅମୃତ ବଲ୍ଲୀ କଷାୟ ।

ପାରଦକ୍ଷତ ନାଶକ ଓ ଉପଦଂଶର ଫଳପ୍ରଦ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧୨ ଡାକମାସୁଲ ଟ ୦ ⁄

ଶୋଣିତ ଶୋଧକ ।

ବାତ ରକ୍ତ ଓ କୁଷ୍ଠ ରୋଗର ଅଶୁ ଦୂରକାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ କୁତ୍ସିତ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଦୁଇ କୌଟା ବଟିକା ଟ ୪ ଡାକମାସୁଲ ପ୍ରଭୃତି ଟ ୦ ⁄

# ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲ ଟ ୦ ⁄

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ
କଟକର ଏକମାତ୍ର ଏଜେଣ୍ଟ:
ବାଲୁବଜାର, ଚାନ୍ଦିନୀଚୌକ, କଟକ
ଅଥବା ନଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋୟରଚିତପୁର ରୋଡ଼
କଲିକତା

# ବିଜ୍ଞାପନ ।



## ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ପେଟେଣ୍ଟ ବ୍ୟାପିତ

# ସର୍ବଜ୍ୱର ଗଜସିଂହ ।

୩ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୨ ମଧ୍ୟମ ଟ ୧୧ ଛୋଟ ଟ ୦ ⁄ ଡାକମାସୁଲ ୧ଠାରୁ ୨ ଶିଶି ଟ ୦ ⁄

# କଣ୍ଡୁ ଦାବାନଳ ।

ଖାଲୁ ଆଦି ଚର୍ମରୋଗ ବିନା କ୍ଲେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।⁄ ଡାକମାସୁଲ ୧ଠାରୁ ୨ ଶିଶି ଟ ୦ ⁄

# ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଦାଦୁ ଆଦି ଚର୍ମରୋଗ ବିନା କଷ୍ଟରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।⁄ ଡାକମାସୁଲ ୧ଠାରୁ ୨ ଶିଶି ଟ ୦ ⁄

ଏହି ନକଲ ହୋଇଅଛି ସରବତାର ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଟ୍ରେଡମାର୍କ ଦେଖି ଖରିଦ କରିବେ । ଏହା ସକଳ ଡାକ୍ତର ଖାନା ଦୋକାନରେ ପାଇବେ ନ ପାଇଲେ ମୂଲ୍ୟର ସେ କୌଣସି ଷ୍ଟାମ୍ପକୁ ସେ ହେତୁ ବ୍ୟକ୍ତି ସ୍ୱୀକାରରେ ପତ୍ର ଲେଖିଲେ ଭି, ପି, ପାର୍ଶଲରେ ପଠାଇବୁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନହେଲେ ମୂଲ୍ୟ ଫେରତ ଦେବୁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଶାରଦାପ୍ରସାଦ ବନ-ରଞ୍ଜନ ଠାରେ ମିଳିବ ।

Lal Mohan Saha Sankhanidhi
Baburbazar, Dacca,

ଉପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପରନ୍ତୁ ସ୍ଥଳ ଭିନ୍ନ ଭେଲୁପେବଲ ପାର୍ଶଲରେ କାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ରିପ୍ଲାଇପେଡ଼ ପୋଷ୍ଟକାର୍ଡ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

ଉପଦବନ୍ଧୁ ଔଷଧାଳୟ
ଚଉଧୁରୀବଜାର, କଟକ
୩୦।୫।୧୯୦୪

ଶ୍ରୀ ବାଲକୃଷ୍ଣଦାସ
କବିରାଜ
ଶ୍ରୀ ରାମକୃଷ୍ଣ ମିଶ୍ର

IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is a safe and reliable remedy.

Batliwalla & Co's Cholerol, specific- tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the Trade.

Split by PDF Splitter
Digitized by srujanika@gmail.com

# ନବରତ୍ନ ।



ଏହାଁ ବହୁସଦ୍ଗୁଣଯୁକ୍ତ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଅତ୍ୟୁକ୍ତ ଅନାବଶ୍ୟକ ।

୧ । ଶ୍ୱାସକାଶ ବଟିକା—ତ୍ରିକାଳରେ ଅବ୍ୟର୍ଥ । ଏହାଦ୍ୱାରା ପାଳ, ଏକୁଅ, କଫ, ଦେହ ଓ ଜୀର୍ଣ୍ଣଜ୍ୱର, ପ୍ଳୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ସୁପ୍ତଜ୍ୱର ଓ ପାଳିଜ୍ୱର, ସ୍ୱଳ୍ପଦିନମଧ୍ୟରେ ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—ନ ୧ ଶିଶି ଜଡ଼ା ( ୧୫ ବଟିକା ) ଟ ୦ ।୵ ନ ୨ ଶିଶି ଜଡ଼ା ( ୩୦ ବଟିକା ) ଟ ।୵ । ନ ୩ ଶିଶି ଜଡ଼ା ( ୫୦ ବଟିକା ) ଟ ।୵ ।

୨ । ବଦ୍ଧ୍ରାଜ ବଟିକା—ଏହା ହାଗିଅ, ଦିନ୍ଦ୍ର, ଝାଡ଼ା ବା ବଗରାଗୁ ଓ ଅର୍ଶରୋଗରୁ ଉତ୍ପନ୍ନ ସର୍ବପ୍ରକାର ଝାଡ଼ାର ପରୀକ୍ଷିତ ଓ ଅମୋଘ, ଝାଡ଼ା ଯନ୍ତ୍ରଣା ଶୂନ୍ୟ, ଅସ୍ୱାଭାବିକ ଓ ସ୍ଥାୟୀ ଔଷଧ । ଏଥିରେ ସେବନ ଅରେ ସମ୍ପୂର୍ଣ୍ଣ ଭଲ ହେଲେ ପଥ୍ୟାଦି ହୁଏ ନାହିଁ । ମୂଲ୍ୟ—୧ ଡବା ଟ ୦ । ଡାକ ଟ ୨୵

୩ । କଣ୍ଡୂହାଳାହଳ—ଏଥିରେ ଖାଜୁ କୁଣ୍ଡିଆ ପ୍ରଭୃତି ଚର୍ମରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ ଖାଜୁରେ ଥିବା ବୀଜାଣୁଗଣ ଅବଲମ୍ବେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତିଡବା ଟ ୦ ।, ପ୍ରତି ଡାକ ଟ ୵ ।

୪ । ଶିରଃଶୂଳାନ୍ତକ—ଏଥିରେ ସର୍ବପ୍ରକାର ଶିରଃ ପୀଡ଼ା; ଭମି, ଧୋଗାବର ବା ପ୍ରଭୃତି ଦୁଷ୍ଟଗତ ଅତି ସହଜରେ ଓ ଅଳ୍ପ ସମୟରେ ଆରୋଗ୍ୟ ହୁଏ । ଦିନମାନଙ୍କର ଛୋଟିକା ଚିଳି ବା ବଡ଼ଛୁ ବା ବଳାଁ ସୀ ଓ ଉଙ୍ଗ ସା ଉପରେ ମର୍ଦ୍ଦନ କରେ । ମୂଲ୍ୟ—ପ୍ରତି ଡବା ଟ ୦ । ଓ ଡାକ ଟ ୵

୫ । ଶୂଳଗଜାଙ୍କୁଶ—ଏଥିରେ କାମ୍ଳଶୂଳ, ଉଦର ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ ବୋଗ୍ଦାବ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଡବା ଟ ୵; ପ୍ରତି ଡାକ ଟ ୧୵ ଲା

୬ । ପ୍ରମେହଗୁଣ୍ଡୀ—ଶୌଚକର ପ୍ରଥମାବସ୍ଥାରେ ପ୍ରମେହରୋଗ ଏକାନ୍ତ ଉପଶମକ । ଏହା ଦଣ୍ଡେକ ଅନ୍ତମାସ ବଳେ ବଳବୀର୍ଯ୍ୟ ସୁଧା ଅନ୍ତରୂପ ପର୍ଯ୍ୟନ୍ତ କରେ ଏବଂ ସ୍ୱଳ୍ପ ଦିନରେ ଉତ୍ତମ ଫଳଦାୟକ ଏକ ମାତ୍ର ଔଷଧ ପ୍ରମେହଗୁଣ୍ଡୀ । ଏଥିରେ ସେବନ ବିଷ ସମ୍ପୂର୍ଣ୍ଣ ନଷ୍ଟ ହୁଏ ଓ ଦ ୪ ଘଣ୍ଟା ମଧ୍ୟରେ ଜ୍ୱାଳା ନଷ୍ଟ ହୁଏ । ଏହା ସେବନ ଶରୀରରେ ଉଜ୍ଜ୍ୱଳତା ଓ ଶକ୍ତି ଆଣିଦିଏ ଓ ଦେହ ଶକ୍ତି ବଢ଼ାଏ । ମୂଲ୍ୟ—ପ୍ରତିଡବା ଟ ୧; ପ୍ରତିଡାକ ଟ ।୵ ଲା

୭ । ଲକ୍ଷ୍ମୀବିଳାସ ତୈଳ—ଏହା ନୂତନ ଓ ପୁରାତନ ସର୍ବପ୍ରକାର ବାତରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ ପ୍ରତି ଶିଶି—ଟ ୦ ।୵; ଡାକଖର୍ଚ୍ଚ ଟ ।୵ ଲା

୮ । ଅମୃତରସ—ଯେପରି ନାମ ସେହିପରି ଗୁଣ ହଳଦିଆ ଓ ଉଷ୍ଣତା ସେବନ ଅତ୍ୟନ୍ତ ଅସ୍ୱାଭାବିକ ଔଷଧ । ଅତ୍ୟନ୍ତ ମଧ୍ୟ ଏଥିରେ ଅମଳ୍ଳା, ଜୀର୍ଣ୍ଣଜ୍ୱର ପାଣ୍ଡୁ ରୋଗ, କାଶ, ଅତିସାର, ଇତ୍ୟାଦି ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ଟ ୦ ଓ ଡାକ ଟ ୫ ଲା

୯ । ଭାସ୍କର ତୈଳ—ଏହା ଶିରଃପୀଡ଼ା, ଅର୍ଦ୍ଧାଙ୍ଗ ଅମ୍ଳବାତ ଓ ଅସାର ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ଟ ୦୵, ଡାକ ଶିଶି ଟ ୫( ଲା

ଜ୍ୱରରୋଗ ବ୍ୟତୀତ ଅନ୍ୟ ଯଥିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | |
|---|---|---|---|
| ପିପଳି ଓ ଅର୍କ ପ୍ରତି ଶିଶି | ଟ ୦୵ | ଡାକଖର୍ଚ୍ଚ | ଟ ୫( |
| ପାଚନଚୂର୍ଣ୍ଣ ଅର୍କ | ଟ ୦୵ | " | ଟ ୫( |
| ଅମୃତାଦି ପାଚନ | ଟ ୧୵ | " | ଟ ୧୫( |
| ମାଳତୀକୁସୁମ ତୈଳ | ଟ ୦୵ | " | ଟ ୭( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାକରଣ ଦାସ ବାଲେଶ୍ୱର

## ବିଜ୍ଞାପନ ।

# ସଞ୍ଜୀବନୀ ବଟିକା ।

ମାସୁଲ ଟ ୦ ।୵

ଉନ୍ମାଦରୋଗର ମହୌଷଧ ସେବନରେ ପେଟ ଫାମ୍ପିବା ପେଟ କନ୍‌କନ୍ କରିବା ଓ ଶୂଳ ଇତ୍ୟାଦି ଦୂର ହୋଇ ଉନ୍ମାଦ ଶୀଘ୍ର ଆରୋଗ୍ୟ ହୁଏ ।

ଶ୍ୱେତପ୍ରଦର ବା ସ୍ୱପ୍ନମେହ । **ସୁଧାନିଧି** ଅମୋଘ ଔଷଧ

ସେବନରେ ପୁଂସ ଶକ୍ତି ପ୍ରଭାବରେ ଜ୍ୱାଳା ଯନ୍ତ୍ରଣା ଆଦି ଉପଦ୍ରବ ଶାନ୍ତ ହୁଏ, ଶୀଘ୍ର ଶ୍ୱେତପ୍ରଦର ବା ସ୍ୱପ୍ନମେହ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୁଏ, ଦ ୩୵ ନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାକେଟର ଟ ୧୵ ଲା ଭି, ପି, ଟ ୦ ।୵ ।

# ସର୍ବଘୃତାନ୍ତକମଲମ

( ପାରଦାଦ ଦୂଷିତଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟାର ଟ ୧ ଲା ଭି, ପି ଟ ୦ ।୵

କଠିନ ଉପଦଂଶ ବ୍ରଣ ଓ ସର୍ବବିଧ କ୍ଷତ ଶୀଘ୍ର ଆରୋଗ୍ୟ ହୁଏ ।

# କାମକଳ୍ପତରୁ

# ରସାୟନ ।

ଏହା ସେବନରେ ଶରୀର ସତେଜ, ସୁନ୍ଦର ଦେହ ଶାନ୍ତ, ସୁନ୍ଦର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ କୃଶ ଦୁର୍ବଳ ଶରୀର ସ୍ଥୂଳ ( ମୋଟା ) ଓ ବଳିଷ୍ଠ ହୁଏ । ସାପ୍ତାହିକରେ ସେବନ କଲେ ଅଲୌକିକ ଶକ୍ତି ଓ ଚମତ୍କାର ଦୃଷ୍ଟାନ୍ତ ଗୁଣ ଅନୁଭବ କରିବ ! ! ! ମୂଲ୍ୟ ଏକ ଡବାର ଟ ୧୯ ଲା ଭି: ପି: ମାସୁଲ ଟ ୦ ।୵ ।

ଶ୍ରୀ ଭବାନୀପ୍ରସାଦ ଭବଭଞ୍ଜନ

ହିମ୍ମତ, ବୈଦ୍ୟ ୬ କାଶୀଧାମ

## ବିଜ୍ଞାପନ ।

ପ୍ରଜାବନ୍ଧୁ ।

ଉତ୍କଳର ପ୍ରାନ୍ତରେ ସ୍ଥାପିତ, ସର୍ବଜନ ପ୍ରଶଂସିତ ପ୍ରଜାବନ୍ଧୁ ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ଚତୁର୍ଥ ବର୍ଷ ଅତିକ୍ରମ କରି ଏବେ ପଞ୍ଚମ ବର୍ଷରେ ପଦାର୍ପଣ କରିଅଛି । ଗ୍ରାହକଙ୍କ ଉତ୍ସାହରେ ଏହାର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତିଶୀଳ ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକସଂଖ୍ୟା ନମୁନା ପଠାଯିବ । ଅଗ୍ରିମ ବାର୍ଷିକମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର ଓ ଡାକମାସୁଲ ନାହିଁ । ପଶ୍ଚାତ୍ ଦେୟ ବାର୍ଷିକ ମୂଲ୍ୟ ଦୁଇଟଙ୍କା, ଷଣ୍ମାସିକ ମୂଲ୍ୟ ଏକ ଟଙ୍କା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ ।

# ଦେଖନ୍ତୁ ! ଦେଖନ୍ତୁ ! ! ଦେଖନ୍ତୁ ! ! !

ଉତ୍ତମ ଔଷଧ, ଅକାଳବାର୍ଦ୍ଧକ୍ୟ, ଇତ୍ୟାଦି, ସର୍ବଶ୍ରେଷ୍ଠ ଟ ୩ ; ଉତ୍କୃଷ୍ଟ ଔଷଧ ଟ ୩ ; ଦେଉଳବନ୍ଦ ଲେଖକଙ୍କ ଔଷଧ ଟ ୪ । ; ଟ ୩ ଓ ଟ ୧ ; କୋରକଣ୍ଟକ ଔଷଧ ଟ ୮ ; ଏକଲ ରୌପ୍ୟ ଉଡ଼ି ଟ ୧୩ ଓ ୧୫; ଜର୍ମାନ ଘଡ଼ି ଟ ୧୧; ଇ, ଦ, ଟ ୩ ; "ଏକଗୋଟି" ଔଷଧ ଟ ୩ ୧୪; ଭାଲ ଘଡ଼ି ଓ ଅଧଚଣ୍ଡା ବାଜିବା) ୮ ଓ ଟ ୭ ଲା । ପ୍ରତ୍ୟେକ ଔଷଧର ଲେବେଲ ଦେଖି ପାଇ ଓ ମାସୁଲ ସ୍ୱତନ୍ତ୍ର ଲାଗେ । ଭି, ପି, ନାହିଁ ।

ଅଭିଜ୍ଞତାର ଫଳ' ଉଷଧ (୧) 'ସଳଷ୍ଟୀ', ଚ୍ଛକ୍ରାନ୍ତ, ଅଣ୍ଡ ଓ ଚିରିବାର ଉପଦ୍ରବ ପ୍ରଭୃତି ଗୁପ୍ତ ପ୍ରଭାବ ସେବକ ଓ ଶୁକ୍ରକ୍ଷୟ ଆରୋଗ୍ୟ ଅତି ଶୀଘ୍ର ଆରୋଗ୍ୟ କରେ । (୨) "କୁଲହ" ଏ ସର୍ବପ୍ରକାର ଗା, ଖଡ଼, ଦାଦ ଏକମାତ୍ର ଔଷଧ । (୩) "ଅମୃତ" ଏ ସର୍ବପ୍ରକାର ଅର୍ଶ, ଅର୍ଦ୍ଧମାତ୍ରାର ମହୌଷଧ । ପ୍ରତ୍ୟେକର ମୂଲ୍ୟ ୧ ଲା ମାତ୍ର । ମାସୁଲ ଟ ୦ ।୵ ଅଣା ଅଧିକ ପ୍ରତ୍ୟେକ ପ୍ରାର୍ଥନୀୟ ।

ମେଲ ଷ୍ଟୋର, ପୋଂ ନ ୯୯, ଜଗମୋହନ ଷ୍ଟ୍ରିଟ, ଶ୍ୟାମବଜାର କଲିକତା

# ଉପନିଷତ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତୈତ୍ତିରୀୟ, କେନ, ଛାନ୍ଦୋଗ୍ୟ, ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଉପନିଷତ୍ ସମୂହ ମୂଳ ସଂସ୍କୃତ ମୂଳସହିତରୁ ଶ୍ରୀ ପଣ୍ଡିତ ମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦ ମୂଲ୍ୟ ଟ ୦ ୫ ଡାକମାସୁଲ ଟ ୦ ୵ ଇତ୍ୟାଦି ପ୍ରେସ ଗ୍ରନ୍ଥମାଳାଙ୍କ ପୁସ୍ତକ ଦୋକାନରେ ମିଳେ ।

# ହରିବଂଶ

# ମହାଭାରତାନ୍ତର୍ଗତ

# ଖିଲ ହରିବଂଶ ପର୍ବ

ଅଭ ଛାପାହୋଇ ପ୍ରସ୍ତୁତ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କଦ୍ୱାରା ଭାରତୀୟ ଛନ୍ଦରେ ଅନୁବାଦିତ ମୂଲ୍ୟ ପ୍ରତିଖଣ୍ଡ ଟ ୧ ଲା ଡାକମାସୁଲ ସ୍ୱତନ୍ତ୍ର

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି



Digitized by srujanika@gmail.com

Split by PDF Splitter

REGISTERED No. C 81

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖଣ୍ଡ ୪୦ ଶ | CUTTACK, SATURDAY THE 19th August 1905. | ଅଗଷ୍ଟ ୧୯
ସଂ ୩୩ ସଂଖ୍ୟା | ଭାଦ୍ର ୪ ଶୁଦ୍ଧ ସନ ୧୩୧୨ ସାଲ ଶନିବାର | ସପ୍ତାହେଦିନ ୧୯

ସହର କଟକ ଚଉଧୁରୀବଜାର ଶ୍ରୀ ଶଂକରକଣ୍ଠ ଚନ୍ଦ୍ରଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ୮୦ ।/ ଓ ଅର୍ଦ୍ଧସ୍ତମ୍ଭକୁ ୮ ୨୯ ପୂର୍ଣ୍ଣ ଏକ ସ୍ତମ୍ଭକୁ ୮୩୯ ମାତ୍ର ଦେଇଁଣବି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ୮୦ ୮ ଣାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

# NOTICE.

WANTED a Head Clerk for the Nayagarh Government Agency office on a salary of Rs. 30 per mensem. Applications with copies of testimonials will be received up to 22nd instant. None need apply who has not passed the F. A. Examination, and has not experience in office work.

Nayagarh 7-8-1905 } Gour Shyam Mahanty
*Government Agent*
NAYAGARH STATE

## ADVERTISEMENT.

Wanted a Head Master for the Soro M. E. School with Salary Rs. 20 per month, lodging free having prospect of tuitions. None need apply who has not passed the Entrance Examination and has no experience in that line. Apply sharp.

Dated, Balasore, The 6th August 1905 } A. L. Chakrabutty
*Secretary to the M. E. School*
Soro, Dist. Balasore

# ବିଜ୍ଞାପନ ।

## କମ୍ପାଉଣ୍ଡର ଆବଶ୍ୟକ ।

ଏଠା ଡାକ୍ତରଖାନା ପାଇଁ ଜଣେ ଅଭିଜ୍ଞ କମ୍ପାଉଣ୍ଡର ଆବଶ୍ୟକ । ମାସିକ ବେତନ ୮ ୭ ସାତଟଙ୍କା । ଡାକଘର କାମ ଚଳାଇବା ଲାଗି ଇଂରାଜୀ ଜ୍ଞାନ ଥିଲେ ମାସିକ ୮୫ ଟ୍ଟ ଭତ୍ତା ମିଳିବ । ଏହି ମାସ ଶେଷ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ।

Manager's Office Pal Lahara. 11-8-1905 } ଶ୍ରୀ ଶ୍ୟାମସୁନ୍ଦର ନନ୍ଦ
ମେନେଜର

## ଅନୁବାଦକ ଆବଶ୍ୟକ ।

ସଂସ୍କୃତ ଭାଷାରୁ ଉତ୍କଳ ଭାଷାର ଗଦ୍ୟରେ ମହାଭାରତ ଅନୁବାଦିତ ହେବ । ସୁଦକ୍ଷ ପ୍ରସିଦ୍ଧ ଅନୁବାଦକର ଆବଶ୍ୟକ—ସେପ୍ଟେମ୍ବରମାସ ତା ୧୫ ରିଖ ପର୍ଯ୍ୟନ୍ତ ଆବେଦନ ଗୃହୀତ ହେବ । ପରୀକ୍ଷକ କାର୍ଯ୍ୟ କଲା ପରେ କାର୍ଯ୍ୟ ମନୋମତ ନ ହେଲେ ଅପସୃତ ହେବେ । ମାସିକ ବେତନ ୮ ୧୫ ରୁ ଓ ୮ ୨୦ ଙ୍କା ଯାଏ ।

୧୭ । ୮ । ୦୫ } ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମ୍ମା
ମୟୂରଭଞ୍ଜାଧିପତିଙ୍କର ପଣ୍ଡିତ ।

## ମୋହରର ଓ କ୍ଲର୍କ ଆବଶ୍ୟକ ।

ଅନୁଗୁଳ ଜିଲ୍ଲା ମହାଫିଜଖାନାର କାଗଜ ସଜଡ଼ା ଦିବା ନିମନ୍ତେ ଲିଖିତ ମତେ ମା ୬ ସ ପ୍ରକାଶେ ଠିକା ମୋହରର ଓ କ୍ଲର୍କ ଆବଶ୍ୟକ । ଆବେଦନପତ୍ରମାନ ସାର୍ଟିଫିକେଟ ସହିତ ଚଳିତ ଅଗଷ୍ଟମାସ ତା ୨୫ ରିଖ ସୁଦ୍ଧା ଗ୍ରହଣ ହେବ । ଆବେଦନକାରୀମାନେ ସେମାନଙ୍କର ବୟସ ଓ ଯୋଗ୍ୟତା ଆବେଦନ ପତ୍ରରେ ଉଲ୍ଲେଖ କରିବେ ।

ମୋହରର ୨ ୧୦ ଣ ମାସିକ ୮ ୧୫ ଙ୍କା ବେତନ
କ୍ଲର୍କ ୨ ୩ ଣ „ ୮ ୨୦ ଙ୍କା „
କ୍ଲର୍କ ୨ ୧ ଣ „ ୮୩୦ଙ୍କା „ (କେବଳ ଗ୍ରାଜୁଏଟମାନଙ୍କ ଅପେକ୍ଷା ପ୍ରକାଶେ )

E. Mc. L. Smith
*Deputy Commissioner,*
ANGUL.

ପୁରୀ ସହରରେ ଓଲାଉଠାରୋଗ ବିଶେଷ ପ୍ରବଳ ହେବାରୁ ଉତ୍ତକ୍ତରେ ସେଠାରେ ସାଧାରଣ ମାଛ ଓ ପାଚିଲା ଫଳ ବିକ୍ରୀ ମାତ୍ର ମାନ ଅସାଧାରଣ ରୂପେ, ଅଧିକ ହୋଇଥିବାର ଦେଖାଯାଏ ଏବଂ ସେମାନଙ୍କଦ୍ୱାରା ଓଲାଉଠା ରୋଗ, ସ୍ଥାନାନ୍ତରକୁ ଗତ ହୋଇ ବେଶ ବୃଦ୍ଧି ହୋଇଥିବାର ବିଶେଷ ସମ୍ଭବ, ଏ ନଗରରେ ମଧ୍ୟ ଓଲାଉଠା ରୋଗ ଆରମ୍ଭ ହୋଇ ଅଛି, ଏବଂ ଏଠାରେ ଶୁଖୁଆ ସାଧାରଣ ମାଛ ଓ ପାଚିଲା ଫଳ ବିକ୍ରୀ : ମାଛମାନ ଅଧିକ ହୋଇଥିବାର ଦେଖାଯାଏ ଅତଏବ ସର୍ବସାଧାରଣଙ୍କୁ ଉଦ୍ଧାରା ସାବଧାନ କରାଯାଉ ଦିଆଯାଉଅଛି ଯେ, ସେମାନେ ଉପରୋକ୍ତ ମାଛ ବଗିଚାର ଦ୍ରବ୍ୟମାନ ଖାଇବେ ନାହିଁ କିମ୍ବା ବଜାରର ଦୋକାନରୁ କିଣିବେ ନାହିଁ ଏବଂ ଏ ନଗରର ଗୁଡ଼ଆ ଓ ଅନ୍ୟାନ୍ୟ ଦୋକାନଦାରମାନଙ୍କୁ, ଜାଣତ କରି ଦିଆଯାଉଅଛି ଯେ, ସେମାନେ ରାସ୍ତାସମୟରେ ଦୋକାନ ଖୋଲି ରାଖନ୍ତୁ ମ.ନ ଦିନବେଳେ ଦୋକାନର ସମସ୍ତ ଦ୍ରବ୍ୟମାନ ଘୋଡ଼ାଇ ରଖିବେ ଯେମନ୍ତ କି ମାଛି ବସି ଖାଦ୍ୟ ଦ୍ରବ୍ୟମାନ ଖରାପ ନ କରେ ।

୧୪।୮।୧୯୦୫ } Ram Sankar Roy.
Chairman.

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ!

# ଆରବ୍ୟକୁସୁମ

ବା

## ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ।

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ଗ୍ରାହକମାନଙ୍କ ସୁବିଧାର୍ଥେ ଖଣ୍ଡ ଖଣ୍ଡ ହୋଇ ପ୍ରକାଶିତ ହେଉଅଛି ।

୧ ମ ଖଣ୍ଡର ମୂଲ୍ୟ ୮ ୦ । ଡାକମାସୁଲ ୮ ୦ ୬

ଏପରି ପୁସ୍ତକ ଓଡ଼ିଆଭାଷାରେ ଏହି ପ୍ରଥମ । ଗଳ୍ପଗୁଡ଼ିକ ଯେପରି ମନୋହର ସେହିପରି ଶିକ୍ଷାପ୍ରଦ, ଥରେ ଆରମ୍ଭ କଲେ ଶେଷ ନ କରି ରହିପାରିବେ ନାହିଁ । ଏହା ବାଳକ, ବାଳିକା, ସ୍ତ୍ରୀ, ପୁରୁଷ, ବୃଦ୍ଧ ଯୁବା ସମସ୍ତଙ୍କର ପାଠ୍ୟ । ୨ୟ ଖଣ୍ଡ ଶୀଘ୍ର ପ୍ରକାଶିତ ହେବ ।

କଟକ ଶ୍ରୀ ଶଂକରକଣ୍ଠଙ୍କ ପୁସ୍ତକଦୋକାନରେ ଓ, ପୁରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ

Digitized by srujanika@gmail.com

ମୌସୁମୀ ବୃଷ୍ଟି ଅତ୍ୟନ୍ତ ଦୁର୍ବଳ ଥିଲା ଏବଂ କେବଳ ବରମା ଓ ବଙ୍ଗର ଉପକୂଳ ବିଭାଗମାନ ଏବଂ ଦରଭଙ୍ଗା, ବର୍ଦ୍ଧମାନ ଓ ଅହମଦାବାଦ ସବଡିଭିଜନମାନଙ୍କରେ ସାଧାରଣ ପରିମାଣରୁ କିଛି ଅଧିକ ହୋଇଥିଲା । ଅଳ୍ପ ବୃଷ୍ଟି ହେଲୁ ପ୍ରାୟ ସର୍ବତ୍ର ଶସ୍ୟାଦିର ମୂଲ୍ୟ ବଢ଼ିବାରେ ଅଛି ।

---

କଲିକତାର ଜମିଦାର ଓ ମହାଜନ ବାବୁ ଜୟଗୋବିନ୍ଦ ଲାହା ସି, ଆଇ, ଇ, ବାର୍ଷିକ ଶତକିଆ ସୁଦର ଏକଲକ୍ଷ ଟଙ୍କା ମୂଲ୍ୟର ମିଉନିସିପାଲ ଡିବେଞ୍ଚର ( କମ୍ପାନି କାଗଜ ) ସଦାବ୍ରତ ନିମନ୍ତେ ସରକାରୀ ଦାତବ୍ୟ ପାଣ୍ଠିର କୋଷାଧ୍ୟକ୍ଷଙ୍କ ନିକଟରେ ଜମା କରିଅଛନ୍ତି ଯେ ସେହି ଟଙ୍କାର ସୁଦରେ ଯାହା ଆୟ ହେବ ତାହା ବଙ୍ଗ ବିହାର ଏବଂ ଓଡ଼ିଶାର କୌଣସି ଅଂଶର ଦରିଦ୍ର ବ୍ୟକ୍ତିଙ୍କୁ ସାହାଯ୍ୟ ଦାନରେ ବିଶେଷତଃ ବୃଦ୍ଧ ଏବଂ ଅକ୍ଷମ ବ୍ୟକ୍ତିଙ୍କର ଅନ୍ନ ବସ୍ତ୍ରରେ ବ୍ୟୟ ହେବ । ମାନ୍ୟବର ବଙ୍ଗେଶ୍ୱର ଏଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

---

ଏଥର ଶ୍ରାବଣ ପୂର୍ଣ୍ଣିମା ଗତ ସୋମବାର ଦ ୮ ଘଠାରୁ ମଙ୍ଗଳବାର ଦ ୫ ଘ ପର୍ଯ୍ୟନ୍ତ ପଡ଼ିବାରୁ କେତେକ ପର୍ବମାନ ଦୁଇ ଦିନ ସ୍ୱତନ୍ତ୍ରରେ ହୋଇଥିଲା । ବଳଭଦ୍ର ପୂଜା ସୋମବାର ଥିଲା ଏବଂ ସେହି ଦିନ ଉତ୍କଳ ବ୍ରାହ୍ମଣମାନେ ରକ୍ଷି ବାନ୍ଧି ବୁଲିଥିଲେ । ମାତ୍ର ବଙ୍ଗୀୟ ବ୍ରାହ୍ମଣମାନେ ମଙ୍ଗଳବାର ରକ୍ଷି ବାନ୍ଧିଥିଲେ ଏବଂ ଏ ନଗରର ସକଳମଣ୍ଡପରେ ଝୁଲଣ ଯାତ୍ରା ସେହି ଦିନ ବନ୍ଦ ହୋଇଥିଲା । ଝୁଲଣଯାତ୍ରା ଦ ୬ ଦ ଆଦୌ ବୃଷ୍ଟି ନ ଥିଲା ଏବଂ ଆକାଶ ନିର୍ମଳ ଥିବାରୁ ଯାତ୍ରିମାନଙ୍କର ବୁଲି ଦେଖିବାର ବଡ଼ ସୁଯୋଗ ଘଟିଥିଲା । କେବଳ ଓଡ଼ିଆବଜାରରୁ ଅଧିକ ରାତ୍ରି ପର୍ଯ୍ୟନ୍ତ ଯାତ୍ରୀଙ୍କର ବୁଲା ବୁଲି ନ ଥିଲା ।

---

ଶ୍ରାବଣ ମାସ ଶେଷ ହୋଇଗଲା । ଏପର୍ଯ୍ୟନ୍ତ ଭଲ ବୃଷ୍ଟି ହେଲା ନାହିଁ । ଏ ନଗରର ଖାଲ ଯୋଡ଼ିଏ ସମସ୍ତ ଶୁଖିଲା ପଡ଼ିଅଛି ଏବଂ କାଠଯୋଡ଼ୀ ନଦୀରେ ଲୋକେ ପାଦେ ଯାଉଅଛନ୍ତି । ଦ ୮।୧୦ ଦିନୁ ଖରା ଏମନ୍ତ ତାତି ଦେଉଅଛି ଯେ ବାଟରେ ଧୂଳି ଉଡ଼ୁଅଛି । ବର୍ଷା ଅନ୍ତେ ଭାଦ୍ରବ ମାସରେ ଏପରି ତାତି ଖରା ଅସାମୟିକ ନୁହେ, ମାତ୍ର ଦୁଇରୁ ଭଲ ବୃଷ୍ଟି ହୋଇ ନ ଥିବାରୁ ଅସହ୍ୟ ବୋଧ ହେଉଅଛି ଏବଂ ମେଘ ଛାଡ଼ି ଯିବାର ଆଶଙ୍କା ହେଉଅଛି । ଧାନ୍ୟାଦି ଶସ୍ୟର ଦର କ୍ରମେ ଚଢ଼ିଅଛି ଏବଂ ଜଳ ଅଭାବରେ ପାନ ପରିବା ଭଙ୍ଗା ପଡ଼ୁଅଛି । ଏଥିପାଇଁ ଲୋକଙ୍କର ଭାବନା ହେଉଅଛି । ଏଥିରୁ ଈଶ୍ୱର ଯେ ରକ୍ଷା କରିବେ ।

---

ସମ୍ବଲପୁର ହିତୈଷିଣୀର ଏକ ପ୍ରେରିତପତ୍ରରୁ ପ୍ରକାଶ ଯେ ବରଗଡ଼ ଏଲାକା ଲୁଡ଼େଷିଙ୍ଗ ଗ୍ରାମରେ ଗୋଟିଏ ବ୍ରାହ୍ମଣ ସମିତି ଅଛି । ସମିତିର ସଭାପତି ବଟ୍ଟଭଦ୍ର ନାମକ ଏକ ବ୍ୟକ୍ତି କେହି ନୀଚଜାତୀୟା ସ୍ତ୍ରୀ ସଂସର୍ଗରେ ଥିବାର ଏକ ପକ୍ଷ ପାଇ ତାହା ସଭାରେ ପ୍ରଚାର କରି ଭଦ୍ରଙ୍କୁ ସମାଜଚ୍ୟୁତ କଲେ । ଭଦ୍ରେ ସେ ବୃତ୍ତାନ୍ତ ଶୁଣି ସଭାପତି ଏବଂ ପତ୍ରଲେଖକଙ୍କ ନାମରେ ଦଣ୍ଡବିଧିର ଧା ୫୦୦ ର ଅନୁସାରେ ଦୁର୍ନାମ ରଟନା ଅଭିଯୋଗରେ ନାଲିସ କଲେ । ବିଚାରରେ ଆସାମିମାନଙ୍କ ଉପରେ ଟ ୭୫ ଲେଖା ଅର୍ଥଦଣ୍ଡ ହୋଇ ଅପିଲରେ ତାହା ବାହାଲ ହୋଇଅଛି । ସବୁ ସମିତିର ସଭ୍ୟମାନେ ଏଥିରୁ ଉପଯୁକ୍ତ ଶିକ୍ଷା ଲାଭ କରିବେ ।

---

ଏଣ୍ଟ୍ରାନସ୍ ପ୍ରଭୃତି ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ ପ୍ରସ୍ତୁତ କରିବା କାରଣ କଲିକତା ବିଶ୍ୱବିଦ୍ୟାଳୟର ଗୋଟିଏ କମିଟୀ ବସିଅଛି । କମିଟୀ ଏଣ୍ଟ୍ରାନସ ପରୀକ୍ଷାର ସାହିତ୍ୟର ଅଙ୍କ ଶତକଡ଼ା ୩୩ ଠାରୁ ୩୬ କୁ ବଢ଼ାଇଦେବା ଏବଂ ଶିକ୍ଷକମାନେ ପଢ଼ି ନ ଥିବା ପୁସ୍ତକମାନଙ୍କରୁ ଅଧିକାଂଶ ପ୍ରଶ୍ନ ଦିଆଯିବାର ନିୟମ କରିଅଛନ୍ତି ବୋଲି ଶୁଣାଯାଏ । ଗଣିତର ଅଙ୍କ ମଧ୍ୟ ବଢ଼ାଇ ଦେବାର ଶୁଣାଯାଏ । ସାହିତ୍ୟରେ ଶତକଡ଼ା ୩୩ ଅଙ୍କ ରଖି ନ ପାରି ଅନେକ ଛାତ୍ର ପରୀକ୍ଷାରେ ହାରି ଯାଉଅଛନ୍ତି । ଅଙ୍କ ବଢ଼ାଇଦେଲେ ଆଉ ରକ୍ଷା ହେବ କି ? ଉଚ୍ଚ ଶିକ୍ଷାର ବାଟ ବନ୍ଦ କରିବାର ଉପାୟ ଭିନ୍ନ ଏହାକୁ ଆଉ କ'ଣ ବୋଲିବା ?

---

କୁର୍ଗର ସାରସ୍ୱତ ବ୍ରାହ୍ମଣମାନେ ଆପଣାର ସମାଜ ସଂସ୍କାର କରିବାରେ ବ୍ରତୀ ହୋଇଥିବାର ସମ୍ବାଦ ମିଳଇ । ସେମାନେ ବକ୍ତୃତା ଆଦି ବହୁ ଗୋଲମାଲ ନ କରି କାର୍ଯ୍ୟରେ ରତ ହୋଇଅଛନ୍ତି । ମରକରା ସଭାର ଅଧ୍ୟକ୍ଷ ଆପଣାର ବିଧବା କନ୍ୟାକୁ ଉଚ୍ଚ ଶିକ୍ଷା ପ୍ରଦାନାର୍ଥ ସ୍କୁଲରେ ଦେଇଅଛନ୍ତି ଏବଂ ଅନ୍ୟ ଜଣେ ଆପଣାର ବିଧବା କନ୍ୟାକୁ ବିବାହ ଦେବା କାରଣ ପାତ୍ରର ଅନ୍ୱେଷଣ କରୁଅଛନ୍ତି । ବାଳିକାମାନଙ୍କୁ ଇଂରେଜୀ, କାନାଡ଼ୀ ଏବଂ ମରହଟ୍ଟୀ ଭାଷାମାନ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ସୂଚିକର୍ମ, ଚିତ୍ରାଙ୍କନ ଏବଂ ଗୀତବାଦ୍ୟର ଶିକ୍ଷା ଦେଉଅଛନ୍ତି । ମଠବାଡ଼ିମାନଙ୍କୁ ଯାହା ବାର୍ଷିକ ଚାନ୍ଦା ଦେଉଥିଲେ ତାହା ବନ୍ଦ କରିଦେଇଅଛନ୍ତି । ସୌହାର୍ଦ୍ଦ୍ୟ ରକ୍ଷା କରିବା କାରଣ ସାପ୍ତାହିକ ଭୋଜନର ନିୟମ କରି ଏକତ୍ରେ ଖାଇବା ସଙ୍ଗେ ସଙ୍ଗେ ସମାଜସଂସ୍କାର ସମ୍ବନ୍ଧୀୟ ନାନା କଥାର ବିଚାର କରନ୍ତି ।

---

ସାଇବେରିଆ ଉପକୂଳର ସନ୍ନିକଟ ସାଗରରେ ସାଗାଲିନ ନାମକ ଗୋଟିଏ ଦ୍ୱୀପ ଅଛି । ଏହାର ଦୈର୍ଘ୍ୟ ପ୍ରାୟ ୭୦୦ ମାଇଲ ଏବଂ ସର୍ବାପେକ୍ଷା ପ୍ରଶସ୍ତ ସ୍ଥାନର ଓସାର ୧୫୦ ମାଇଲ ଅଟେ । ଏ ଦ୍ୱୀପ ଜାପାନର ଥିଲା ମାତ୍ର ପ୍ରବଳ ରୁଷିଆ ଛଳ ବଳରେ ବର୍ତ୍ତମାନ ଦଖଲ କରୁଅଛି । ଏହାର ଲୋକସଂଖ୍ୟା ୨୦,୦୦୦ ରୁ ଅଧିକ ନୁହେ । ଭାତ ଏମାନଙ୍କର ଖାଦ୍ୟ ଅଟେ ମାତ୍ର ତାହା ଯଥେଷ୍ଟ ମିଳେ ନାହିଁ ଏବଂ ପ୍ରଧାନତଃ ମାଛ ଖାଇ ବଞ୍ଚନ୍ତି । ପୁଣି ବରଫରେ ମାଛ ପୋତି ରଖି ବହୁଦିନ ବ୍ୟବହାର କରନ୍ତି । ପଶୁ ମାଂସକୁ ଏମାନେ ଅଧିକ ଖାଆନ୍ତି ନାହିଁ । ଏଠା ଲୋକମାନେ ଖର୍ବ ଚେଙ୍ଗା ଓ ବଳବାନ୍ । ଜ ୪ ଣ ଋଷୀୟ ବା ଚୀନର ଲୋକର ବୋଝ ଏକଜଣ ଅନାୟାସରେ ନେଇପାରେ । ଶୁଖୁଆ ବା ବାସିମାଛ ନାନା ରୋଗ ବିଶେଷତଃ କୁଷ୍ଠରୋଗର ଉତ୍ପାଦକ ବୋଲି ଡାକ୍ତରମାନେ କହନ୍ତି ଏହି ଦ୍ୱୀପବାସିଙ୍କପ୍ରତି ନ ଘଟିବାର କାରଣ ସେମାନେ ଅବଶ୍ୟ ଅନୁସନ୍ଧାନ କରିବେ ।

---

କଲିକତା ହାଇକୋର୍ଟରେ ଗୋଟିଏ ସରେକଣ୍ଡ ମୋକଦ୍ଦମାରେ ବାଦୀର ବାରିଷ୍ଟର ଗୋଟିଏ ଦସ୍ତାବିଜ ପ୍ରମାଣ କରିବା କାରଣ ପ୍ରତିବାଦୀର ପୁତ୍ରକୁ ସାକ୍ଷୀ ମାନିଥିଲେ । ପ୍ରତିବାଦୀର ପୁତ୍ର ଉପସ୍ଥିତ ହେବାରୁ ତାଙ୍କୁ ପ୍ରଶ୍ନ କଲେ ଯେ ଦସ୍ତାବିଜ ବିଷୟ କିଛି ମନେ ନ ଥିବାର ବ୍ୟକ୍ତ କଲା । ବାରିଷ୍ଟର ବଡ଼ ବ୍ୟସ୍ତ ହୋଇ ସାକ୍ଷୀର ନାମରେ ସମୟ ପ୍ରାର୍ଥନା କରି ମହଲତର ଦରଖାସ୍ତ କଲେ । ହାକିମ ମହଲତ ଦେଲେ ସତ୍ୟ ମାତ୍ର ପ୍ରତିବାଦୀର ପୁତ୍ର ସ୍ପଷ୍ଟ ମିଥ୍ୟାକଥା କହି ଅଦାଲତର ଅବମାନନା କରିଥିବାରୁ ତାଙ୍କୁ ପଶ୍ଚାଗ୍ରେପ୍ତ କରିବା କାରଣ ବନ୍ଦିଶାଳାକୁ ପ୍ରେରଣ କଲେ । ଗତମାସ ତା ୨୪ ରିଖରେ ପ୍ରତିବାଦୀର ପୁତ୍ର ଜେଲଖାନାରୁ ପ୍ରଦତ୍ତ ସମ୍ମତି-ବ୍ୟାହାରରେ ଆସି ହାକିମଙ୍କ ନିକଟରେ ଉକ୍ତ ଦସ୍ତାବିଜ ବିଷୟ ତାହାର ସ୍ମରଣ ହେବାର କହି ଠିକ୍‌ରେ ସାକ୍ଷୀ ପଡ଼ିଥିବାର ମାନିଗଲା । ହାକିମ ତାଙ୍କର ଦୋଷ କ୍ଷମା ଦେଇ ତାହାକୁ ମୁକ୍ତି ପ୍ରଦାନ କଲେ ।—ଲୋକେ କେବେ ଚତୁରତା ନ ଖେଳନ୍ତି ମାତ୍ର ହାକିମ ମହଲତ ନ ଦେଲେ ସବୁ ବ୍ୟର୍ଥ ହୋଇଯାଏ ।

---

ଲାହୋରଠାରେ ଶିଖମାନଙ୍କର ସ୍ୱର୍ଣ୍ଣମନ୍ଦିର ନାମକ ମନ୍ଦିରର ମାନେଜର ସେଠାରେ ଥିବା ହିନ୍ଦୁ ଦେବତାମାନଙ୍କୁ ଫୋପାଡ଼ି ଦେବା କଥା ପାଠକମାନଙ୍କୁ ଜଣାଅଛି । ସେଥିପାଇଁ ହୁଲହୁଲ ହୋଇଅଛି । ଶିକ୍ଷିତ ସମ୍ପ୍ରଦାୟ ମଧ୍ୟବର୍ତ୍ତୀ

Digitized by srujanika@gmail.com

Split by PDF Splitter



ମେକେଞ୍ଜିଙ୍କ କାର୍ଯ୍ୟକୁ ପ୍ରଶଂସା କରୁଅଛନ୍ତି ମାତ୍ର ଅଶିକ୍ଷିତ ଶିଖମାନେ ତହିଁରେ ବିଶେଷ ଆପତ୍ତି କରୁଅଛନ୍ତି । ତାଙ୍କର ରାଜା ଗୁରୁମୁଖୀ ଭାଷାରେ ଶିଖଧର୍ମ ସମ୍ବନ୍ଧୀୟ ଗୋଟିଏ ପୁସ୍ତକ ବାହାର କରି ଶିଖମାନଙ୍କୁ ସେମାନଙ୍କର ଗୁରୁଙ୍କ ପ୍ରଚଳିତ ବହୁକାଳ ଆଚରିତ ଧର୍ମ ସଂରକ୍ଷଣ ନିମିତ୍ତ ଉପଦେଶ ଦେଇ ଲେଖିଅଛନ୍ତି ଯେ କୌଣସି ପ୍ରକାର ବିବାଦ କରିବା ଉଚିତ ନୁହଇ । ନାଭାର ରାଜା ଶିଖଧର୍ମାବଲମ୍ବୀ ମାତ୍ର ଉଦାର ଭାବର ପକ୍ଷପାତୀ । ଶିଖ ଏବଂ ହିନ୍ଦୁଙ୍କ ମଧ୍ୟରେ ବିବାଦ ରଖିବା ତାହାଙ୍କର ଅଭିପ୍ରାୟ ନୁହେ । ହିନ୍ଦୁରୁ ଶିଖ ସମ୍ପ୍ରଦାୟ ବାହାରିଅଛି । ବାସ୍ତବରେ ନିଜର ବିଶ୍ୱାସ ଅନୁସାରେ ପୂଜା ଆରାଧନା କର ଏବଂ ଉପଦେଶଦ୍ୱାରା ଦଳ ପୁଷ୍ଟି କର । ଯେ ପ୍ରକାରେ ଯେ ଆରାଧନା କରୁଅଛି ତାହା ସଙ୍ଗରେ କଳି କାହିଁକି ? ଏଥିରେ ଗୃହ ବିଚ୍ଛେଦ ଓ ଦୁର୍ବଳତା ଭିନ୍ନ ଅନ୍ୟ ଫଳ ନାହିଁ ।

---

ସନ ୧୮୯୨ ସାଲରେ ଫରିଦପୁରର ଡାକ୍ତର ଗୁପ୍ତସାହେବ ରିପୋର୍ଟ କରିଥିଲେ ଯେ ପ୍ରାୟ ସମସ୍ତ ଗଡ଼ିଆ ପୋଖରୀମାନଙ୍କରେ ଜଳଜାତ ଗଛମାନ ବୁଡ଼ାଇ ଓ ପଚାଇ ଝୋଟ ବାହାର କରିବାରେ ଜଳ ଦୂଷିତ ହୁଏ ଏବଂ ମେଲେରିଆ ଜ୍ୱର ବୃଦ୍ଧି ଓ ବିସ୍ତାରର ତାହା ପ୍ରଧାନ କାରଣ ଅଟେ । ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଏହି ପ୍ରସଙ୍ଗ ପଡିବାରୁ ଗବର୍ଣ୍ଣମେଣ୍ଟ ଉତ୍ତର ଦେଇଅଛନ୍ତି ଯେ ସନ ୧୮୯୮ ସାଲରେ ଏ ବିଷୟର ତଦନ୍ତ ହୋଇଥିଲା । ମାତ୍ର ସ୍ୱାସ୍ଥ୍ୟ କମିଶନର ଏବଂ ଅଧିକାଂଶ ସିଭିଲ ସରଜନ ମତ ଦେଇଅଛନ୍ତି ଯେ ଝୋଟକଷ୍ଟ ପଚିତ ସେହି ପ୍ରଥା ଦୁର୍ଗନ୍ଧ ହେଲେହେଁ ମେଲେରିଆ ଜ୍ୱର ପକ୍ଷରେ ଅନୁକୂଳ ନୁହେ ଏବଂ ଯେ ସମୟରେ ଝୋଟ କଷ୍ଟ ହୁଅଇ ସେ ସମୟରେ ଜ୍ୱରର କୋପ ବଢିବାର ଦେଖା ଯାଇ ନାହିଁ । ଝୋଟକଷ୍ଟ ଗୋଟିଏ ପ୍ରୟୋଜନୀୟ କାର୍ଯ୍ୟ ଓ ତାହା ଏକା ବେଳେ ନିଷେଧ ହୋଇ ନ ପାରେ । ମାତ୍ର ପିଇବା ଓ ରନ୍ଧା ବଢ଼ା କାର୍ଯ୍ୟ ସକାଶେ ଜଳାଶୟ ବିଶେଷ ପୃଥକ ରଖିବା କାରଣ ଜିଲ୍ଲା ବୋର୍ଡ଼ ଏବଂ ମିଉନିସିପାଲିଟିସମୂହର ଯଥେଷ୍ଟ କ୍ଷମତା ଅଛି ।

---

ରଙ୍ଗୋଲର ହେଡ଼ମାଷ୍ଟର ଗତ ତା ୧୫ ରିଖର ଉତ୍କଳବାସୀ ଯେ ସେ ସୁଇଡେନର ସ୍କୁଲ ଛାତ୍ରମାନେ ବୃକ୍ଷ ରୋପଣ କରିବା ସମ୍ବାଦ ଉପଲକ୍ଷରେ ଜଣାଇଅଛନ୍ତି ଯେ ମଧ୍ୟପ୍ରଦେଶର ଶିକ୍ଷା ବିଭାଗର ଡିରେକ୍ଟରଙ୍କର ଆଦେଶମତେ ସମ୍ରାଟଙ୍କର ଜନ୍ମଦିନ ନଭେମ୍ବର ମାସ ତା ୯ ରିଖରେ ସେ ଅଞ୍ଚଳର ପ୍ରତ୍ୟେକ ଗ୍ରାମ୍ୟ ସ୍କୁଲର ବାଳକଗଣ (ଶିଶୁ ଓ ୧ମ ଶ୍ରେଣୀ ଛଡ଼ା) ଶ୍ରେଣୀ ପ୍ରତି ୪ ଟି ଲେଖାଏଁ ଛାୟା ଓ ଫଳପ୍ରଦ ବୃକ୍ଷ ଗତ ଦୁଇ ବର୍ଷ ହେଲା ରୋପଣ କରୁଅଛନ୍ତି । ଏ ବିଷୟରେ ସ୍କୁଲ ଛାତ୍ରଠାରୁ ଶିକ୍ଷକ ପର୍ଯ୍ୟନ୍ତ ସମସ୍ତଙ୍କର ନିଷ୍ଠା ଓ ଯତ୍ନର ତ୍ରୁଟି ନାହିଁ ଏହି ସଦନୁଷ୍ଠାନରେ ଏହା ସମ୍ବଲପୁର ଜିଲ୍ଲାରେ ପ୍ରତି ବର୍ଷ ୧୩୮୮ ଗଛ ଲାଗିଅଛି ଏବଂ ସମସ୍ତ ମଧ୍ୟପ୍ରଦେଶରେ ସ୍କୁଲ ବାଳକମାନେ ବର୍ଷକୁ ପ୍ରାୟ ତୋଡ଼ିଏ ହଜାର ଗଛ ପୋତୁଅଛନ୍ତି । ଗଛ ସବୁ କେଉଁଠାରେ ପୋତାଯାଏ ଏବଂ ସେ ସମସ୍ତର ରକ୍ଷା ରକ୍ଷଣ କପରି ହୁଅଇ ପତ୍ରପ୍ରେରକ ଲେଖିଲେ ଭରସା କରୁଁ ସାଧାରଣଙ୍କ ପ୍ରତି ଶିକ୍ଷାପ୍ରଦ ହେବ । ଏହା ବାସ୍ତବରେ ଗୋଟିଏ ହିତକର କଥା । ପିଲା କାଳରୁ ବୃକ୍ଷ ରୋପଣରେ ଅଭ୍ୟସ୍ତ ହେବାଦ୍ୱାରା ଭବିଷ୍ୟତରେ ଛାତ୍ରମାନଙ୍କର ନୈତିକ ଓ ବୈଷୟିକ ଉନ୍ନତି ହେବ ସନ୍ଦେହ ନାହିଁ ।

---

ଗତ ତା ୧୦ ରିଖଠାରୁ ବଙ୍ଗଳା ନାଗପୁର ରେଲ ଟ୍ରେନ ବା ଗାଡି ଯାତାୟାତର ସମୟ ବଦଳ ଯାଇଅଛି । ଦକ୍ଷିଣର ଡାକଗାଡି ହାବଡ଼ାଠାରୁ ରାତ୍ର ଘ ୯ । ୫୦ ମିନଟରେ ବାହାରି ଏ ନଗରରେ ସକାଳ ଘ ୭ । ୩୫ ମିନଟରେ ପହୁଞ୍ଚିବ ଓ ଦକ୍ଷିଣର ଡାକଗାଡି ସନ୍ଧ୍ୟା ଘ ୭ । ୨୭ ମିନଟରେ ଏଠାରେ ପହୁଞ୍ଚି ଘ ୭ । ୫୭ ମିନଟ ବେଳେ ହାବଡ଼ା (କଲିକତା)କୁ ଯାତ୍ରା କରିବ ।

ଯାତ୍ରୀଗାଡି ହାବଡ଼ାଠାରୁ ଦିବା ଘ ୧୧ ଟା ବେଳେ ବାହାରି ରାତ୍ର ଘ ୨ । ୫୨ ମିନଟରେ ଏଠାରେ ପହୁଞ୍ଚିବ ଏବଂ ୧୫ ମିନଟ ପରେ ପୁରୀକୁ ଯାତ୍ରା କରିବ । ପୁରୀରୁ ଯାତ୍ରୀଗାଡି ଏଠାରେ ରାତ୍ର ଘ ୧୦ । ୫୭ ମିନଟରେ ପହୁଞ୍ଚି ଘ ୧୧ । ୨୧ ମିନଟରେ କଲିକତାକୁ ଯାତ୍ରା କରିବ ।

ମାଲଗାଡି ଖୋର୍ଦ୍ଧାଠାରୁ କଟକରେ ରାତ୍ର ଘ ୧ । ୨୭ ମିନଟରେ ପହୁଞ୍ଚି ଘ ୩ ଟାବେଳେ ଛାଡିବ ଏବଂ ଖଡ଼ଗପୁରର ମାଲଗାଡି ଏଠାରେ ରାତ୍ର ଘ ୮ । ୨ ମିନଟରେ ପହୁଞ୍ଚି ଘ ୮ । ୫୨ ମିନଟରେ ଦକ୍ଷିଣକୁ ବାହାରିଯିବ ।

ଅତଏବ କେବଳ ଡାକଗାଡି ଦିବାଭାଗରେ ମାତ୍ର ଯାତ୍ରୀ ଓ ମାଲ ଉଭୟ ଗାଡି ରାତ୍ରରେ ଏ ନଗରକୁ ଆସିବ ଓ ଯିବ ।

---

ଗତାଙ୍କ ପ୍ରଜାବନ୍ଧୁରେ ଶ୍ରୀ ଲିଙ୍ଗରାଜ ମିଶ୍ରଙ୍କର ଖଣ୍ଡିଏ ପତ୍ର ପ୍ରକାଶିତ ହୋଇଅଛି । ତହିଁରେ ଲେଖାଅଛି ଯେ ପାରଲାକେମେଣ୍ଡି ର ଦକ୍ଷିଣ ଅଞ୍ଚଳରେ ଦୁଇ ତିନିବର୍ଷ ହେଲା ତେରଚଣା ବୋଲି ଗୋଟିଏ ରବିଫସଲ ହେଉଅଛି । ସେ ଚଣାଗଛ ବିରିଗଛ ପରି ମାଡି ପ୍ରତିଗଣ୍ଠିରେ ଦୁଇ ଗୁଚ୍ଛଟା ତେର ବାହାରି ମାଟିଭିତରକୁ ମୂଳ-ଯାଏ ଏବଂ ପ୍ରତି ତେରରେ ଚାରି ଅଙ୍ଗୁଠି ପରି ଦୁଇ ତିନିଟା ଫଳ ହୁଏ । ଫଳ ପାଚିଲେ ଅଳ୍ପ ମାଟି ଖୋଳି ଫଳ ସଂଗ୍ରହ କରି ଖରାରେ ଶୁଖାଇ ଅମଳ କରନ୍ତି । ଏହାର ମଞ୍ଜି ଲଙ୍କା-ଗାଲିୟା ଗୁଣ୍ଡୁଳ ପରି ଏବଂ ସେହିପରି ସୁସ୍ୱାଦୁ । ଏଥିରେ ଡାଲି ତରକାରି ହୁଏ ଏବଂ ଭଜା-ଗଲେ ବିବିଧ ମିଷ୍ଟାନ୍ନ ପ୍ରସ୍ତୁତ ହୋଇପାରେ । ଅତ୍ୟାନ୍ୟ କୃଷିରୁ ଏହା ଅତି ସୁଲଭରେ ହେଉ-ଅଛି ଏବଂ ଏକ ଏକର ଭୂମିରେ ପ୍ରାୟ ଏକଶତ-ଟଙ୍କାର ଫସଲ ଉତ୍ପନ୍ନ ହୁଅଇ । ଏପରି ଲାଭ-କର ଫସଲର ଆବାଦ ବୃଦ୍ଧିହେବା ଉଚିତ ନୁହେ ଏବଂ ସେ ଲେଖିଅଛନ୍ତି ଯେ ସେଅଞ୍ଚଳର କୃଷକମାନେ ଏହି ଫସଲ ଆବାଦ କରିବାର ଉଦ୍ୟମ କରୁଅଛନ୍ତି ଏବଂ ସେଥିପାଇଁ ତାହା ଟଙ୍କାରେ ଦୁଇଟାମ୍ବି ଲେଖାଏଁ ବିକ୍ରି ହେଉଅଛି ।

---

ବିଲାତର ଲଣ୍ଡନନଗରରେ ଅଳ୍ପଦିନ ତଳେ ପିଲାମାନଙ୍କର ମୃତ୍ୟୁ ସଂଖ୍ୟା କି ସକାଶେ ଅଧିକ ହେଉଅଛି ତହିଁର କାରଣ ଅନୁସନ୍ଧାନ କରିବା କାରଣ ଡାକ୍ତରମାନଙ୍କର ଏକ ବୈଠକ ହୋଇଥିଲା । ସେମାନେ ଏକମତ ହୋଇ ଧାର୍ଯ୍ୟ କଲେ ଯେ ମାତାମାନଙ୍କୁ ଶିଶୁ ପାଳନ ସମ୍ବନ୍ଧରେ ଉତ୍ତମରୂପେ ଶିକ୍ଷିତ କରିବା, ପିଲା ଜନ୍ମ ହେଲେ ଶୀଘ୍ର ତହିଁର ରେଜେଷ୍ଟରୀ କରିବା, ସ୍ତ୍ରୀ ଇନସ୍ପେକ୍ଟର ନିଯୁକ୍ତ କରିବା, ସ୍ତନ୍ୟ ପାନର ଉପକାରିତା ବୁଝାଇଦେବା ଏବଂ ଅକାଳରେ ପିଲାଙ୍କୁ ସ୍ତନ୍ୟପାନ ଛଡ଼ାଇ ଦେବାର ଦୋଷ ବୁଝାଇଦେବା ବାଞ୍ଛନୀୟ ଅଟଇ । ଏ ସମସ୍ତ ଏକା ବିଲାତ କାହିଁକି ଭାରତ ପ୍ରତି ମଧ୍ୟ ଉତ୍ତମରୂପେ ଖଟଇ ଏବଂ ଭାରତରେ ଶୀଘ୍ର ଏଥିର ବ୍ୟବସ୍ଥା କରିବା ଗବର୍ଣ୍ଣମେଣ୍ଟଙ୍କର ଉଚିତ ହେଉଅଛି । ଏହା ଛଡ଼ା ବାଲ୍ୟ ବିବାହ ପ୍ରଥା ଏ ଦେଶରେ ପ୍ରଚଳିତ ଥିବାରୁ ଅନେକ ପିଲା ଜନ୍ମରୁ ରୁଗ୍ଣ ଏବଂ ଅତିବ ଦୁର୍ବଳ ଥିବାର ଦେଖାଯାନ୍ତି । ସେମାନଙ୍କର ଅଳ୍ପଦିନରେ ମରଣ ଅବଶ୍ୟମ୍ଭାବୀ । ବାଲ୍ୟ ବିବାହ ରହିତ କରିବା ପକ୍ଷେ ଆମ୍ଭମାନଙ୍କର ଦେଶୀୟ ସମସ୍ତ ଲୋକଙ୍କୁ ଅଣ୍ଟା ଭିଡ଼ିବା ଉଚିତ ହେଉଅଛି । ଏତଦ୍ୱାରା ଏକ ପକ୍ଷରେ ଯେମନ୍ତ ପିଲାମାନଙ୍କର ମୃତ୍ୟୁ ସଂଖ୍ୟା ଊଣା ହେବ ସେମନ୍ତ ଅନ୍ୟ ପକ୍ଷରେ ବାଳ ବିଧବାଙ୍କର ସଂଖ୍ୟା ମଧ୍ୟ କମିଯିବ । ସୁତରାଂ ଏଭଳି କାର୍ଯ୍ୟରେ କାହାର ପଶ୍ଚାତ୍‌ପଦ ହେବା ଉଚିତ ନୁହେ ।

---

Digitized by srujanika@gmail.com

Split by PDF Splitter



ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି ଯେ ସେହି ପ୍ରଧାନ ତୀର୍ଥସ୍ଥାନରେ ଅନେକ ଦେବ ଓ ଦେଵୀ ଥିବାରୁ ଗ୍ରାମବାସିମାନେ ବହୁକାଳରୁ ସ୍ଥାନେ୨ ଦେଵଘର ପ୍ରତିଷ୍ଠା କରି ପ୍ରତି ସନ୍ଧ୍ୟାରେ ଭାଗବତ ଆଦି ପୁରାଣ ପାଠ ଓ ନାମସଂକୀର୍ତ୍ତନ କରନ୍ତି ଏବଂ ପର୍ବ୍ବଉପଲକ୍ଷରେ ବା ଅନ୍ୟ ସମୟରେ ଇଚ୍ଛାନୁସାରେ କୌଣସି ଏକ ବା ଅଧିକ ସଂକୀର୍ତ୍ତନଦଳ ନିଜ ନିଜ ଗ୍ରାମରେ ବୁଲି ଶ୍ରୀ ଜଗନ୍ନାଥ ମନ୍ଦିରଠାରୁ ଶ୍ରୀ ବିରଜାଠାକୁରାଣୀଙ୍କର ମନ୍ଦିର ପର୍ଯ୍ୟନ୍ତ ନାମ କୀର୍ତ୍ତନ କରନ୍ତି ସେଥିରେ କେବେ କାହାର କୌଣସି ଅନିଷ୍ଟ ନ ହୋଇ ବରଂ ଲୋକମାନଙ୍କର ଆହ୍ଲାଦ ବୃଦ୍ଧି ଓ ଧର୍ମଭାବ ଉଦୟ ହୋଇଥାଏ । ପ୍ରାୟ ଦୁଇମାଇଲ ବୁଲିବାରେ କେବେ୨ ରାତ୍ରି ଦୁଇପ୍ରହର ବା ଦଶଘଡି ହୋଇଯାଏ, କେବେ କେହି ସବ୍‌ଡିଭିଜନ ହାକିମ ବା ପୁଲିସ କିଛି ବାଧା ଦେଇ ନାହାନ୍ତି । ବର୍ତ୍ତମାନ ଉଲଟା ହେଲୁ ସମସ୍ତ ସଂକୀର୍ତ୍ତନଦଳ ନଗରକୀର୍ତ୍ତନ କରି ରାତ୍ରି ପ୍ରାୟ ଦୁଇପ୍ରହରର ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ବୁଲୁଅଛନ୍ତି । ହଠାତରେ ଜଣେକ ପୁଲିସ ଅଫିସର ରାତ୍ର ପ୍ରାୟ ଘ ୧୧ ଟା ସମୟରେ ଖଟରେ ଶୟନ କରି ମଫସଲ ଗସ୍ତରୁ ଥାନାକୁ ଫେରି ଆସୁଥିଲେ । ସଂକୀର୍ତ୍ତନ ଶବ୍ଦରେ ତାଙ୍କର ନିଦ୍ରା ଭଙ୍ଗ ହେବାରୁ ସେ ସଂକୀର୍ତ୍ତନଦଳର ଲୋକମାନଙ୍କୁ ଅଟକ କରି ଏତେ ରାତ୍ରରେ ସହରରେ ଗୋଳମାଳ କରୁଥିବାର କହି ସେମାନଙ୍କର ନାମ ଟିପି ନେଲେ ଓ ସେମାନଙ୍କର ଆପତ୍ତି ଅଗ୍ରାହ୍ୟ କରି ରାତ୍ରି ଘ ୧୦ ଟା ପରେ ରାସ୍ତାରେ ସଂକୀର୍ତ୍ତନ ବାହାରିଲେ ଆ * ଇନରେ ଦଣ୍ଡ ହେବାର କହି ଫେରିଗଲେ ତହିଁ ଅଉଦିନ ଟାଉନବାସୀ ସଂକୀର୍ତ୍ତନଦଳର କେତେକ ଲୋକ ଉପରୋକ୍ତ ଘଟଣା ଜାଜପୁର ସବ୍‌ଡିଭିଜନ ମାଜିଷ୍ଟ୍ରେଟଙ୍କ ହଜୁରରେ ଦରଖାସ୍ତଦ୍ୱାରା ଜଣାଇବାରେ ମାଜିଷ୍ଟ୍ରେଟ ମହୋଦୟ ସେମାନଙ୍କୁ ପୂର୍ବପ୍ରାୟ ରାତ୍ରି ଦୁଇପ୍ରହର କମ୍ବା ଚାରିଘଡ଼ି ପର୍ଯ୍ୟନ୍ତ ସଂକୀର୍ତ୍ତନ କରିବାର ଅନୁମତି ଦେଇଅଛନ୍ତି ।

—·—·—

କଟକଜିଲାର ଜିଲ୍ଲା ବୋର୍ଡ଼ର ଅଧୀନରେ ବାବୁ ଯୋଗେଶଚନ୍ଦ୍ର ଘୋଷ ଜଣେ ସ୍କୁଲ ସବ୍‌ଇନସ୍ପେକ୍ଟର ପଦରେ ନିଯୁକ୍ତ ହୋଇଥିଲେ । ଏହି କାର୍ଯ୍ୟ ସହାସେ ସରକାରୀ ନିୟମାନୁସାରେ ଜିଲ୍ଲା ଡାକ୍ତରଙ୍କର ସ୍ୱାସ୍ଥ୍ୟର ନିଦର୍ଶନପତ୍ର ବା ସାର୍ଟିଫିକେଟ ଦରକାର । ଯୋଗେଶ ବାବୁ ପୁରୀର ସିଭିଲ ସରଜନଙ୍କର ସାର୍ଟିଫିକେଟ ଦାଖଲ କରିଥିଲେ । ମାତ୍ର ଏଠାର ଜିଲ୍ଲା ବୋର୍ଡ଼ର ଚେଅରମାନ ସାହେବ ତହିଁରେ ସନ୍ତୁଷ୍ଟ ନ ହୋଇ କଟକର ସିଭିଲ ସରଜନଙ୍କ ପରୀକ୍ଷା ନିମନ୍ତେ ପଠାଇବାରେ ସେ ଡାକ୍ତର ସାହେବ କହିଲେ ଯେ ଯୋଗେଶ ବାବୁର କୋଷବୃଦ୍ଧି ପୀଡ଼ା ଅଛି, ଡାକ୍ତରଖାନାରେ ଏକମାସ ରହିଲେ ସହଜରେ ଆରୋଗ୍ୟ ହୋଇଯିବେ ଏବଂ ତହିଁ ଉତ୍ତାରୁ ସେ ସରକାରୀ କାର୍ଯ୍ୟ କରିବାର ଯୋଗ୍ୟ ହେବେ । ଏହିକଥା ଶୁଣି ଚେଅରମାନଙ୍କ ମନରେ ସନ୍ଦେହ ହେଲା ଏବଂ ସେ ଆଦେଶ ଦେଲେ ଯେ ଯୋଗେଶ ବାବୁ ଚିକିତ୍ସା କରି ଆରୋଗ୍ୟ ନ ହେଲେ କାର୍ଯ୍ୟ ପାଇପାରିବେ ନାହିଁ । ଯୋଗେଶ ବାବୁ ପୁଣି ପୁରୀର ଡାକ୍ତର ସାହେବଙ୍କର ସାର୍ଟିଫିକେଟ ଦାଖଲ କଲେ ମାତ୍ର ତାହା ଯେଣା ହେଲା ନାହିଁ । ଚେଅରମାନ ସାହେବ ଆଦେଶ ଦେଲେ ଯେ ଯେଉଁ ଜିଲ୍ଲାରେ କାର୍ଯ୍ୟ କରିବ ସେହି ଜିଲ୍ଲାର ସିଭିଲ ସରଜନଙ୍କର ସାର୍ଟିଫିକେଟ ଦେଖାଇବା ଆବଶ୍ୟକ । ଯୋଗେଶ ବାବୁ ଏହି ଆଦେଶ ବିରୁଦ୍ଧରେ ବିଭାଗୀୟ କମିଶନରଙ୍କ ନିକଟରେ ଅପିଲ କଲେ ଏବଂ ସାହେବ ମହୋଦୟ ଗବର୍ଣ୍ଣମେଣ୍ଟକୁ ଲେଖିବାରେ ମାନ୍ୟବର ଲେଫ୍ଟେନାଣ୍ଟ ବାହାଦୁର ନିଷ୍ପତ୍ତି କଲେ ଯେ ଯେତେବେଳେ ନିୟମାବଳୀରେ ଲେଖା ଅଛି ଯେ ଜଣେ ଜିଲ୍ଲା ସିଭିଲ ସରଜନଙ୍କ ସାର୍ଟିଫିକେଟ ଦରକାର ସେତେବେଳେ କୌଣସି ଜିଲ୍ଲାର ସିଭିଲ ସରଜନର ସାର୍ଟିଫିକେଟ ଯଥେଷ୍ଟ ଅଟେ । ଅତଏବ କଟକଜିଲା ସିଭିଲ ସରଜନର ସାର୍ଟିଫିକେଟ ଦାଖଲ ନ କଲେ ବୋଲି ଯୋଗେଶ ବାବୁଙ୍କୁ ବରଖାସ୍ତ କରିବା ନ୍ୟାୟସଙ୍ଗତ ହୋଇ ନାହିଁ । ତଦନୁସାରେ ଏଠା ଜିଲ୍ଲା ବୋର୍ଡ଼ର ଗତ ଅଧିବେଶନରେ ଯୋଗେଶ ବାବୁ ସବ୍‌ଇନସ୍ପେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି । ଯୋଗେଶ ବାବୁଙ୍କର ଅପିଲରେ ଗୋଟିଏ ସନ୍ଦେହ ଘୁଞ୍ଚିଗଲା ଏବଂ ଏହାଦ୍ୱାରା ଅନେକ ସରକାର କର୍ମଚାରୀର ଉପକାର ହେବ ।

---

ଶ୍ରୀଯୁକ୍ତ ଶ୍ୟାମାଜୀକୃଷ୍ଣବର୍ମା ବାର୍ଷିକ ଟ୨୦୦୦ର ଲେଖାଏଁ ମୂଲ୍ୟର ଗୋ * ଟି ବୃତ୍ତିଦ୍ୱାରା ନ * ଣ ଭାରତବାସୀ ଯୁବାଙ୍କୁ ବିଲାତରେ ବିଜ୍ଞାନାଦି ଶିକ୍ଷାର ସୁଯୋଗ ଦେବା କାରଣ ବିଜ୍ଞାପନ ଦେଇଥିବାର ଏଥିପୂର୍ବେ ଆମ୍ଭେମାନେ ପ୍ରକାଶ କରିଥିଲୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ସେ ଶ ୪୬ ଖଣ୍ଡ ଆବେଦନ ପାଇଥିଲେ । ତହିଁମଧ୍ୟରୁ ନିମ୍ନଲିଖିତ ବ୍ୟକ୍ତିଙ୍କୁ ବୃତ୍ତି ଦାନ କରିଅଛନ୍ତି । ଯଥା:— ଅବଦୁଲଅଲ ମନାନ ସୁହରାବର୍ଦ୍ଦୀ ଏମ. ଏ, (୧ମ ଶ୍ରେଣୀ) କଲିକତା, ଶରତ୍‌ଚନ୍ଦ୍ର ମୁଖର୍ଜ୍ଜୀ ଏମ. ଏ, (୧ମ ଶ୍ରେଣୀ) କଲିକତା, ପରମେଶ୍ୱର ଲାଲ ଏମ. ଏ, କଲିକତା, ସୟଦ ଅବଦୁଲ ମଜିଦ ବି.ଏ, କଲିକତା, ଓ ବି,ଏ, କଶ୍ମୀରବସ୍ତି, ସେଖ ଅବଦୁଲ ଅଜିଜ ବି,ଏ, ପଞ୍ଜାବ । ଏହି ବୃତ୍ତି ଚିରସ୍ଥାୟୀ କରିବା କାରଣ ସେ ଅତିରିକ୍ତ ଲକ୍ଷ ଟଙ୍କା ଦାନ କରିବାକୁ ସଙ୍କଳ୍ପ କରିଅଛନ୍ତି । ଏପରି ଲଣ୍ଡନ ନଗରର ଏକ ସ୍ୱାସ୍ଥ୍ୟକର ସ୍ଥାନରେ ଗୋଟିଏ ଭାରତୀୟ ଛାତ୍ରାବାସ ସ୍ଥାପନ କରୁଅଛନ୍ତି ଯେ ସେଠାରେ ଭାରତୀୟ ଛାତ୍ରମାନେ ବାସ କରି ମାସିକ ଟ ୬୦୯ ର ବ୍ୟୟରେ ଗ୍ରାସାଚ୍ଛାଦନ ନିର୍ବାହ କରି ପାରିବେ । ଏପରି ଉକ୍ତସ୍ଥା ଦାତା, ହୁଟେଶିଙ୍କର ପରିଚୟ ବଙ୍ଗଳା ‘ ହିତବାଦୀରେ ’ ପାଠ କରି ଆନନ୍ଦ ସହିତ ପାଠକମାନଙ୍କୁ ଜଣାଉଅଛୁଁ । ପଣ୍ଡିତ ଶ୍ୟାମାଜୀକୃଷ୍ଣବର୍ମାଙ୍କର ନିବାସ ଗୁଜରାଟରେ, ଜାତିରେ ବଣିକ । ସେ ନିତାନ୍ତ ଗରିବ ଥିଲେ । ବମ୍ବେ କଲେଜରେ ଯେଉଁ ବର୍ଷ ସେ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ପାସ କଲେ ସେହି ବର୍ଷ ପାଶ୍ଚାତ୍ୟ ସଂସ୍କୃତ ପଣ୍ଡିତ ସର ମନିୟର ଉଇଲିୟମ ମହୋଦୟ ଏ ଦେଶକୁ ଆସି ଜଣେ ଦେବନାଗରୀ ଅକ୍ଷରରେ ସଂସ୍କୃତ ଲେଖି ପାରିବା ଲୋକ ବିଲାତକୁ ନେଇଯିବା କାରଣ ଖୋଜି ଥିଲେ । ଶ୍ୟାମାଜୀକୃଷ୍ଣ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନିକଟରେ ସଂସ୍କୃତ ଶିକ୍ଷା କରି ଉତ୍ତମ ବ୍ୟୁତ୍ପତ୍ତି ଲାଭ କରିଥିବାରୁ ସର ମନିୟର ତାହାଙ୍କୁ ବିଲାତକୁ ନେଇଗଲେ । ସେଠାରେ ସେ ବି, ଏ; ଏମ, ଏ; ଓ ବାରିଷ୍ଟରୀ ପାସ କରି ଏବଂ ବିଲାତର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କଠାରୁ ପ୍ରଶଂସାପତ୍ରମାନ ଲାଭପୂର୍ବକ ସ୍ୱଦେଶକୁ ଫେରିଆସି ରତଲାମ ନାମକ ଦେଶୀୟ କରଦ ରାଜ୍ୟର ପ୍ରଧାନ ମନ୍ତ୍ରୀ ହୋଇଥିଲେ । ତହିଁ ଉତ୍ତାରୁ ଉଦୟପୁର ରାଜ୍ୟର କାଉନ୍‌ସିଲର ଜଣେ ମେମ୍ବର ହୋଇଥିଲେ । ସେହି ଅଞ୍ଚଳରେ ସେ ତୁଳା ମଞ୍ଜି ବାହାର କରିବା ଏବଂ ତୁଳା ପରିଷ୍କାର କରିବାର କେତେଗୁଡ଼ିଏ କାରଖାନା ପ୍ରଥମେ ସ୍ଥାପନ କରିଥିବାରେ ଏ ପର୍ଯ୍ୟନ୍ତ ସେ ସମସ୍ତ କାରଖାନାର ମାଲିକମାନଙ୍କଠାରୁ କିଛି୨ ଅଂଶ ପାଉଅଛନ୍ତି । ଏହି ସବୁ କାର୍ଯ୍ୟ ଓ ବ୍ୟବସାୟରେ ସେ ଅର୍ଥ ଉପାର୍ଜ୍ଜନ କରି ବର୍ତ୍ତମାନ ବିଲାତରେ ସସ୍ତ୍ରୀକ ବାସ କରୁଅଛନ୍ତି ଏବଂ ସେଠାରେ ମଧ୍ୟ ବ୍ୟବସାୟ କରୁଅଛନ୍ତି । ତାହାଙ୍କର ସନ୍ତାନାଦି କିଛି ନାହିଁ ଏବଂ ଏ ଦେଶର ରୀତି ଅନୁସାରେ ସେ ପୋଷ୍ୟ ପୁତ୍ର ଗ୍ରହଣ ନ କରି ତାହାଙ୍କର ଉପାର୍ଜ୍ଜିତ ସମସ୍ତ ଅର୍ଥ ସାଧାରଣ ହିତକାର୍ଯ୍ୟରେ ବ୍ୟୟ କରିବାକୁ ସଂକଳ୍ପ କରିଅଛନ୍ତି । ଉପରିଲିଖିତ ବୃତ୍ତି ଦାନାଦି ତହିଁର ଫଳ ଅଟେ । ଏଥିରୁ ପାଠକମାନେ ଦେଖିବେ ଯେ ଶ୍ୟାମାଜୀ ମହୋଦୟ ଭାରତର ଗୋଟିଏ ଅମୂଲ୍ୟ ରତ୍ନ ଏବଂ ଅନୁପମ ଆଦର୍ଶ । ଆମ୍ଭେମାନେ ଗାଢ଼ କୃତଜ୍ଞ ।

Digitized by srujanika@gmail.com

Split by PDF Splitter



ସହିତ ତାହାଙ୍କର ଦୀର୍ଘ ଜୀବନ କାମନା କରୁଅଛୁଁ।

## ସଂଶୋଧନୀ ବିଦ୍ୟାଳୟ।

ବଙ୍ଗପ୍ରଦେଶର ସଂଶୋଧନୀ ବିଦ୍ୟାଳୟ ସମୂହର ସନ ୧୯୦୪ ସାଲର ବାର୍ଷିକ ବିବରଣ ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱରଙ୍କର ନିର୍ଦ୍ଧାରଣ ବାହାରିଅଛି। ବଙ୍ଗପ୍ରଦେଶରେ ଅପରାଧୀ ବାଳକମାନଙ୍କର ଶିକ୍ଷା ଓ ଚରିତ୍ର ସଂଶୋଧନ ନିମନ୍ତେ ଯୋଡିଏ ବିଦ୍ୟାଳୟ ଅଛି। ଗୋଟିଏ ଅଲିପୁରରେ ଏବଂ ଗୋଟିଏ ହଜାରିବାଗରେ। ବର୍ତ୍ତିତବର୍ଷରେ ନ ୧୦୧ ଜଣ ଛାତ୍ର ଭରତି ହୋଇଥିଲେ। ସନ ୧୮୯୯ ସାଲଠାରୁ କୌଣସି ବର୍ଷ ଏତେ ଅଳ୍ପସଂଖ୍ୟା ଭରତି ହୋଇ ନ ଥିଲେ। ପିଲାମାନଙ୍କର ସ୍ୱାସ୍ଥ୍ୟ ପୂର୍ବବର୍ଷଠାରୁ ଭଲ ଥିଲା ଏବଂ ନିୟମ ଲଙ୍ଘନ ଦଣ୍ଡ ମଧ୍ୟ ଊଣା ଥିଲା। ଏ ସମସ୍ତ ସନ୍ତୋଷଜନକ ଅଟେ। ଅଲିପୁର ସ୍କୁଲରେ ଶିଳ୍ପାଦି ଏବଂ ହଜାରିବାଗ ସ୍କୁଲରେ କୃଷିଶିକ୍ଷା ଦିଆଯାଏ। ଖଲାସ ହେବା ପିଲାମାନଙ୍କର ଜୀବିକାରେ ଗତ ୩ ବର୍ଷରେ ଖାସ୍ କିଛି ପ୍ରଭେଦ ଘଟି ନାହିଁ। ନ ୩୩୩ ଜଣ ମଧ୍ୟରୁ ନ ୬୧ ଜଣର ଠିକଣା ମିଳି ନାହିଁ। ଅନ୍ୟମାନଙ୍କ ସମ୍ବନ୍ଧରେ ଜଣା ଯାଇଅଛି କି ଗୃହକାର୍ଯ୍ୟ ଶିକ୍ଷିଥିବା ନ ୧୬୫ ଜଣ ମଧ୍ୟରୁ ନ ୭୦ ଜଣ ସେ ଜୀବିକା କରୁଅଛନ୍ତି ଏବଂ ଏହା ଛଡ଼ା ନ ଶିକ୍ଷିଥିବା ନ ୧୯ ଜଣ ତହିଁରେ ନିଯୁକ୍ତ ଅଛନ୍ତି। ନ ୧୦୮ ଜଣ ମଧ୍ୟରୁ ନ ୫୨ ଜଣ ଶିକ୍ଷିଥିବା ଶିଳ୍ପାଦି ଜୀବିକା, ନ ୪୭ ଜଣ ଅନ୍ୟାନ୍ୟ ଜୀବିକା ଅବଲମ୍ବନ କରୁଅଛନ୍ତି, ନ ୩୨ ଜଣ ବେକାର ଅଛନ୍ତି ଏବଂ ନ ୨୫ ଜଣ ପୁଣି ଅପରାଧ କରି କଏଦ ହୋଇଅଛନ୍ତି। ଅତଏବ ଶିକ୍ଷାର ଫଳ ସନ୍ତୋଷଜନକ ଦେଖା ଯାଉ ନାହିଁ। ଜୀବିକା ନିର୍ବାହର ଶିକ୍ଷା ଦେବା ଉଚିତ ବୋଲି ଗବର୍ଣ୍ଣମେଣ୍ଟ ଯାହା ବିଚାର କରୁଅଛନ୍ତି ତହିଁରେ ଦ୍ୱିମତ ହୋଇ ନ ପାରେ। ମାତ୍ର ଯାହା ଶିକ୍ଷା ଦିଆଯାଉଅଛି ତହିଁରେ ଯେବେ ଶିକ୍ଷିତ ଲୋକମାନେ ପେଟ ପାଳି ପାରୁ ନାହାନ୍ତି ତେବେ ସେ ଶିକ୍ଷା ବିଫଳ ହେଉଅଛି। ଏଥିପାଇଁ ଯେ କାର୍ଯ୍ୟ ଶିଖିଲେ ଦାସ୍ତରେ ଚଳି ପାରିବ ତହିଁପ୍ରତି ବିଶେଷ ଦୃଷ୍ଟି ରଖିବା ଆବଶ୍ୟକ। ଅଲିପୁରରେ ଲୁଗାବୁଣା ଶିଖାଇବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟ ନିକଟରେ ମଞ୍ଜୁର କରିଅଛନ୍ତି। ମାତ୍ର ସେଠା ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠିଯିବା ପ୍ରସଙ୍ଗ ବିଚାର ହେଉଥିବାରୁ ସେ କାର୍ଯ୍ୟ ସ୍ଥଗିତ ଅଛି। ଅଳ୍ପଦିନ ହେଲା କାନପୁରର କ୍ଲୁପଇଅଲେନ କମ୍ପାନି ଏହି ସ୍କୁଲ ସମୂହର ପିଲାମାନଙ୍କୁ ନେଇ ଚମ ଭଜ୍ୟିର ଏବଂ ବଢ଼େଇ, କମାର ଇତ୍ୟାଦି କାର୍ଯ୍ୟ ଶିଖାଇବା କାରଣ ପିଲା ମାଗିବାରୁ ଗବର୍ଣ୍ଣମେଣ୍ଟ ତହିଁରେ ଆନନ୍ଦିତ ହୋଇଅଛନ୍ତି ଏବଂ ଆଶା କରୁଅଛି ସେମାନେ ଯାହା ଶିଖିବେ ସେ କାର୍ଯ୍ୟ କରି ପେଟ ପାଳି ପାରିବେ। ଅତଏବ ଏଥିର ସୁବିଧା ନିମନ୍ତେ ପିଲାମାନଙ୍କୁ ସ୍କୁଲ ବାହାରେ କାର୍ଯ୍ୟ କରିବାର ଅନୁମତିପତ୍ର ପ୍ରଦାନ ସମ୍ବନ୍ଧୀୟ ନିୟମାବଳୀ ସମୁଚିତରୂପେ ସହଜ କରି ଦେବା ସ୍ଥିର ହୋଇଅଛି ସୁଖର ବିଷୟ ଅଟେ।

## ମିଉନିସିପାଲ ଟିକସ ଅତ୍ୟାଚାର

ଏ ନଗରର ମିଉନିସିପାଲ ଟିକସ ବନ୍ଦୋବସ୍ତ ଘଟିତ ଅତ୍ୟାଚାର ସମ୍ବନ୍ଧରେ କରଦାତାମାନଙ୍କର ଦୁଃଖ ଓ ଦୁର୍ଦ୍ଦଶା ଯଥାମତେ ସର୍ବସାଧାରଣଙ୍କୁ ଜଣାଇଅଛୁଁ ଏବଂ ସେହି ଅତ୍ୟାଚାର ନିବାରଣ ଏବଂ ସୁବିଚାର ପ୍ରଦାନ ନିମନ୍ତେ ମିଉନିସିପାଲ କମିଶନରମାନଙ୍କୁ ଦୃଢ଼ରୂପେ ଅନୁରୋଧ କରୁଅଛୁଁ। ସେ ବିଷୟରେ ଅଧିକ କିଛି କହିବାର ନାହିଁ। ପରନ୍ତୁ ପ୍ରଜାମାନଙ୍କର ରକ୍ଷାବେକ୍ଷଣ ଏବଂ ସକଳପ୍ରକାର ଅତ୍ୟାଚାର ନିବାରଣର ଭାର ଗବର୍ଣ୍ଣମେଣ୍ଟଙ୍କ ହାତରେ ରହିଅଛି ଏବଂ ଗବର୍ଣ୍ଣମେଣ୍ଟ ସେହି ଭାର ଜିଲା ମାଜିଷ୍ଟ୍ରେଟ ଏବଂ ବିଭାଗୀୟ କମିଶନରଙ୍କଦ୍ୱାରା ନିର୍ବାହ କରନ୍ତି। ମିଉନିସିପାଲ ଆଇନରେ ମଧ୍ୟ ଜିଲା ମାଜିଷ୍ଟ୍ରେଟ ଏବଂ ବିଭାଗୀୟ କମିଶନରଙ୍କ ମିଉନିସିପାଲିଟିର ସକଳ ବିଷୟ ପ୍ରତି ଦୃଷ୍ଟି କରିବାର ଅଧିକାର ପାଇଅଛନ୍ତି। ଅତଏବ ସେହିମାନଙ୍କୁ ବିଶେଷ କରି ପୁନି ଗୁରୁକଥା ଜଣାଇବା ବର୍ତ୍ତମାନ ଆମ୍ଭମାନଙ୍କର ଅଭିପ୍ରାୟ ଅଟେ। ଗତଥର ଏହି ନଗରର ମିଉନିସିପାଲ ଟିକସ ବନ୍ଦୋବସ୍ତ ସମୟରେ ଆସେସର ଯଥେଚ୍ଛା ଟିକସ ବଢ଼ାଇ ଦେଇଥିଲେ। ଅପିଲ କମିଟିର ସୁବିଚାରରେ କରଦାତାମାନେ ସେ ଦାୟରୁ ରକ୍ଷା ପାଇଲେ। ମାତ୍ର ଜିଲା ମାଜିଷ୍ଟ୍ରେଟ କୌଣସି ଅନୁସନ୍ଧାନ ନ କରି ରିପୋର୍ଟ କଲେ କି ଆସେସର ଠିକ ବନ୍ଦୋବସ୍ତ କରିଥିଲେ ମାତ୍ର ମିଉନିସିପାଲ କମିଶନରମାନେ ଅପିଲ କମିଟିରେ ବସି ଟିକସ ଊଣା କରିଦେଲେ। ବିଭାଗୀୟ କମିଶନର ମଧ୍ୟ କୌଣସି ତଦନ୍ତ ବିନା ମାଜିଷ୍ଟ୍ରେଟଙ୍କର କଥା ବିଶ୍ୱାସ କଲେ ଏବଂ ମାନ୍ୟବର ଲେପ୍ଟେନାଣ୍ଟଗବର୍ଣ୍ଣର ସେହି କଥା ଗ୍ରହଣ କରି ମିଉନିସିପାଲ କମିଶନରମାନଙ୍କର ଅଯୋଗ୍ୟତା ପ୍ରଚାର କଲେ। ଜିଲା ବା ବିଭାଗୀୟ ହାକିମ କିଛି ଶ୍ରମ ସ୍ୱୀକାର କରି ଗୋଟିକେତେ ଅପିଲ ନଥି ସରଜମିନ ତଦନ୍ତ କରି ପରୀକ୍ଷା କରିଥିଲେ ସ୍ପଷ୍ଟ ଜାଣିପାରିଥାନ୍ତେ ଯେ ପ୍ରକୃତରେ ଆସେସର ଅନ୍ୟାୟରୂପେ କର ବଢ଼ାଇଥିଲେ ଏବଂ ମିଉନିସିପାଲ କମିଶନରମାନେ ନ୍ୟାୟସଙ୍ଗତରୂପେ ବିଚାର କରି ଉଚିତ କର ଧାର୍ଯ୍ୟ କରିଥିଲେ। ଜିଲା ମାଜିଷ୍ଟ୍ରେଟ ଏବଂ ବିଭାଗୀୟ କମିଶନରଙ୍କର ସଦରସ୍ଥାନ ଏହି ନଗର ଅଟେ ଏବଂ ଏଠାରେ ସର୍ବଦା ବାସ କରନ୍ତି। କରଦାତାମାନେ ସଭା ସମିତି କରି ଦୃଢ଼ରୂପେ ପ୍ରକାଶ୍ୟ ଭାବରେ ଦୁଃଖ ଜଣାଇଲେ ମଧ୍ୟ ସେମାନଙ୍କର ଆସନ ଟଳି ନାହିଁ, ନିଜ ନିଜ କଚେରୀ ବା କୋଠିରେ ବସି ଯାହା ଶୁଣିଲେ ବା ଜାଣିପାରିଲେ ତାହାହିଁ ରିପୋର୍ଟ କରିଦେଲେ ଏବଂ ଗବର୍ଣ୍ଣମେଣ୍ଟ ସେହି କଥା ସେମାନଙ୍କ ବାର୍ଷିକ ନିର୍ଦ୍ଧାରଣରେ ସର୍ବସାଧାରଣରେ ପ୍ରଚାର କରିଦେଲେ। ଏ ଥରର ଘଟଣା ତହିଁର ବିପରୀତ ହୋଇଅଛି। ଅର୍ଥାତ୍ ଆସେସରଙ୍କର ଅନ୍ୟାୟ ଚିରଧାର୍ଯ୍ୟ ଅଧିକାଂଶସ୍ଥଳେ ଅପିଲରେ ବାହାଲ ହୋଇଅଛି ଏବଂ ଯେଉଁ ଅଳ୍ପ ସ୍ଥଳରେ ଅଂଶିକ ଟିକସ ଊଣା ହୋଇଅଛି ତହିଁର ଅଧିକାଂଶ ସ୍ଥଳେ ଯେ ପରିମାଣ ଊଣା ହେବା ନ୍ୟାୟସଙ୍ଗତ ତାହା ହୋଇ ନାହିଁ। ଅନ୍ୟ ନଗରରେ କେତେ ସ୍ଥଳେ ଆସେସର ଅକାରଣ ଇଚ୍ଛାମତେ ଊଣା ଟିକସ ବନ୍ଦୋବସ୍ତ କରିବାର ଶୁଣୁଅଛୁଁ। ଏଥର ଘଟଣା ଅଳ୍ପ ଏବଂ ମୋଟରେ ଅନ୍ୟାୟରୂପେ ଟିକସ ବଢ଼ିଅଛି। ସେତେବେଳେ ଟିକସର ଅତି ଊଣା ଦେଖି ଜିଲା ମାଜିଷ୍ଟ୍ରେଟ ତହିଁର ପ୍ରକୃତ କାରଣ ଅନୁସନ୍ଧାନ ନ କରି ମିଉନିସିପାଲ କମିଶନରମାନଙ୍କର ଦୋଷ ଧରିଥିଲେ ସେତେବେଳେ ଏଥର ଅତି ବଢ଼ିବାର ଦେଖି କମିଶନରମାନଙ୍କ ଉପରେ ସନ୍ତୁଷ୍ଟ ହେବାର ସମ୍ଭାବନା। ମାତ୍ର ନ୍ୟାୟମତେ ବୃଦ୍ଧି ହୋଇଅଛି କି ନା ତାହା ବୁଝିବା ତାହାଙ୍କର ଗୋଟିଏ ପ୍ରଧାନ କର୍ତ୍ତବ୍ୟ ଅଟେ। ଟିକସ ଧାର୍ଯ୍ୟ ସମ୍ବନ୍ଧରେ ଆଇନ ଯାହା ଅଛି ତଦନୁସାରେ କର ଧାର୍ଯ୍ୟ ହେଲେ କାହାର ଶିକାୟତ କରିବାର ହେତୁ ନାହିଁ। ଆଇନ ଅନୁସାରେ କାର୍ଯ୍ୟ ହୋଇଅଛି କି ନା ବିଶେଷତଃ ଗବର୍ଣ୍ଣମେଣ୍ଟ ପୁନଃ ପୁନଃ ଯାହା ସାବଧାନ କରି ଦେଇଅଛନ୍ତି କି ଏପରି ନ୍ୟାୟସଙ୍ଗତରୂପେ ଟିକସ ଧାର୍ଯ୍ୟ ହେବା ଉଚିତ କି ଯେମନ୍ତ ବଡ଼ଲୋକମାନଙ୍କର ଉଚିତ କରସ୍ଥଳ ଲାଘବ ହୋଇ ଗରିବମାନଙ୍କ ଉପରେ ତାହା ଭିଡ଼ା ନ ଯାଏ କାର୍ଯ୍ୟତଃ ତାହା ପ୍ରତିପାଳିତ ହୋଇଅଛି କି ନା ଏହା ଦେଖିବାର ଭାର ଯେ ସ୍ଥଳେ ସ୍ଥାନୀୟ ହାକିମମାନଙ୍କ ଉପରେ ରହିଅଛି ସେ ସ୍ଥଳେ ଏ ନଗରର ମିଉନିସିପାଲ କମିଶନରମାନେ ଏଥରକି ଟିକସ ବନ୍ଦୋବସ୍ତ କିପରି କରିଅଛନ୍ତି ତାହା ବିଶେଷ ଅନୁସନ୍ଧାନ କରି ଦେଖିବା ଏକାନ୍ତ ଆବଶ୍ୟକ ହେଉଅଛି। ମୋଟଫଳ ଦେଖି ତାହା ବୁଝାଯାଇ ନ ପାରେ।

Digitized by srujanika@gmail.com

ନୂଆ ଗୃହ ବଜାରର କେତେଜଣ ଆପତ୍ତିକାରୀ କରଦାତାର ଅବସ୍ଥା ଓ ଘର ଦେଖି ଥିଲେ ଜାଣନ୍ତି କେତେଦୂର ନ୍ୟାୟସଙ୍ଗତ ହୋଇଅଛି ବୁଝିଲେ ଅନାୟାସରେ ପ୍ରକୃତ କଥା ଜଣା ପଡ଼ିବ । ଟିକସ ବଢ଼ାଇବା ବା କମାଇବା କଲି ମାଜିଷ୍ଟ୍ରେଟଙ୍କର ଆଇନସଙ୍ଗତ କାର୍ଯ୍ୟ ନୁହେ ଏବଂ ତହିଁ ପାଇଁ ତାହାଙ୍କୁ ଅନୁରୋଧ କରୁ ନାହୁଁ । ମାତ୍ର ଆସେସର ଏବଂ ମିଉନିସିପଲ କମିଶନରମାନେ କରଦାତାଙ୍କ ପ୍ରତି ସୁବିଚାର ବା ଅବିଚାର କରୁଅଛନ୍ତି ଏ କଥା ଯେତେଦୂର ସମ୍ଭବ ନିସ୍ପୃହରୂପେ ଜାଣି ଉଚିତ କଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା ତାହାଙ୍କର ଗୋଟିଏ ଗୁରୁତର କାର୍ଯ୍ୟ ଅଟେ ଏବଂ ପ୍ରକୃତ ଅନୁଭବ ବିନା ତାହା ଉତ୍ତମରୂପେ ନିର୍ବାହର ଅନ୍ୟ ପନ୍ଥା ନାହିଁ । ଅତଏବ ତାହାଙ୍କୁ ନିଜେ ଅନୁସନ୍ଧାନ କରିବାର କଷ୍ଟସ୍ୱୀକାର କରିବାକୁ ଅତ୍ୟନ୍ତ ବିନୟଭାବରେ ଅନୁରୋଧ କରୁଅଛୁଁ ।

---

ପ୍ରାପ୍ତ ।

ଜଳକର ।

ଅନାବୃଷ୍ଟି ସମୟରେ କେନାଲ ଜଳର ଉପକାରିତା ଲୋକେ ବୁଝିଲେ ମଧ୍ୟ ତାହା ପ୍ରତି ସେମାନଙ୍କର ଅନାଦର କାହିଁ କି ? ବର୍ଷାଜଳରୁ ଏହୋବେଲେକେ ନାଶ ନ ହେଲେ ସେମାନେ କବୁଲିୟତ ଦେବାକୁ ଯାନ୍ତି ନାହିଁ; କବୁଲିୟତ ଦେବାବେଳେ ଅତ୍ୟନ୍ତ ଅନିଚ୍ଛାର ସହିତ ଦେଇଥାନ୍ତି । ଏହାର କାରଣ କୃଷିମାନେ ନିମ୍ନ ଲିଖିତରୂପେ ନିର୍ଦ୍ଦେଶ କରନ୍ତି;—

୧ । କବୁଲିୟତ ମିଆଦ ଦୀର୍ଘ ହେବା ।

୨ । କେନାଲ ଜଳଦ୍ୱାରା ଯେଉଁ ସବୁ ଜମି (ଅର୍ଥାତ୍ ଅତି ଉଚ୍ଚ ବା ଅତି ଖାଲ) ର ଉପକାର ହୁଏ ନାହିଁ ତାହାକୁ ସବୁ ଛାଡ଼ ନ ପାଇବା, ଜମା ଯେଉଁଠାରେ ଛାଡ଼ ମିଳେ ତାହା ସାଧାରଣତଃ "ବ୍ୟୟ" ସାଧ୍ୟ ଥିବା ।

୩ । ଜଳ କବୁଲିତ ଦେଇ ସୁଦ୍ଧା ଆବଶ୍ୟକମତେ ଜଳ ନ ପାଇବା ଏବଂ ଯେଉଁ କେନାଲ କର୍ମଚାରୀମାନଙ୍କଠାରେ ଯେଉଁକୁ ଜଳ ଛାଡ଼ିବାର ଭାର ଥାଏ ପ୍ରତିଥର ସେମାନଙ୍କର ତୁଷ୍ଟି ସାଧନ କରିବାକୁ ପଡ଼ୁଥିବା ।

ଉପରୋକ୍ତ କାରଣମାନଙ୍କ ସମ୍ବନ୍ଧରେ ସଂକ୍ଷେପରେ କିଛି କହିବା ବର୍ତ୍ତମାନ ଆମ୍ଭର ଉଦ୍ଦେଶ୍ୟ ।

୧ । ଆମ୍ଭ ଏଠାରେ କୃଷିମାନେ ଦଶବର୍ଷ ସକାଶ ଜଳ କବୁଲିତ ଦେଇଅଛନ୍ତି । ଏହି ଦଶବର୍ଷ ମଧ୍ୟରେ ହୁଏତ ଦୁଇବାର ଅନାବୃଷ୍ଟି ବା ଅଳ୍ପ ବୃଷ୍ଟି ହେବରୁ କେନାଲ ଜଳର ସହାୟତା ଅବଶ୍ୟକ ହୋଇ ପାରେ; ସୁତରାଂ ଦୁଇ ବର୍ଷ ବିପଦରୁ ରକ୍ଷା ପାଇବା ସକାଶ ଦଶବର୍ଷ ପାଇଁ ଜଳକର ଦେବାକୁ ପଡ଼ିବ ଅର୍ଥାତ୍ କେନାଲ ଜଳ ଯୋଗୁଁ ଦୁଇ ବର୍ଷରେ ଯେଉଁ କ୍ଷତିରୁ ରକ୍ଷା ପାଇବାକୁ ହେବ ଦଶବର୍ଷର ଜଳକର ଦେଇ ଦେଖିଲେ ଲାଭ ପ୍ରାୟ କିଛି ରହେ ନାହିଁ । ତେବେ ଲାଭ ମଧ୍ୟରେ ଏତିକି କୁହାଯାଇପାରେ ଯେ ଫସଲ ନ ହେବା ହେତୁ କୃଷିକୁ ଯାହା ଅନ୍ୟର ଦ୍ୱାରସ୍ଥ ହେବାକୁ ହୁଅନ୍ତା ତାହା ତାକୁ ହୁଏ ନାହିଁ ଏବଂ ଦୁଇ ବର୍ଷର ଯାହା କ୍ଷତି ହୋଇଥାନ୍ତା ତାହା ତାକୁ ଦଶବର୍ଷ ମଧ୍ୟରେ ବାଣ୍ଟିଦେଇ ଭର ସହିବାକୁ ପଡ଼େ । କବୁଲିୟତ ମିଆଦ ଏତେ ଦୀର୍ଘକାଳ କର ନ ଯାଇ ନିତାନ୍ତପକ୍ଷେ ତିନି ବର୍ଷ ରଖା ଯାଉଥିଲେ କୃଷିମାନେ ଜଳକର ଦେବାକୁ ପଛଘୁଞ୍ଚା ହେଉ ନ ଥାନ୍ତେ ।

୨ । ପ୍ରତ୍ୟେକ ମୌଜାରେ ଏକଥଣ୍ଡେ ଏପରି ଅନେକ ଜମି ଅଛି ଯାହା ସବୁ ଯେତେ ମନ୍ଦବୃଷ୍ଟି ହେଲେ ସୁଦ୍ଧା କେନାଲ ଜଳର ପ୍ରୟୋଜନ କରେ ନାହିଁ; ଅନ୍ୟଆଡ଼େ ଏପରି କେତେକ ଜମି ଅଛି ଯେଉଁ ସ୍ଥାନକୁ ଯେତେ ଚେଷ୍ଟାକଲେ ସୁଦ୍ଧା କେନାଲଜଳ ମାଡ଼ି ପାରିବ ନାହିଁ । କର୍ମଚାରୀମାନେ ଯେବେ ନ୍ୟାୟାନୁଗତ ହୋଇ ସେହି ସବୁ ଜମିଗୁଡ଼ିକ ଜଳକରରୁ ଛାଡ଼ ଦେଉଥାନ୍ତେ ତାହାହେଲେ ଜଳକର ପ୍ରତି ଲୋକମାନଙ୍କ ଅଶ୍ରଦ୍ଧାର ଆଉ ଗୋଟିଏ କାରଣ ଦୂରୀଭୂତ ହୁଅନ୍ତା । ମାତ୍ର ଅନେକ ସ୍ଥଳରେ କର୍ମଚାରୀମାନଙ୍କର ନ୍ୟାଯ୍ୟ ଅର୍ଥାପେକ୍ଷ ହେଉଥିବାରୁ ଗରିବ କୃଷିମାନେ ବଡ଼ ହରବରରେ ପଡ଼ନ୍ତି । କର୍ମଚାରୀଙ୍କର ତୁଷ୍ଟି ସାଧନ ନ କରି ଯେଉଁ କୃଷୀ ନ୍ୟାୟ ଉପରେ ଯିବାକୁ ସାହସ କରେ ତାହାକୁ କିପରି ଅତିଷ୍ଠ ହେବାକୁ ହୁଏ ତାହାର ଗୋଟିଏ ନିଦର୍ଶନ ଦେଉଥାଉ । ମାତ୍ର ଏପରି ଘଟଣା ବିରଳ ନ ଥିବା ହେତୁ ଅନାବଶ୍ୟକ ମନେ କଲୁଁ । ସ୍ଥୂଳରେ ପ୍ରଣାଳୀର ଲୋଡ଼ିବା ପରବର୍ତ୍ତିରେ କୌଣସ ପ୍ରକାର କରକରରୁ ରକ୍ଷା ପାଇବା ଲୋକେ ଶ୍ରେୟସ୍କର ମନେ କରନ୍ତି । ଉଚ୍ଚତର କମେଇ ହୋଇ ନାହାର ପାଖକୁ ଯାଇଁ କୃଷୀ ଜମିର ଖଣ୍ଡେ ଦରଖାସ୍ତ ଲେଖାଏ । ଏଥିରେ କିଛି ମେହନ୍ତନା ଦେବାକୁ ପଡ଼େ । ପରେ ଖର୍ଚ୍ଚାନ୍ତ ହୋଇ ଦରଖାସ୍ତ ଖଣ୍ଡିକ କେନାଲ୍ପିଆ କର ଜମା ନିଜେ କମେଇ ହୋଇ ସେ ଖଣ୍ଡିକ ହାକିମଙ୍କ ହସ୍ତଗତ କରାଏ; ଶେଷରେ ଯାହାଙ୍କ କାର୍ଯ୍ୟର ଅମଳରେ ଦରଖାସ୍ତ ଖଣ୍ଡି ଯାଇଥାଏ ତଦାରଖ ଓ ରିପୋର୍ଟ ସକାଶ ତ.ଙ୍କର ହାତରେ ସେଖଣ୍ଡି ଅର୍ପଣ ପଡ଼େ । ଏଥିରେ ଯାହାହେବାର ସ୍ୱାଭାବିକ ତାହା ହୁଏ । ଗରିବ କୃଷୀ ପଇସା ଖର୍ଚ୍ଚ କରି ହସ୍ତଗତ କରିକରି ହୋଇ ଭୁଲି ହୋଇ ଘରକୁ ଯାଏ । ଏଣେ ପ୍ରତିକାର ଆଶାରେ ଯେବେ ଜଳକର ଦେବାରେ ଡେରି କରଆଏ ତାହା ହେଲେ ସାର୍ଟିଫିକେଟଦ୍ୱାରା ଘର ନିଲାମ ହୋଇ କର ଅସୁଲ ହୁଏ ଏବଂ ଦାଖ ଟଙ୍କା ଉପରେ ଆଉ ପାଞ୍ଚପଇସା ମଧ୍ୟ ବେଶୀ ଦେବାକୁ ପଡ଼େ । ସୁତରାଂ ଉଚ୍ଚତମ କର୍ମଚାରୀମାନଙ୍କର କୃଷିମାନଙ୍କୁ ରକ୍ଷା କରିବାକୁ ଆନ୍ତରିକ ଇଚ୍ଛା ଥିଲେ ମଧ୍ୟ କାର୍ଯ୍ୟ ଗତିରେ ପ୍ରତିକାର ପାଇବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇଉଠେ ।

୩ । ଏତେକଥା ଉପରେ ପୁଣି ଆବଶ୍ୟକ ବେଳେ ଜଳ ନ ପାଇବା କଷ୍ଟର ଅନ୍ୟତମ କାରଣ । ଜଳର ଆବଶ୍ୟକ ହେଲାରୁ ସେକ୍ସନ ଅଫିସରଙ୍କୁ ଜଣାଇଲେ ଯେ ମିଳିବ ତାହା ନୁହେ । କେତେଥର ଯାଇ ଅନୁସରଣ କରିବାକୁ ହେବ ଏବଂ ବାହ୍ୟତଃ ନୁହେ ବସ୍ତୁତଃ ବାବୁଙ୍କର ଓ ତାହାଙ୍କ ଅନୁଚର ପେଟ୍ରୋଲଙ୍କର ତୁଷ୍ଟି ସାଧନ କରିବାକୁ ପଡ଼ିବ ତେବେ ଯାଇ ଜଳ ମିଳିବ ।

ଏ ଅଞ୍ଚଳର ଲୋକେ ଜଳ କବୁଲିୟତ ଦେଇଅଛନ୍ତି । ଅତକାଳ ବର୍ଷାର ନିଗାନ୍ତ ଅଭାବ ଥିଲେ ସୁଦ୍ଧା କେନାଲ ଜଳଦ୍ୱାରା ଲୁଅ କାମ ପ୍ରାୟ ଶେଷ ହୋଇଆସିଲାଣି । ମାତ୍ର ବାରମ୍ବାର ଅଲଗା ସେକ୍ସନାଲ ଅଫିସରଙ୍କ ପାଖକୁ ଯାଇ ୨ ଲୋକେ ବିରକ୍ତ ହେଲେଣି । କେନାଲରେ ପାଣି ଭରା ଅଥଚ ଲୋକେ ପଇସା ଦେଇ ଜମି ଆବାଦ କରିବାକୁ ଜଳ ପାଉ ନାହାନ୍ତି । ସମୟ ୨ ରେ ଯାହା ପାଉଅଛନ୍ତି ତାହା ନିତାନ୍ତ ଅପ୍ରଚୁର ଥିବାରୁ ଆଶାନୁରୂପ କୃଷି କାର୍ଯ୍ୟ କରି ଉଠିପାରୁନାହାନ୍ତି । ମାତ୍ର ଏ କଥା ଆଗେ କହିବ ? ଜଣେ "ହାକିମ" ସଙ୍ଗରେ ଲଢ଼ିବା ଅପେକ୍ଷା ଚୁପ ହୋଇ ଘରେ ରହିବାକୁ ଏଠାକାର ନିରୀହ ପ୍ରଜାମାନେ ନିରାପଦ ମନେ କରନ୍ତି ।

ଆଶାକରୁଁ କର୍ତ୍ତୃପକ୍ଷମାନଙ୍କ ଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହେବ ।

ପଟ୍ଟାମୁଣ୍ଡାଇ } ଶ୍ରୀ ଯାଜେଶ୍ୱର ମହାନ୍ତି
୧୫।୮।୦୫ }

---

# ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

କଃକ ରେଃ କଲେଜର ପ୍ରୋଫେସର ବାବୁ ଉପେନ୍ଦ୍ରନାଥ ମୈତ୍ର ୪ର୍ଥ ଶ୍ରେଣୀକୁ ଉନ୍ନତ ପ୍ରାପ୍ତ ହେଲେ ।

ବିହାରର ସବ୍ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ନୃସିଂହନାଥ ଦାସ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

---

Split by PDF Splitter

Digitized by srujanika@gmail.com

ଅପେକ୍ଷରେ ସ୍ୱାସ୍ଥ୍ୟ, ହିତ ବିଷୟରେ ଅଭିଜ୍ଞ ଦେଖିପାରୁଥିଲେ । ଅଭିଜ୍ଞ ସନ୍ତୋଷଜନକ ହୋଇଥିଲା । ସୁତରାଂ ସ୍ୱୟଂ ମହାରାଜା ଏବଂ ଅପର ଦର୍ଶକମାନେ ସେମାନଙ୍କୁ ବିଶେଷ ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

ରମ୍ଭା, ଗଞ୍ଜାମ } ଅପଣଙ୍କର
୧୪।୮।୦୫ } ଶ୍ରୀ ଲୋକନାଥ ରାଜଗୁରୁ

ମହାଶୟ !

ଗତ ତା ୨ ରିଖ ଅଗଷ୍ଟ ସଂ ୩୧ ସଂଖ୍ୟା ଉତ୍କଳ ଓ ନବ ସଂବାଦରେ ପୁରୀର ସଂବାଦଦାତାଙ୍କ ଦ୍ୱାରା ପୁରୀ-ଶାଖା ସମିତିର ତୃତୀୟ ଅଧିବେଶନ ସମ୍ବନ୍ଧରେ ଆଲୋଚନା କରୁ "ସମିତିର ସୃଷ୍ଟିକର୍ତ୍ତା ମଧୁସୂଦନଙ୍କୁ" ବେଶ ଗୋଟିଏ ସାର୍ଟିଫିକେଟ ଦେଇ ଲେଖିଅଛନ୍ତି—

"ସମିତିର ସୃଷ୍ଟିକର୍ତ୍ତା ମଧୁସୂଦନ ସମିତିର କାର୍ଯ୍ୟ ମଧ୍ୟରେ ଲଣ୍ଠନ-ବତୀର କାର୍ଯ୍ୟଭାର—ଲଣ୍ଠନ ଦେଖାଇବା— ଗ୍ରହଣ କରିଥିଲେ; ବର୍ତ୍ତମାନ ଯେପରି ଅନୁମାନ କରାଯାଏ ସେଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ ତାଙ୍କର ଲଣ୍ଠନରୁ ତେଲ ଓ ବତୀ ଶେଷ ପ୍ରାୟ ହେଲାଣି— କିନ୍ତୁ ଏ ପର୍ଯ୍ୟନ୍ତ ବାଟ କେହି ଚିହ୍ନିଲେ ନାହିଁ । ଲଣ୍ଠନର କିଛି ଦୋଷ ନାହିଁତ ? ଇତ୍ୟାଦି, ଇତ୍ୟାଦି"

ଉପରୋକ୍ତ ମନ୍ତବ୍ୟରୁ ଦେଖାଯାଏ ସଂବାଦଦାତା ମହାଶୟ ଏଥିର ମର୍ମ ନ ଜାଣି ବାଟର ଦୋଷ ଦେଉଅଛନ୍ତି ! ସମିତି ଏହା ମଧୁବାବୁଙ୍କର ଜନ୍ମ—ଏହା ସମସ୍ତେ ଜାଣନ୍ତି ଅଟେ । ମଧୁବାବୁତ ଲଣ୍ଠନ ଦେଖାଇ ଅଛନ୍ତି ସତ, ତେବେ ଯଦି ସଂବାଦ ଦାତା ମହାଶୟଙ୍କ ପରି ସଦସ୍ୟମାନଙ୍କ ଅନ୍ଧାରକଣା ହୋଇଥାଏ ଓ ସେ ତେଲୁ ବାଟ ଦେଖି ନଥିବେ ନ ପାରନ୍ତି ତାହା ହେଲେ କ ପଥପ୍ରଦର୍ଶକର ବା ଲଣ୍ଠନର ଦୋଷ ହେଲା ? ବ୍ୟକ୍ତି ସମଷ୍ଟିର ଉଦ୍ୟୋଗରେ ସମିତିର ଉଦ୍ଦେଶ୍ୟ ଫଳବତୀ ବା ଅନ୍ୟଥା ହେବା ନିର୍ଭର କରେ । ଯଦି "ଲଣ୍ଠନ" ପ୍ରଦର୍ଶିତ ଆଲୋକ ଅନୁଗମନ ନ କରି ସ୍ୱଇଚ୍ଛାରେ ଅନ୍ଧାରରେ ବାଟ ଖୋଜି ହେବାକୁ ଯିବେ ତେବେ କି ବାଟ ଜଣା ହେବେ ନାହିଁ ? ଅମ୍ଭମାନଙ୍କର ଯେତେ ଦୂର ବିଶ୍ୱାସ "ଲଣ୍ଠନରୁ" ବତୀ ବା ତେଲ ସରିବାର ନୁହେ ଓ ତାହା ଈଶ୍ୱରଙ୍କ କୃପାରୁ "ଅନ୍ଧ ଲୋକମାନଙ୍କୁ ବାଟ ଦେଖାଇବା" ପାଇଁ ପ୍ରଚୁର ଅଟେ । ସମିତିର କାର୍ଯ୍ୟ ଅନାୟାସରେ ସାଧାରଣ ଆଲୋଚନା କରି ପାରନ୍ତି, କିନ୍ତୁ ବ୍ୟକ୍ତିଗତ ନିନ୍ଦା କରିବା କେବଳ ଅନୁଚିତ ଓ ଈର୍ଷାଭିବ ପରତନ୍ତ୍ର ଅଟେ । ସଂବାଦଦାତା ମହାଶୟଙ୍କ ଗୁରୁତ୍ୱ ତାଙ୍କର ମନ୍ତବ୍ୟରୁ ସ୍ପଷ୍ଟ ପ୍ରକାଶ ପାଉଅଛି ଯେ ସେ ଜଣେ ଭାଗ୍ୟହୀନ ଛିଦ୍ରାନ୍ବେଷୀ ଦୋଷଗ୍ରାହୀ ଅଟନ୍ତି । ମଧୁବାବୁ ସମିତି ଜନ୍ମରୁ ଯାହା କରିଅଛନ୍ତି ଓ କରୁଅଛନ୍ତି ତାହା ତାହାଙ୍କ ଅବିଦିତ ନାହିଁ କିନ୍ତୁ ସଂବାଦଦାତା ମହାଶୟ ବୁଝିପାରିବେ କି ସେ ଏପର୍ଯ୍ୟନ୍ତ କେତେ ସଇତାନିର ସ୍ୱାର୍ଥ ତ୍ୟାଗ କରିଅଛନ୍ତି ? ନିନ୍ଦୁକକୁ ଅପେକ୍ଷା ନାହିଁ ଦେଖାଇବା ନାହିଁ ସହଜ ଅନୁମୋଦନ । ସମିତିର ଉଦ୍ଦେଶ୍ୟ ଯେତେବେଳେ "ଜାତି"ର କାର୍ଯ୍ୟ ଅଟେ ଓ ଯଦି ସଂବାଦଦାତା ମହାଶୟ ତା ଅନ୍ୟ କେହି ଆଶଙ୍କା କରନ୍ତି ଯେ ମଧୁବାବୁଙ୍କର ଲଣ୍ଠନରୁ ବତି ବା ତେଲ ଶେଷ ପ୍ରାୟ— ତାହା ହେଲେ ଉକ୍ତ ମହାତ୍ମାମାନେ ତାହାଙ୍କ କାର୍ଯ୍ୟ ଯୋଗରେ ଉତ୍ତୀର୍ଣ୍ଣ ହେଉ ନାହାନ୍ତି । କଳିଯୁଗରେ ସ୍ୱାର୍ଥ ତ୍ୟାଗର ପୁରସ୍କାର କି "ତିରସ୍କାର" ଅଟେ !! ସଂବାଦଦାତା ମହାଶୟ 'ପାରଣ୍ଡ' ଘୋର ତୁଲ୍ୟ ଜାତୀୟ-ସଂସାର-ଜଙ୍ଗଲ-ମାଝରେ ସୁବର୍ଣ୍ଣ-ପୂର୍ଣ୍ଣ କୁସୁମ-କୁଞ୍ଜରେ ଗନ୍ଧର ନିମନ୍ତେ ମଧୁ ସଂଗ୍ରହ କରିବାପାଇଁ ଅହରହ ଉଡ଼ୁ ବୁଲୁଥିବାରେ ବ୍ୟସ୍ତ ! ଜଣେ ଦେଶହିତୈଷୀ ମହାତ୍ମାଙ୍କ ପର ବନ୍ଧୁଲୋକଙ୍କର ଗ୍ଲାନି ଘଟନାରେ ମନରେ କଷ୍ଟ ହେବାରୁ ଅଦ୍ୟ ଉପରୋକ୍ତ କେତୋଟି କଥା ଲେଖିବାକୁ ବାଧ୍ୟ ହେଲି, ଆଶା କରେଁ 'ସଂବାଦଦାତା' ମହାଶୟ ଓ ପାଠକ ବର୍ଗ ମୋର ଧୃଷ୍ଟତା କ୍ଷମା କରିବେ । ବାଟ ଜଣା ହୋଇ ସଂବାଦଦାତା ମହାଶୟ ଆଉ କଳକ କଲେଇବ ନାହିଁ । ଇତି ।

ଭାଙ୍ଗପୁର } ବଶମ୍ବଦ
୧୩।୮।୦୫ } ଶ୍ରୀ କ୍ଷୀରୋଦ ଚନ୍ଦ୍ର ଘଲ ହୀ

ଭ୍ରମସଂଶୋଧନ ।

୨୨।୭।୦୫ ର ୨୯ ସଂଖ୍ୟା ଦୀପିକାର ମୂଲ୍ୟପ୍ରାପ୍ତିରେ ଯାଜ, ଭାଗତେର ସ୍ଥଳେ ନାରାୟଣଚନ୍ଦ୍ର ମିଶ୍ର ବୋଲି ପଢ଼ିବାକୁ ହେବ ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ବ୍ରଜବନ୍ଧୁ ମିଶ୍ର | କଟକ | ଟ ୯ |
| ,, ଶ୍ୟାମସୁନ୍ଦର ନନ୍ଦ | ,, | ଟ ୯ |
| ରାୟ ବଇକୁଣ୍ଠ ଭିମବର | ଦେଉଳପଡ଼ା | ଟ ୩ |
| ଶ୍ରୀ ବାବୁ ଶ୍ୟାମସୁନ୍ଦର ନନ୍ଦ, | ,, | ଟ ୩ |
| ,, କୃଷ୍ଣଚନ୍ଦ୍ର ଦାସ ପୁରାତ ପୋଷ୍ଟଅଫିସ ଉଃ ମେଦନୀପୁର | | ଟ ୯ |
| ,, ପ୍ରାଣକୃଷ୍ଣ ତ୍ରିପାଠୀ | କଣ୍ଟାପଡ଼ା | ଟ ୨ |
| ,, ପଡ଼ମାନନ୍ଦ ମହାପାତ୍ର | ମୟୂରଭଞ୍ଜ | ଟ ୩ |
| ,, ଚକ୍ରଧର ଦାସ | ଅନୁଗୁଳ | ଟ ୩ |
| ,, ଲକ୍ଷ୍ମୀଧର ନନ୍ଦ | ବାଲେଶ୍ୱର ପିଠ । | ଟ ୯ |
| ,, କାଳୀଚନ୍ଦ୍ର ବନ୍ଦୋପାଧ୍ୟାୟ ସ୍ଥାନ କ ସାଣ | | ଟ ୩ |
| ,, ପାଟଳେଶ୍ୱର ମହାନ୍ତି | ମାଳୁଆ | ଟ ୩ |
| ,, ବିଶ୍ୱନାଥ ଗୁପ୍ତ ପୋଃ ମ ଭଞ୍ଜ ବଳ | | ଟ ୧୩ |
| ମହନ୍ତ ଭିକାରୀ ରାମାନୁଜ ଦାସ ଦାନକୀ ଦଣ୍ଡ ପୁର | | ଟ ୯ |
| ଶ୍ରୀ ବାବୁ ବଳଦେବ ଦାସ ଭରାଳ | ଭୁଦ | ଟ ୯ |
| ,, ସୁବ୍ରହ୍ମଣ୍ୟମ ଘଣ୍ଟା ଜ ୧୩୫ ଜଙ୍ଗଲ କଲ ବଧିକଣ୍ଠ | | ଟ ୩ |
| ,, ଦ୍ୱାରକାନାଥ ମହାନ୍ତି | ବାମନଘାଟି | ଟ ୨ |
| ,, ବ ମେ ଚର ଦେଳ | ବୁଢ଼ିଗ | ଟ ୨ |
| ,, ଗୋପୀନାଥ ରଥ ଅନନ୍ତପୁର ବସ୍ତା | | ଟ ୩ |
| ,, ବିଶ୍ୱନାଥ ଷଡ଼ଙ୍ଗୀ କାଳସୁର ପାଣ୍ଡବ ଶେଷେକିଆ | | ଟ ୧୨ |
| ମନସବ ଜମିଦାର ଟୀ ସଃ ପଃ ମୁରାପ କୋଟମପୁର | | ଟ ୨ |
| ଶ୍ରୀ ବାବୁ କୃଷ୍ଣ ଚନ୍ଦ୍ର ଦାସ ସଃପଡ଼ା ଗୋରି | | ଟ ୩ |
| ,, ଶୋଭାରାମ ମଲ ସୁନାହାର | | ଟ ୩ |

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପା ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| କଲ୍ପଦ୍ରୁମାଧ୍ୟାୟ ଅର୍ଥାତ୍ ବୀରଜନ୍ମକଥା | ୯ ୦ ୶ |
| ମଣିମନ୍ତ୍ରଭଗବଦ୍ଗୀତା | ୯ ୦ ୶ |
| ଧର୍ମପୁରାଣ | ୯ ୦ ୵ |
| ବହୁଲୀଳା | ଟ ୦ ୶ |
| ପୁଷ୍ପାବଳୀ | ୯ ୦ ୵ |
| ଭୁଯାଜିଷ୍ଟ ଜଗଣ | ୯ ୦ ୵ |

ଶସ୍ତା ମୂଲ୍ୟ, ସୌନ୍ଦର୍ଯ୍ୟ ଓ ସ୍ଥାୟିତ୍ୱ ବିଷୟରେ ଅତୁଳନୀୟ !!



କେବଳ ବିଜ୍ଞାପନରେ ମୋହିତ ହୁଅ ନାହିଁ । ସବୁ ଜିନିଷ ଓଜନ କରି ସ୍ୱୟଂ ବ୍ୟବହାର କରନ୍ତୁ, ସର୍ବଦା ବିଜ୍ଞାପିତ ଘଣ୍ଟାମାନଙ୍କ ମଧ୍ୟରୁ ଗୋଟିଏ କିଣ । କିଛି ଦିନ ମଧ୍ୟରେ ଜାଣିପାରିବ (ବିଶେଷତଃ) ମୂଲ୍ୟ ଅନ୍ୟ ସ୍ଥାନରୁ ଶସ୍ତା, ଏହା ଅପେକ୍ଷା ଜଗତରେ ଅନ୍ୟତ୍ର ମିଳିବ ନାହିଁ ।

ନିକେଲ ଘଡ଼ି ।

୧ । ନିକେଲ ନିର୍ମିତ ଗୋଲ ମୁଖ ଲିଭର୍ ସେକେଣ୍ଡରେ ସମୟ ରଖେ ଟ ୫
୨ । ,, ,, ,, ଷ୍ଟପ୍ତରେ ଗୋଲ ଗଢ଼ ଟ ୭
୩ । ,, ,, ଉତ୍କୃଷ୍ଟ ପ୍ରକାରର ଜାପାନରେ ଗୋ ୪ ହ ଗଢ଼ ଟ ୮
୪ । ,, ,, ହାତ କବଜାରେ ବାନ୍ଧିବା ପାଇଁ ଗୋଟିଏ ଟ ୯

ପେଃ ଚମତ୍କାର ଘଡ଼ୀ ସହିତ ୨ ୩୫ ୫ । ନୂତନ ପ୍ରକାର ଏ ଷ୍ଟପ, ସମ ୨ ୫

ରୂପାର ଘଡ଼ି ।

୬ । ରୌପ୍ୟ ନିର୍ମିତ, ଗୋଲ ମୁଖ ସୁନ୍ଦର ଟ ୭
୭ । ରୌପ୍ୟ ନିର୍ମିତ, ସେଇ ଉତ୍କୃଷ୍ଟ ପ୍ରକାର ଟ ୯
୮ । ,, ଦୁଇଟି ଲିଭରଯୁକ୍ତ ସୁନ୍ଦର ଟ ୮
୯ । ,, ,, ଅତିସୁନ୍ଦର ଷ୍ଟପରେ ଗୋ ୪ ହ
୧୦ । ,, ଅର୍ଦ୍ଧଚନ୍ଦ୍ର ରଚନାଯୁକ୍ତ ଧନି-ସୂଚକ ଷ୍ଟପରେ ଗୋ ୧୫ ହ ଡ଼େକନା ଟ ୧୨ (ଉତ୍ତରବ୍ୟା ଟ ୧୦
୧୧ । ,, ଅଦ୍ଭୁତ ବାଜାଇବା ହାତ କବଜାରେ ବାନ୍ଧିବାର ଉପଯୋଗୀ, ଟଙ୍କା ପର୍ଯ୍ୟନ୍ତ, ଚମତ୍କାର
୧୨ । ,, ଉତ୍କୃଷ୍ଟ ଟ ୧୦ [ସୁନ୍ଦର ପଶ୍ଚ ସହିତ ଟ ୮

J. G. ANDREW & Co,
12 College Square ( U ) Calcutta.

Split by PDF Splitter
Digitized by srujanika@gmail.com

Split by PDF Splitter




Air Rifle

ହଉା ପାସର ବନ୍ଧୁକ ।

ବ୍ୟବହାର କରନ୍ତୁ । ଏହା ବ୍ୟବହାର କଲେ ବାରୁଦ ଅଥବା ଟୋଟାର ଅବଶ୍ୟକ ହୁଏ ନାହିଁ ପବନ ବଳରେ ପ୍ରାୟ ୨୦୦ ଫୁଟ ପର୍ଯ୍ୟନ୍ତ ସଜୋରରେ ଏହାର ଗୁଳି ଗୁଡ଼ିବ । ଏହା ଦ୍ୱାରା ଛେଳି, ବଣ୍ଡ଼, ସମସ୍ତ ପ୍ରକାର ପଶୁ ପକ୍ଷୀ ଏବଂ ଜନ୍ତୁମାନ ମତ୍ସ୍ୟ ଶିକାର କରଯାଏ । ମନୁଷ୍ୟକୁ ମାରିଲେ ପ୍ରାଣର ହାନି ହୁଏ ନାହିଁ ସତ୍ୟ କିନ୍ତୁ ସାଂଘାତିକରୂପେ ଜଖମ କରଯାଏ ଅତଏବ ସାଧାରଣଙ୍କ ନିକଟରେ ଚୋର ଓ ଡକାୟତ ଓ ବଦମାସମାନଙ୍କ ହସ୍ତରୁ ଧନ ସମ୍ପତ୍ତି ଏବଂ ପରିବାର ବର୍ଗଙ୍କର ମାନ ସମ୍ଭ୍ରମ ରକ୍ଷାକର ଅତ୍ୟନ୍ତ ଉତ୍ତମ । କିନ୍ତୁ ଏହି ବନ୍ଧୁକ ଗୋଟିଏ ଘରେ ଥିଲେ ଆଉ ସେ ଭୟ ଥିବ ନାହିଁ । ଏହି ବନ୍ଧୁକ ଘରେ ରଖିବାକୁ ବା ବ୍ୟବହାର କରିବାକୁ ପୁଲିସର ଲାଇସେନ୍ସ ନେବାକୁ ହୁଏ ନାହିଁ ଏବଂ ନିର୍ଭୟପଦରେ ବ୍ୟବହାର କରଯାଏ ।

ମୂଲ୍ୟ "କିଂ" ବନ୍ଧୁକ ୧ ଟ ୧୦ ୧
"ଲୁଇନ" ଟ ୧୨ ୧ ଓ୍ୱାଟର ଟ ୧୨
ଚ୍ଚଲଟି ଟ ୫ ୧ ପ୍ରିନ୍ସ ଟ ୫

ପ୍ୟାକିଂ ଓ ପୋଷ୍ଟେଜ ଟ ୧। ଅଣା ।

ପ୍ରତ୍ୟେକ ବନ୍ଧୁକର ସହିତ ୧ ବୌଖା ଗୁଳି ଓ ବ୍ୟବହାରର ନିୟମାବଳୀ ବିନାମୂଲ୍ୟରେ ଦିଆଯାଏ ।

ପ୍ରାପ୍ତିସ୍ଥାନ

ମେସାର୍ସ, ମହନ୍, ଏଣ୍ଡ ରବର୍ଟସ୍
୪୬।୫ ମିର୍ଜାପୁର ଷ୍ଟ୍ରିଟ
କଲିକତା



ଗଭର୍ଣ୍ଣମେଣ୍ଟ ମେଡିକଲ ଡିପ୍ଲୋମା ପ୍ରାପ୍ତ

ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କବିରାଜୀ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ନରମ ହୁଏ, ମସ୍ତକର ରୂକ୍ଷ ବିନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ । ଶିର, ମସ୍ତିଷ୍କ ଦୌର୍ବଲ୍ୟ ସ୍ୱପ୍ନସ୍ୱ ଚଞ୍ଚଳତା ନୟନ ମୁଣ୍ଡ ଘୂର୍ଣ୍ଣ, ଉନ୍ମାଦ, ବୁଦ୍ଧି ଦୌର୍ବଲ୍ୟ ଏ ସାରର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ଏକବୋତଲ ଟ ୧ ପ୍ୟାକିଂ ଓ ଡାକମାସୁଲ ଟ ୦ ।/

# ପ୍ରମେହ ବିନ୍ଦୁ ।

ସବୁପ୍ରକାର ମେହ ବା ଗନୋରିୟାର ମହୌଷଧ । ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ପ୍ରକାର ମେହ, ପୁରାତନ ମେହ, ସବୁଣାଦ୍ୱାରା ଫଳ ଏବଂ କ୍ଷତ ପ୍ରଭୃତିର ପ୍ରଧାନ ଔଷଧ । ରୋଗୀ ସୁଦ୍ଧ ବଞ୍ଚି ନିକଟସ୍ଥ ହବ ଆରୋଗ୍ୟ ଲାଭ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା ଦେଇ ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତିଶିଶି ଓ ଏକ ବୌଖା ବଟିକାର ମୂଲ୍ୟ ଟ ୧।
ଡାକମାସୁଲ ଟ ୦ ।୵

# ଅଶୋକାରିଷ୍ଟ ।

ସବୁ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁଅନିୟମ ପେଟର ବେଦନା, ଗର୍ଭଧାରଣର ଅକ୍ଷମତା, ପ୍ରସବାନ୍ତରରେ ସନ୍ତାନ ହେବାର ଅଶଙ୍କା ଦୂରୀଭୂତ କରେ ।

ପ୍ରତି ଶିଶି ଓ ଏକ ବୌଖା ବଟିକାର ମୂଲ୍ୟ ଟ ୧।
ଡାକ ମାସୁଲ ଟ ୦ ।୵

ଅମୃତ ବଲ୍ଲୀ କଷାୟ ।

ପାରଦୋଷ, ନାଶକ ଓ ଉପଦଂଶର ଅଲୌକିକ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧। ଡାକମାସୁଲ ଟ ୦ ।୵



ଶୋଣିତ ଶୋଧକ ।

ନାନା ରକ୍ତ ଓ ଚର୍ମ ରୋଗର ଅଣ୍ଡ ବୃଦ୍ଧିକାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ ଲୁପ୍ତସତ୍ତ୍ୱ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଦୁଇ ବୌଖା ବଟିକା ଟ ୪
ଡାକମାସୁଲ ପ୍ରଭୃତି ଟ ୦।

# ପୁନର୍ନବାସବ ।

ଶୋଥ ଓ ଉଦରର ମହୌଷଧ ଏକ ବୋତଲ
ମୂଲ୍ୟ ଟ ୧ ଡାକମାସୁଲ ଟ ୦ ।୵

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ
କଟକର ଏକମାତ୍ର ଏଜେଣ୍ଟ
ବାଲୁବଜାର, ଚାନ୍ଦିନଚୌକ, କଟକ
ଅବା ନଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋଅରଚିତପୁର ରୋଡ଼
କଲିକତା



# ବିଜ୍ଞାପନ ।



ଶ୍ରୀଲାଲମୋହନ ସାହା ଶଙ୍ଖନିଧିର
ପୃଥିବୀ ବ୍ୟାପିତ

# ସର୍ବଜ୍ୱର ଗଜସିଂହ ।

୪୮ ଘଣ୍ଟା ମଧ୍ୟରେ ସବୁ ପ୍ରକାର ଜ୍ୱର ୧ ସପ୍ତାହରେ ପ୍ଳୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧। ମଧ୍ୟମ ଟ ୧୯ ଛୋଟ ଟ ୦୷/
ଡାକମାସୁଲ ୧ଠାରୁ ୭ ଶିଶି ଟ ୦ ।୵

# କଣ୍ଡୁ ଦାବାନଳ ।

ନାଲି ଆଦି ଖଟରୋଗ ବିନା କ୍ଲେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ୧ଠାରୁ ୭ ଶିଶି ଟ ୦୵

# ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଜାଦୁ ଆଦି ଚର୍ମରୋଗ ବିନା କଷ୍ଟରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ୧ଠାରୁ ୧୨ ଶିଶି ଟ ୦୵

ଏହି ନକଲ ହୋଇଅଛି ଏତଦ୍ଦ୍ୱାରା ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଔଷଧ କିଣନ୍ତୁ । ଏହା ସକଳ ସହର ବଡ଼ ଦୋକାନରେ ପାଇବେ ନ ପାଇଲେ ପୃଥିବୀର ଯେ କୌଣସି ସ୍ଥାନରୁ ଯେ କେହି ବାକ୍ସ ସ୍ଥାନରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱଲରେ ପଠାଉଁ । ଏହି ସମସ୍ତ ଔଷଧରେ ଅରୋଗ୍ୟ ନହେଲେ ମୂଲ୍ୟ ଫେରତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଧାରବାପ୍ରସାଦ କବିରାଜଙ୍କ ନିକଟ ମିଳେ ।

Lal Mohan Saha Sankhanidhi
Baburbazar, Dacca.



ଜଗଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରି ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୟ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପଇତର ସ୍ଥଳ ଭିନ୍ନ ଭେଲ୍ୟୁପେବଲ ପାର୍ଶ୍ୱଲରେ କାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ରିପ୍ଲାଇ କାର୍ଡ଼ ବା ଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

ଜଗଦବନ୍ଧୁ ଔଷଧାଳୟ, ଚଉଧୁରିବଜାର, କଟକ, ୩୦।୬।୧୯୦୪ — ଶ୍ରୀ ବାଳକୃଷ୍ଣଦାସ କବିରାଜ; ଶ୍ରୀ ରାମକୃଷ୍ଣ ମିଶ୍ର ମାନେଜର



IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilions Fevers, and mild form of Plague, Surgeon, Major Jayakar says: That it is asafe and reliable remedy.

Batliwalla & Co's Cholerol, specific tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA's, Worli—Dadar Bombay and everywhere.

At Re. 1 per bottle Discount to the Trade.


Digitized by srujanika@gmail.com

Split by PDF Splitter



# ନବରତ୍ନ ।



ଏହାଙ୍କ ବହୁସଙ୍କଳନ୍ତ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଆଡ଼ମ୍ବର ନିଷ୍ପ୍ରୟୋଜନ ।

୧ । ଧନ୍ୱନ୍ତରି ବଟିକା—ପ୍ରକୃତରେ ଧନନ୍ତରି । ଏହାଦ୍ୱାରା ପାଳି, ଏକୁଅ, କମ୍ପ, ଦେହ ଓ ଜୀର୍ଣ୍ଣଜ୍ୱର, ପ୍ଲୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ସୁତିକା ଓ ପଲଜ୍ୱର, ସ୍ୱଳ୍ପବିଷମଜ୍ୱର ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—ନ ୧ ମ୍ବର ଡବା ( ୧୫ ବଟିକା ) ଟ ୦୫/ ନ ୨ ମ୍ବର ଡବା ( ୩୦ ବଟିକା ) ଟ ୧/ । ନ ୩ ମ୍ବର ଡବା ( ୫୦ ବଟିକା ) ଟ ୧୩/ ।

୨ । ଦଦ୍ରୁ ଦାବାନଳ—ଏହା ଦାଦିଅ, ଚିମ୍ବୁଡ଼ିଅ, ଖୋଡ଼ି ବା ଉଶପାଚୁ ଓ ଅଣ୍ଡାପାଚୁ ପ୍ରଭୃତି ସର୍ବପ୍ରକାର ଶାହୁରି ପରୀକ୍ଷିତ ଓ ଅମୋଘ, ଜାଳା ଯନ୍ତ୍ରଣା ଶୂନ୍ୟ, ଅଶୁଫଳ ପ୍ରଦ ଓ ସୁଲଭ ଔଷଧ । ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ଫେରିବାର ହୁଏ ନାହିଁ । ମୂଲ୍ୟ—୧ ଡବା ଟ ୦। ଡଜନ ଟ ୨।

୩ । କର୍ଣ୍ଣ କାଳାନଳ—ଏଥିରେ କାନ୍ଧୁ କଣ୍ଠ ଅ ପ୍ରଭୃତି ନାନାପ୍ରକାର କର୍ଣ୍ଣରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ କାନ୍ଧରେ ଥିବା କୀଟାଣୁଗଣ ଅବିଳମ୍ବେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତିଡବା ଟ ୦।, ପ୍ରତି ଡଜନ ଟ ୨।

୪ । ଖତକୁଳାନ୍ତକ—ଏଥିରେ ସର୍ବପ୍ରକାର ଘା ଯଥା; ଗର୍ମି, ସିଙ୍ଗାପୁର ଘା ପ୍ରଭୃତି ଦୁଷ୍ଟକ୍ଷତ ଅତି ସହଜରେ ଓ ବିନା ଯନ୍ତ୍ରଣାରେ ଆରୋଗ୍ୟ ହୁଏ । ପିଲମାନଙ୍କର ଶ୍ରୀଚ୍ଛିନ୍ନ ଘା ବଳଦ ବା ବଳଦ ଘୋଡ଼ା ଘା ଉପରେ ମନ୍ତ୍ରବତ୍ କର୍ମ କରେ । ମୂଲ୍ୟ—ପ୍ରତି ଡବା ଟ ୦। ଓ ଡଜନ ଟ ୨

୫ । ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଡବା ଟ ୧।; ପ୍ରତି ଡଜନ ଟ ୧୨ ଙ୍କା

୬ । ପ୍ରମେହସୁଧା—ଶୈଶବର ଦୁଃଅଭ୍ୟାସରେ ପ୍ରମେହରୋଗ ଶରୀରର ପରମଶତ୍ରୁ । ଏହା ଶରୀରକୁ ଅକର୍ମଣ୍ୟ କଲେ ଭବିଷ୍ୟତର ସୁଖଆଶା ଅଙ୍କୁରରେ ନଷ୍ଟ କରେ । ଏପରି ଭୀଷଣ ରୋଗର କବଳରୁ ରକ୍ଷା ପାଇବାପାଇଁ ଏକ ମାତ୍ର ଔଷଧ ପ୍ରମେହସୁଧା । ଏଥିରେ ରୋଗର ବିଷ ସମ୍ପୂର୍ଣ୍ଣରୂପେ ଶରୀରରୁ ନଷ୍ଟ ହୁଏ ଓ ୭ ୨୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ନିବାରଣ ହୁଏ । ଏହା ରେତ ଧାତୁପୁଷ୍ଟି ଓ ବଳବର୍ଦ୍ଧକ ଧାତୁ ଦୌର୍ବଲ୍ୟନାଶକ ଏକ ଅପୂର୍ବ ଓ ଅନ୍ୟ କାହାର ଅବ୍ୟର୍ଥ ଅଶୁଫଳପ୍ରଦ ଅମୋଘ ଔଷଧ । ମୂଲ୍ୟ—ପ୍ରତିଡବା ଟ ୧।; ପ୍ରତିଡଜନ, ଟ୧୨(ଙ୍କା

୭ । କର୍ଣ୍ଣାମୃତତୈଳ—ଏହାଙ୍କ ନୂତନ ଓ ପୁରାତନ ସର୍ବପ୍ରକାର କାନପାଚ ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ ମୂଲ୍ୟ ପ୍ରତି ଶିଶି—ଟ ୦।/; ବାରଶିଶି ଟ ୪( ଙ୍କା

୮ । ଅମୃତରସ—ଯେପରି ନାମ ସେହିପରି ଗୁଣ ଡାକ୍ତରୀ ଓ ବୈଦ୍ୟ ରୋଗର ଅତ୍ୟନ୍ତ ଅଶୁଫଳପ୍ରଦ ଔଷଧ । ଅତ୍ୟନ୍ତ ମଧ୍ୟ ଏଥିରେ ଅମଶୂଳ, ଜୀର୍ଣ୍ଣଯୁକ୍ତ ପାତଳ ଝାଡ଼ା, ଗ୍ରହଣୀ, ଅତିସାର, କାଶ, ଶର୍ଦ୍ଦି ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ଟ୦। ଓ ଡଜନ ଟ୫ ଙ୍କା

୯ । କାମସୁନ୍ଦରତୈଳ—ଏହା ଅର୍ଦ୍ଧାଙ୍ଗ, ଅଣ୍ଡୁଗଣ୍ଠି ଅମବାତ ଓ ଅସାଡ଼ ଇତ୍ୟାଦି ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ଟ ୦।, ବାର ଶିଶି ଟ ୫( ଙ୍କା

ନବରତ୍ନ ବ୍ୟତୀତ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ପିପରି ଗଣ୍ଡି ଅର୍କ ପ୍ରତି ଶିଶି | ଟ ୦। | ବାରଶିଶି | ଟ ୫( |
| ପାନମହୁରି ଅର୍କ | ” | ଟ ୦। | ” | ଟ ୫( |
| ଅମୃତାଦ୍ୟ ଶାଳଷା | ” | ଟ ୧। | ” | ଟ୧୫( |
| ମାଲତୀକୁସୁମ ତୈଳ | ” | ଟ ୦।/ | ” | ଟ ୭( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉପେନ୍ଦ୍ରଚନ୍ଦ୍ର ଦାସ ବାଲେଶ୍ୱର

# ବିଜ୍ଞାପନ ।

## ସଞ୍ଜୀବନୀ ବଟିକା ।

ମାସୁଲ ଟ ୦।/

ରକ୍ତାମାଶୟର ମହୌଷଧ ସେବନରେ ପେଟକାମୁଡ଼ି ପେଟ କନ୍‌କନ୍ କରିବା ଓ ଶୂଳ ଇତ୍ୟାଦି ପ୍ରବଳ ରକ୍ତାମାଶୟ ଶୀଘ୍ର ଆରୋଗ୍ୟ ହୁଏ ।

ଗନୋରିଆ ବା ସଦ୍ୟ ମେହ । **ସୁଧାଇନ୍ଦୁ** ଅମୋଘ ଔଷଧ

ସେବନରେ ପୂଯ ରକ୍ତ ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଆଦି ଉପଦ୍ରବ ଶାନ୍ତ ହୁଏ, ସ୍ତ୍ରୀ ପୁରୁଷଙ୍କ ଗନୋରିଆ ବା ସଦ୍ୟ ମେହ ସର୍ବାବସ୍ଥାରେ ଆରୋଗ୍ୟଲାଭ ହୁଏ, ୨ ୩।୪ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାକେଟର ଟ ୧।, ଡା ଖ, ପି, ୨ ୦।/ ।

## ସର୍ବଷଡାନ୍ତକମଲମ

( ପାରଦାଦି ଦୂଷିତଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟାର ଟ ୧ ଙ୍କା ଭ, ପି ଟ୧।/

କଠିନ ଉପଦଂଶ କ୍ୟାନସର ଓ ସର୍ବବିଧ ଦୁଃସାଧ୍ୟ ଘା ଶୀଘ୍ର ଆରୋଗ୍ୟ ହୁଏ ।

## କାମକଳ୍ପତରୁ ରସାୟନ ।

ଏହା ସେବନରେ ନଷ୍ଟ ଇନ୍ଦ୍ରିୟ ସତେଜ, ସୁବଳ ମେହ ଶାନ୍ତ, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ କୃଶ ଦୁର୍ବଳ ଶରୀର ସ୍ଥୂଳ ( ମୋଟା ) ଓ ବଳିଷ୍ଠ ହୁଏ । ସାୟଂକାଳରେ ସେବନ କଲେ ଅଲୌକିକ ସ୍ଫୂର୍ତ୍ତି ଓ ବଳାଧିକ୍ୟ ଭାବ ଚୂଡ଼ାନ୍ତ ସୁଖ ଅନୁଭବ କରିବ ଦ୍ୱିବିଧ ଔଷଧପୂର୍ଣ୍ଣ ଏକ ବାକ୍ସର ମୂଲ୍ୟ ଭିଃ ପିଃ ମାସୁଲ ସମେତ ଟ ୧। ଏଥିରେ ରଙ୍ଗ ଅବା ଅଫିମ ନାହିଁ ।

ଶ୍ରୀ ଭବାନୀପ୍ରସାଦ କବିରଞ୍ଜନ

ହିମେଦ, ବୈଦ୍ୟ ଘାଟ ୮ କାଶୀଧାମ

# ବିଜ୍ଞାପନ ।

## ପ୍ରଜାବନ୍ଧୁ ।

* ଉତ୍କଳ ଭାଷାରେ ସମ୍ପାଦିତ, ସର୍ବଜନ ପ୍ରଶଂସିତ ସୁଲଭ ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ତୃତୀୟ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣକରିଅଛି । ଗଞ୍ଜାମ ଉତ୍କଳରେ ଏହାର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତିଶୀଳ ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକସଂଖ୍ୟା ନମୁନା ସ୍ୱରୂପ ପଠାଯିବ- ଅଗ୍ରୀମ ବାର୍ଷିକମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର ଓ ଉତ୍କଳମଧୁପ ଗ୍ରାହକ ପକ୍ଷରେ ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକ ଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ ।

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ରବର ଷ୍ଟାମ୍ପ, ଅନାବୃତମଣ୍ଡ, ରଟେଲ, ବ୍ରୁକକୁସଲ ଟ ୩; ଉଷ୍ଣକବ ଷ୍ଟାମ୍ପ ଟ ୩୫; ରେଲଓ୍ୱେ ରେଗୁଲେଟର ଷ୍ଟାମ୍ପ ଟ ୪ ।; ଟ ୫। ଓ ଟ ୯; କୋରଷ୍ଟେସର ହୋଂ ଷ୍ଟାମ୍ପ ଇଷ୍ଟେଟ ଟ୮; ଏଜନ ରୌପ୍ୟ ହର୍ଣ୍ଣ ଟ୧୩ ଓ ୧୫; ଡମି ଥାଇମ୍ ପିସ ଟ ୧୨; ବ, ଇ, ଟ ୩ ଙ୍କା; “ଏନଗୋଲସ୍ୱା”ଷ୍ଟାମ୍ପ ଟ ୩୨ ଟ୪୨; କାଚା ଥାଇମପିସ(ରଙ୍ଗ ଓ ଅଧସରା ବାକବାର) ଟ ୫ ଓ ଟ ୭ ଙ୍କା । ପ୍ରତ୍ୟେକ ଘଡ଼ିର ଗେରେଣ୍ଟି ଦିଆ ଯାଏ ଓ ମାସୁଲ ସ୍ୱତନ୍ତ୍ର ଲାଗେ । ଭ, ପି, ନାହିଁ ।

ଅଳ୍ପ ଔଷଧାର ସରେ୨ ରଙ୍ଗ (୧) “ସଲିଓଡ୍”, ଏ ରଙ୍ଗକାର, ଅଣ୍ଡାଓ ଚିଠିବାଡ଼ ଉଷ୍ଣକାତ, ହରିଡ ସର୍ବ ପ୍ରକାର ନୂତନ ଓ ପୁରାତନ ବାତରୋଗରୁ ଅତି ଶୀଘ୍ର ଆରୋଗ୍ୟ କରେ । (୨) “କୁଇନ୍” ଏ ସର୍ବପ୍ରକାର ଘା, ଖତ, ନାଳୀ ଘାର ଏକମାତ୍ର ଔଷଧ । (୩) “ଅଟନ୍” ଏ ସର୍ବପ୍ରକାର ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟାଦିର ମହୌଷଧ । ପ୍ରତ୍ୟେକର ମୂଲ୍ୟ ୧ ଙ୍କା ମାତ୍ର । ମାସୁଲ ଟ ୦।/ ଅଣା ଅଧିକା ଲାଗିବ ପ୍ରାର୍ଥନୀୟ ।

ମେଲ ହ୍ୱାଉସ, ନୋଂ ୧୧, କଲୁଟୋଲା ଷ୍ଟ୍ରୀଟ, ଧାନକୋଠ କଲିକତା

## ଉପନିଷଦ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଲବକାର କେନେନ, ତୈତ୍ତିରୀୟ, ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଉପନିଷଦ ଗୁଡ଼ିକ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦। ଡାକମାସୁଲ ଟ ୦/ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

## ହରିବଂଶ ମହାଭାରତାନ୍ତର୍ଗତ ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କଦ୍ୱାରା ନବଅକ୍ଷରୀ ଛାନ୍ଦରେ ବୃତ୍ତରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଙ୍କା ଡାକମାସୁଲ ସମେତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଏହି ଉତ୍କଳଦୀପିକା ସହରକଟକ ... ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C 81




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

୪୦ ଶ ଭାଗ
୩୪ ସଂଖ୍ୟା

CUTTACK, SATURDAY THE 26th August 1905.

ତା ୧୧ ଭାଦ୍ର ସନ ୧୩୧୨ ସାଲ ଶନିବାର

ସହର କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନି ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରୀମ ଟ ୩୯
ପଶ୍ଚାଦ୍‌ଦେୟ ଟ ୬୯


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ଟ° ।୵ ଓ ଅର୍ଦ୍ଧସ୍ତମ୍ଭକୁ ଟ ୬୯ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ୩୯ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଶୁଳ୍କ ଟ° ୵ ଆଣାରୁ ଊଣା ହେବ ନାହିଁ। ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଶର୍ତ୍ତ ପ୍ରଥମ ଥରର ତେହରା ଓ ଦୁଇଗୁଣ ଯଥାକ୍ରମେ ହେବ। ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ। ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ।

## NOTICE.

Royalty on green timbers has been temporarily reduced to six pice per cubic-foot. Gentlemen willing to take in large numbers may apply for particulars.

Pal Lahera,
Manager's office
15-8-05

Syam Sunder Nanda
Manager.

କାଠକାଲ ପାଇଁ ଦାଖଲ ମୁଣ୍ଡି ଦ୍ୱାରାର ମାସୁଲ ପ୍ରତି ଘନଫୁଟ ଛଅ ପଇସା ଧାର୍ଯ୍ୟ କରାଯାଇ ହୋଇଅଛି। ସବିଶେଷ ବିବରଣ ଜାଣିବା ପାଇଁ ପତ୍ର ଲେଖିଲେ ଯଥା ଶୀଘ୍ର ଉତ୍ତର ଦିଆ ହେବ।

ପାଲଲହଡ଼ା ମେନେଜରଙ୍କ ଅଫିସ
ତା ୧୫।୮।୦୫ ମସିହା

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ
ମେନେଜର।

## ADVERTISEMENT.

WANTED temporarily a Sub-Inspector of schools under the District Board of Puri (with the prospect of being made permanent) on a salary of Rs. 50 a month plus travelling allowance under the Civil Service Regulation. No one need apply who does not fulfil all the conditions laid down in Government notification No. 486 T. G. dated the 2nd September 1893.

Applications will be received by the undersigned up to the 28th August 1905.

District Board
PURI
16-8-1905

J. R. BLACKWOOD
*Chairman*

## ବିଜ୍ଞାପନ।

### ଇଲେକ୍‌ଟ୍ରିକ ତ୍ରପ।

ମେହ ପ୍ରମେହ ଓ ଧାତୁଦୌର୍ବଲ୍ୟର ମହୌଷଧ ବାଲ୍ୟର କୁସଙ୍ଗ ଓ ଯୌବନର ଅସଥା ଅତ୍ୟାଚାରରେ ମେହ ପ୍ରମେହ ଧାତୁଦୌର୍ବଲ୍ୟ ଜନିତ ଶୁକ୍ରତାରଲ୍ୟ ମୁହୁର୍ମୁହୁ ପ୍ରସ୍ରାବ, ପ୍ରସ୍ରାବ କାଳରେ ଅସହ୍ୟ ଯନ୍ତ୍ରଣା, ସ୍ୱପ୍ନ ଧାତୁ ନିର୍ଗମ, ରକ୍ତ ପ୍ରସ୍ରାବ, ମୂତ୍ରାଘାତ ଧାତୁ ପତନ ମୂତ୍ରନାଳୀର ଜ୍ୱାଳା ମୂତ୍ରଥଳି ମୂତ୍ରନାଳୀର କ୍ଷତ କୋଷ୍ଠବଦ୍ଧ ଓ ଯେତେ ପୁରାତନ ପ୍ରମେହ ହେଉ ନା କାହିଁକି ବହୁମୂତ୍ରପ୍ରଦ ଅଚେତନ କରି ଶରୀର ପୁଷ୍ଟ ଓ ସବଳ କରେ କରେ ଏଥିରେ କୌଣସି ଦୂଷିତ ପଦାର୍ଥ ନାହିଁ, ସେହି କାଳି ଅନେକ ଲୋକଙ୍କୁ ନାନାପ୍ରକାର ଔଷଧ ବ୍ୟବହାର କରି କୌଣସି ଫଳ ପାଇ ନାହାନ୍ତି ଏହି ଏକମାତ୍ର ଔଷଧ।—

ମୂଲ୍ୟ ପ୍ରତି ଶିଶି ଡାକମାସୁଲ ସହିତ ଟ ୨ ଙ୍କା ଦୁଇଟଙ୍କା ମାତ୍ର।

ଆର, ଡି, ପତି
ନ ୨୨ ସେଣ୍ଟ ଜେମସଲେନ
କଲିକତା।

R. D. Pati
22 St. James
Lane, Calcutta.

### ମୋହରର ଓ କ୍ଲର୍କ ଆବଶ୍ୟକ।

ଅନୁଗୁଳ ଡେପୁଟି କମିଶନରଙ୍କ ଆଫିସ କାଗଜ ପତ୍ର ରଖିବା ନିମନ୍ତେ ନିମ୍ନଲିଖିତ ମତେ ମା ୭ ସ ପ୍ରକାଶେ ଠିକା ମୋହରର ଓ କ୍ଲର୍କ ଆବଶ୍ୟକ। ଆବେଦନପତ୍ରମାନ ସାର୍ଟିଫିକେଟ ସହିତ ତାରିଖ ଏକମାସ ତା ୨୫ ରିଖ ସୁଦ୍ଧା ଗ୍ରହଣ ହେବ। ଆବେଦନକାରୀମାନେ ସେମାନଙ୍କର ବୟସ ଓ ଯେ ବେତନ ଆବେଦନ ପତ୍ରରେ ଉଲ୍ଲେଖ କରିବେ।

ମୋହରର ନ ୧୦ ଣ ମାସିକ ଟ ୧୫ ଙ୍କା ବେତନ
କ୍ଲର୍କ ନ ୩ ଣ „ ଟ ୨୦ ଙ୍କା „
କ୍ଲର୍କ ନ ୧ ଣ „ ଟ୩୦ଙ୍କା „ (କମିଶନର ଅଫିସ ପ୍ରକାଶେ)

E. Mc. L. Smith
*Deputy Commissioner,*
ANGUL.

## ନିଲାମ।

ନିମ୍ନଲିଖିତ ଜଙ୍ଗଲମାନଙ୍କରେ ଥିବା ଜାଳେଣିକାଠ ସର୍ତ୍ତିଷ୍ଟ ଓ ଗେର ସନ ୧୯୦୫ ମସିହା ଅକ୍ଟୋବର ମାସ ତା ୨୦ ରେ ଖୋର୍ଦ୍ଧା ନିଲାମ ଜଙ୍ଗଲ ଅଫିସଠାରେ ନିଲାମ କରାଯିବ ତହିଁରେ ସରକାର ସେହି ଘାଟରେ ବିକ୍ରି କରାଯିବ।—

| | | |
|---|---|---|
| ବୁଡ଼ଙ୍ଗ | ୪୨ | ଏକର |
| ଚଣ୍ଡକା | ୨୪୨ | |
| ବାଘପିଠ | ୨୪୨ | „ |
| ଚନ୍ଦଣାଇ | ୩୭ | |
| ପାଟିଆଡ଼ | ୪୮ | „ |
| ମୁଣ୍ଡଲୁ | ୪୪ | „ |
| ସୁନ୍ଦଥ | ୯୨୬ | |
| ଭରତପୁର | ୯୫ | „ |
| ରାମପୁର | ୩୨ | „ |
| ରଘୁର | ୨୨ | „ |
| ମେଣ୍ଢାଶାଳ | ୨୪,୨ | „ |
| ମାଳିଣୀ | ୯୫ | „ |
| କାଶମଙ୍ଗଳ | ୯୦ | „ |
| କଣପଡ଼ି | ୪୭ | „ |
| ଚନ୍ଦକାର | ୪୯ | „ |

ଯେଉଁମାନେ ନିଲାମଡାକ ଉଠାଇବାକୁ ଇଚ୍ଛା କରନ୍ତି ସେମାନେ ଅକ୍ଟୋବର ମାସ ତା ୨୦ ରିଖ ପୂର୍ବରୁ ଉପରୋକ୍ତ ସ୍ଥାନମାନଙ୍କରେ ଥିବା ଜଙ୍ଗଲମାନ ଦେଖି ପାରନ୍ତି। ଫରେଷ୍ଟ ରେଞ୍ଜର ଅଫିସର ସହୋଉ ବସ୍ତ୍ର କୌଣସି ନିୟମଭାବ ମଞ୍ଜୁର କରାଯିବାର ବାଧ୍ୟ ନୁହନ୍ତି।

T. H, MONTEATH.
*Deputy Conservator fo forests*
*Puri Division*
23 3-05

Digitized by srujanika@gmail.com

